
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୧୮ ଅକ୍ଟୋବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 18 October 2024
Vol.No. 35 ■ No.277 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା ପୂଜା ସଂଖ୍ୟା...
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ବିଷାକ୍ତ ମଦ ପିଇ ୨୮ ଜଣଙ୍କ ମୃତ୍ୟୁ

ନୂଆଦିଲ୍ଲୀ, ୧୭/୧୦ : ପୁଣି ବିହାରରେ ବିଷାକ୍ତ ମଦ ହାହାକାର ସୃଷ୍ଟି କରିଛି । ରାଜ୍ୟରେ ବିଷାକ୍ତ ମଦ ପିଇ ୨୮ ଜଣଙ୍କ ମୃତ୍ୟୁ ଘଟିଲାଣି । ଏଥିସହ ଏକାଧିକ ଲୋକ ଆସୁସ୍ଥ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି । ମୃତକମାନେ ସିୱାନ ଏବଂ ଛପରା ଜିଲ୍ଲାର ହୋଇଥିବା ସୂଚନା ମିଳିଛି । ପୁଲିସ ସୂଚନା ଅନୁସାରେ, ଏହି ଦୁଇ ଜିଲ୍ଲାରେ ଅନେକ ଲୋକ ବିଷାକ୍ତ ମଦ ପିଇବା ପରେ ଅସୁସ୍ଥ ହୋଇ ପଡିଥିଲେ । ସେମାନଙ୍କ ମଧ୍ୟରୁ ୨୮ ଜଣଙ୍କ ମୃତ୍ୟୁ ଘଟିଥିଲା । ସେମାନଙ୍କ ମଧ୍ୟରୁ ସିବାନ ଜିଲ୍ଲାର ୨୦ ଜଣ ଥିବାବେଳେ ଛପରାରେ ୮ ଜଣ ଅଛନ୍ତି ।



ଏବେ ମଧ୍ୟ ଜଣଙ୍କ ପରେ ଜଣେ ଅସୁସ୍ଥ ହୋଇ ଡାକ୍ତରଖାନାରେ ଭର୍ତ୍ତି ହେଉଛନ୍ତି । ଫଳରେ ମୃତ୍ୟୁସଂଖ୍ୟା ବଢ଼ିବା ନେଇ ଆଶଙ୍କା କରାଯାଉଛି । ବିହାରରେ ବିଷାକ୍ତ ମଦ ପିଇ ଏକକାଳୀନ ଏତେ ସଂଖ୍ୟକ ଲୋକଙ୍କ ମୃତ୍ୟୁ ଘଟିବା ଏହା ପ୍ରଥମ ଘଟଣା ନୁହେଁ । ପୂର୍ବରୁ ଏପରି ଅନେକ ଘଟଣା ସାମ୍ନାକୁ ଆସିଛି । ଏହାକୁ ଦୃଷ୍ଟିରେ ୨୦୧୬ରେ ତତ୍କାଳୀନ ସରକାର ରାଜ୍ୟରେ ମଦ ବିକ୍ରି ଏବଂ ମଦ ସେବନ ଉପରେ ସମ୍ପୂର୍ଣ୍ଣ ରୋକ୍ ଲଗାଇଥିଲେ । ମାତ୍ର ରାଜ୍ୟରେ ମଦମୃତ୍ୟୁର କରୁଣ ଦୃଶ୍ୟକୁ ରୋକାଯାଇ ପାରୁନାହିଁ । ସେପଟେ ଏପରି ଦୁଃଖଦ ସମୟରେ ରାଜ୍ୟ ସରାକରର ମନ୍ତ୍ରୀ ଥିବା ରନୱଶେ ସାଦାଙ୍କ ଏକ ଅଜବ ବିବୃତ୍ତି ସାମ୍ନାକୁ ଆସିଛି । ଏତେ ସଂଖ୍ୟକ ଲୋକଙ୍କ ମୃତ୍ୟୁ ପରେ ମଧ୍ୟ ଏହା ପ୍ରଶାସନିକ ବିଫଳତା ନୁହେଁ ବୋଲି ସେ କହିଛନ୍ତି । ଏହାକୁ ନେଇ ବିପକ୍ଷ ଆରଜେଡି ଶାସକ ଜେଡିୟୁ ସରକାରଙ୍କ ଉପରେ ପ୍ରବଳ ବର୍ଷିଛନ୍ତି । ସରକାର ରାଜ୍ୟରେ ମଦମୃତ୍ୟୁକୁ ରୋକିବାରେ ବିଫଳ ହୋଇଥିବା ବିରୋଧୀ ଅଭିଯୋଗ ଆଣିଛନ୍ତି ।

## ବିଜୁବାବୁଙ୍କୁ 'ଭାରତ ରତ୍ନ' ମିଳିବାକୁ ବିରୋଧ କରୁଥିଲେ ପାଣ୍ଡିଆନ: ପ୍ରସନ୍ନ ପାଟଶାଣୀ

ଭୁବନେଶ୍ୱର, ୧୭/୧୦ (ନି.ପ୍ର): ବିଜେଡିର ୨୪ବର୍ଷ ଶାସନର ପତନର କାରଣ ସାଜିଥିବା ବିଜେଡିର ଅଘୋଷିତ ସର୍ବେସର୍ବା ଭିକେ ପାଣ୍ଡିଆନଙ୍କ ବିରୁଦ୍ଧରେ ପୁଣିଏକ ସାଂଘାତିକ ଅଭିଯୋଗ । ବିଜୁ ପରିବାର ସଦସ୍ୟମାନଙ୍କୁ ନାପସନ୍ଦ କରୁଥିଲେ ପାଣ୍ଡିଆନ । ଏପରିକି ପ୍ରବାଦପୁରୁଷ ବିଜୁ ପଟ୍ଟନାୟକ ଓ ତାଙ୍କ କନ୍ୟା ଗୀତା ମେହେଟ୍ଟାଙ୍କୁ ଜାତୀୟସ୍ତରରେ ସମ୍ମାନ ମିଳୁ ବୋଲି ପାଣ୍ଡିଆନ ଚାହୁଁନଥିଲେ । ଏଭଳି ଅଭିଯୋଗ ଆଣିଛନ୍ତି ବିଜେଡିର ପ୍ରତିଷ୍ଠାତା ସଦସ୍ୟ ତଥା ବରିଷ୍ଠ ନେତା ପ୍ରସନ୍ନ ପାଟଶାଣୀ । ବିଜୁବାବୁଙ୍କୁ 'ଭାରତରତ୍ନ' ମିଳିବା ଦାବିକୁ ମଧ୍ୟ ପାଣ୍ଡିଆନ ବିରୋଧ କରୁଥିଲେ ବୋଲି ଶ୍ରୀ ପାଟଶାଣୀ କହିଛନ୍ତି । ଏକ ସାକ୍ଷାତକାର ଦେଇ ଶ୍ରୀ ପାଟଶାଣୀ କହିଛନ୍ତି ଯେ, ବିଜୁବାବୁଙ୍କୁ 'ଭାରତ ରତ୍ନ' ମିଳୁ ବୋଲି ସେ ସଂସଦରେ ଦାବି ଉପସ୍ଥାପନ କରିଥିଲେ । ଯାହାକୁ ପାଣ୍ଡିଆନ ବିରୋଧ କରିଥିଲେ । ଆଉ ଫୋନ୍ କରି କାହିଁକି ଏଭଳି ଦାବି କରୁଛ ବୋଲି ପ୍ରଶ୍ନ କରିଥିଲେ । ଭବିଷ୍ୟତରେ ଏଭଳି ଦାବି ନକରିବାକୁ ମଧ୍ୟ ପାଣ୍ଡିଆନ ତାଗିଦ୍ କରିଥିଲେ । କେବଳ ସେତିକି ନୁହେଁ ବିଜୁବାବୁଙ୍କ କନ୍ୟା ଗୀତା ମେହେଟ୍ଟାଙ୍କୁ ରାଜ୍ୟସଭା ପଠାଯାଉ ବୋଲି ଦାବି କରିଥିଲି । ତାହା ମଧ୍ୟ ପାଣ୍ଡିଆନଙ୍କୁ ପସନ୍ଦ ହୋଇନଥିଲା । କାହିଁକି ଏସବୁ କଥା କହୁଛନ୍ତି ବୋଲି ପଚାରିବା ସହ ମୋତେ ଚୁପ୍ ରହିବାକୁ ବାଧ କରାଯାଇଥିଲା



ବୋଲି ଶ୍ରୀ ପାଟଶାଣୀ କହିଛନ୍ତି । ଆଉ 'ଭଗବାନ'ଙ୍କ ନାଁ ନେଇ ଏସବୁ ସତ ବୋଲି ମଧ୍ୟ କହିଥିଲେ । ଏହାସହିତ ପାଣ୍ଡିଆନଙ୍କ ଔଦ୍ଧତ୍ୟ ଓ ଗର୍ବ ପାଇଁ ବିଜେଡିକୁ ଏଭଳି ଫଳ ଭୋଗିବାକୁ ପଡ଼ିଲା ବୋଲି ପାଟଶାଣୀ କହିଛନ୍ତି । ତେବେ ପ୍ରଶ୍ନ ଉଠୁଛି, ଯେଉଁ ଦଳ ବିଜୁବାବୁଙ୍କ ନାଁ ଓ ଆଦର୍ଶରେ ଗଢ଼ା ହୋଇଥିଲା ସେହି ଦଳର ନେତାମାନେ ଯଦି ବିଜୁ ପଟ୍ଟନାୟକଙ୍କୁ ଭାରତରତ୍ନ ପାଇଁ ଦାବି କଲେ ତାକୁ ପାଣ୍ଡିଆନ ବିରୋଧ କରିବା ପଛରେ କ'ଣ ରହସ୍ୟ ରହିଛି । ଏପରିକି ବିଜୁବାବୁ ଓ ତାଙ୍କ ପରିବାର ସଦସ୍ୟଙ୍କୁ ବିରୋଧ କରି ପାଣ୍ଡିଆନ ବିଜେଡିରେ କାହାର ଉଦ୍ଦେଶ୍ୟକୁ ଚରିତାର୍ଥ କରୁଛନ୍ତି ବୋଲି ସାଧାରଣରେ ପ୍ରଶ୍ନ ଉଠିଲାଣି । ସାଧାରଣ ନିର୍ବାଚନରେ ବିଜେଡିର ▶▶ପୃଷ୍ଠା ୭

## ପୁରୀରେ ବ୍ରତ ପାଳିବାକୁ ଯାଇ ହନ୍ତସନ୍ତ ହବିଷ୍ୟାଳୀ



ପୁରୀ, ୧୭/୧୦ (ନି.ପ୍ର): ହବିଷ୍ୟାଳି ହନ୍ତସନ୍ତ । ଜିଦ୍ ଧରି ଧାରଣା । କହୁଛନ୍ତି- ସରକାରୀ ଶିବିରକୁ ଯିବୁ, ସେଇଠି ରହି କାର୍ତ୍ତିକ କରିବୁ । ପୁରୀ ବୃନ୍ଦାବତୀ ନିବାସ ଆଗରେ ଧାରଣାରେ ବସିଛନ୍ତି ଶହ ଶହ ହବିଷ୍ୟାଳି । କାହାର ଅଣ୍ଟା ନଇଁ ଯାଇଛି ତ କାହା ବୟସ ୮୦ ଟପିଛି । ଆସନ୍ତାକାଲିଠୁ ମହାକାର୍ତ୍ତିକ ବ୍ରତ ପାଳନ ପାଇଁ ପୁରୀରେ ପହଞ୍ଚିବା ପରେ କେଉଁଠି ରହିବେ ? କେଉଁ ଶିବିରକୁ ଯିବେ ? ସେ ସୂଚନା ପାଇଁ ଖୋଜି ଖୋଜି ନୟାନ୍ତ ହେବା ପରେ, ଶେଷରେ ବୃନ୍ଦାବତୀ ନିବାସ ଆଗରେ ଦେଇଛନ୍ତି ଧାରଣା । ସେଇଠି ନାଁ ରେଜିଷ୍ଟ୍ରେସନ ହେଉଥିବା ଖବର ପାଇ ଆସିଥିଲେ, ହାତରେ ରେଜିଷ୍ଟ୍ରେସନ ଫର୍ମ ବି ଧରିଥିଲେ । ହେଲେ ଅନଲାଇନରେ ସେମାନଙ୍କ ଆବେଦନ ମଞ୍ଜୁରି ହୋଇନଥିବାରୁ ତାଙ୍କୁ ଶିବିରକୁ ▶▶ପୃଷ୍ଠା ୭

## ଅମରଙ୍କ ବଡ଼ ବୟାନ: ବିଜେଡି ଛାଡ଼ିପାରନ୍ତି ଆଉ କିଛି ରାଜ୍ୟସଭା ପ୍ରାର୍ଥୀ

ଭୁବନେଶ୍ୱର, ୧୭/୧୦ (ନି.ପ୍ର): ଆଜି ପୁଣି ବଡ଼ ବୟାନ ଦେଲେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ରାଜନେତା ଅମର ପ୍ରସାଦ ଶତପଥୀ । ସେ କହିଛନ୍ତି, ବିଜେଡି ଛାଡ଼ିପାରନ୍ତି ଆଉ କିଛି ରାଜ୍ୟସଭା ଏମପି । ୨ ଜଣଙ୍କ ପରେ ଆଉ କିଛି ଏମପି ଛାଡ଼ିପାରନ୍ତି । ଦଳରେ ପୂର୍ବରୁ ଅସନ୍ତୋଷ ଥିଲା, କିନ୍ତୁ କେହି ମୁହଁ ଖୋଲୁନଥିଲେ । ସେ କହିବା ଆରମ୍ଭ କରିବାରୁ ଅନେକ ମୁହଁ ଖୋଲୁଛନ୍ତି । ▶▶ପୃଷ୍ଠା ୭

## ଓଡ଼ିଶାକୁ ପୁଣି ବାତ୍ୟା ଛନକା: ୨୨ରେ ଲଘୁଚାପ

ଭୁବନେଶ୍ୱର, ୧୭/୧୦ (ନି.ପ୍ର): ୨୦ରେ ଘୂର୍ଣ୍ଣିବଳୟ, ୨୨ ବେଳକୁ ଲଘୁଚାପ କ୍ଷେତ୍ର । ପରେ ଲଘୁଚାପ ଅଧିକ ଘନୀଭୂତ ହେବାର ସମ୍ଭାବନା । କିନ୍ତୁ ଏହା ଅବପାତ ହେବ ନା ଅଧିକ ଘନୀଭୂତ ହୋଇ ବାତ୍ୟାର ରୂପ ନେବ ସେନେଇ ଦେଖାଦେଇଛି ସସପେନସ । ବାତ୍ୟା ସନ୍ଦେହ ଏଥିପାଇଁ ଉପୁଜିଛି, କାହିଁକି ନା କିଛି ବିଦେଶୀ ମଡେଲ୍ ଘୂର୍ଣ୍ଣିବଳୟ ପରେ ବାତ୍ୟା ରୂପ ନେବ ବୋଲି ଆକଳନ କରୁଛନ୍ତି । କିନ୍ତୁ ଭାରତୀୟ ପାଣିପାଗ ବିଭାଗ-ଓଗଡ ଏଯାଏଁ ବାତ୍ୟା ନେଇ କୌଣସି ଆକଳନ କରିନାହିଁ । ଆଇଏମଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି ଯେ, ଆସନ୍ତା ୨୦ ତାରିଖ ସୁଦ୍ଧା ଆଣ୍ଡାମାନ ସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାକୁ ଯାଉଛି । ୨୨ ବେଳକୁ ଏହା କେନ୍ଦ୍ରୀୟ ବଙ୍ଗୋପସାଗରରେ ଲଘୁଚାପରେ ପରିଣତ ହେବ । କ୍ରମେ ଲଘୁଚାପ କ୍ଷେତ୍ର ଉତ୍ତର ପଶ୍ଚିମ ଦିଗକୁ ଗତି କରି ୨୪ରେ



ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ଓଡ଼ିଶାରେ ବର୍ଷା ଏବଂ ୨୪ରେ ଅଧିକ ବର୍ଷାର ସମ୍ଭାବନା ରହିଛି । ▶▶ପୃଷ୍ଠା ୭

## ଖୋଲିବ ଫେକ୍ କଲ୍ ସେଣ୍ଟର ଗୁମର: ରିମାଣ୍ଡରେ ଯିବେ ଅଭିଯୁକ୍ତ

ଭୁବନେଶ୍ୱର, ୧୭/୧୦ (ନି.ପ୍ର): ରାଜଧାନୀରୁ ଫେକ୍ କଲ ସେଣ୍ଟର ଠାବ ହେବା ଘଟଣାରେ ୬ ଅଭିଯୁକ୍ତଙ୍କୁ ୫ ଦିନିଆ ରିମାଣ୍ଡରେ ଆଣିବା ପାଇଁ କୋର୍ଟରେ ଆବେଦନ କରିଛି ପୋଲିସ । ଏନେଇ ସୂଚନା ଦେଇଛନ୍ତି ଭୁବନେଶ୍ୱର ଡିସିପି ପିନାକ ମିଶ୍ର । ସାରା ଦେଶରେ ଏମାନେ ଠକେଇ କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି । ଅଧିକ ତଦନ୍ତ ପାଇଁ ସ୍ପେଶାଲ ଟିମ ଗଠନ ହୋଇଛି । ଯେଉଁଥିରେ କିଛି ସାଇଣ୍ଟିଫିକ ଓ ଟେକ୍ନିକାଲ ଅଫିସର ଅଛନ୍ତି । ମୁଖ୍ୟତଃ ସଫ୍ଟୱେର ପ୍ରଡକ୍ଟ ବା ଆଣ୍ଟି ଭାଇରସ ଅପଲୋଡ୍ କରିବାକୁ କହି କିଛି ବିଦେଶୀଙ୍କୁ ମଧ୍ୟ ଏହି ଠକମାନେ ଚୂନା ଲଗାଇଥିବା ଜାଣିବାକୁ ପାଇଛି ପୋଲିସ । ଗିରଫ ଅଭିଯୁକ୍ତମାନେ ଉଚ୍ଚ ଶିକ୍ଷିତ ଥିବାବେଳେ ସେମାନଙ୍କର ଆକାଉଣ୍ଟ ଯାଞ୍ଚ ଚାଲିଛି । ଏନେଇ ଖୁବଶୀଘ୍ର କୋଲକାତା ଗସ୍ତ କରିବ କମିଶନରେଟ ପୋଲିସ । ସେପଟେ ଅଭିଯୁକ୍ତଙ୍କୁ ୫ ଦିନିଆ ରିମାଣ୍ଡରେ ନେବା ପାଇଁ ଆବେଦନ କରିଛି କମିଶନରେଟ ପୋଲିସ । ସୂଚନା ମୁତାବକ ୬ ଅଭିଯୁକ୍ତ ପଶ୍ଚିମବଙ୍ଗରୁ ଆସି ଭୁବନେଶ୍ୱର ସୁନ୍ଦରପଦାରେ ଏକ ଆପାର୍ଟମେଣ୍ଟରେ ଫ୍ଲାଟ୍ ନେଇ ଫେକ୍ କଲ ସେଣ୍ଟର ଚଳାଉଥିଲେ । ଖବର ପାଇ ପୋଲିସ ଚଢାଉ କରି ୬ ଅଭିଯୁକ୍ତଙ୍କୁ ଧରିବା ▶▶ପୃଷ୍ଠା ୭

## ଘୋଷଣା ହେଲେ ୟୁଜିସି ନେଟ୍ ରେଜଲ୍ଟ

ନୂଆଦିଲ୍ଲୀ, ୧୭/୧୦ : ପ୍ରକାଶ ପାଇଛି ୟୁଜିସି ନେଟ ରେଜଲ୍ଟ । ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି ପକ୍ଷରୁ ୟୁଜିସି ନେଟ ଜୁନର ରେଜଲ୍ଟ ଘୋଷଣା କରାଯାଇଛି । ୟୁଜିସି ନେଟ ଜୁନ ୨୦୨୪ ରେଜଲ୍ଟ ସହ ଏନଟିଏ ବିଷୟ ୱାରୀ ଓ ବର୍ଗ ୱାରୀ କଟ ଅଫ ମାର୍କ ମଧ୍ୟ ଜାରି କରିଛି । ଏବେ ପିଲାମାନେ https://ugcnet.ntaonline.in/frontend/web/scorecard/ugc-final-score-card୨୦୨୪କୁ ଯାଇ ନିଜର ରେଜଲ୍ଟ ଓ କଟ ଅଫ ମାର୍କ ବିଷୟରେ ଜାଣି ପାରିବେ । ୟୁଜିସି ନେଟ ଜୁନ ୨୦୨୪ ପରୀକ୍ଷା ଅଗଷ୍ଟ ୨୧ରୁ ସେପ୍ଟମ୍ବର ୪ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ବିଭିନ୍ନ ସହରରେ ହୋଇଥିବା ପରୀକ୍ଷା କେନ୍ଦ୍ରରେ ୧୧ ଲକ୍ଷ ୨୧ ହଜାର ୨୨୫ ପରୀକ୍ଷାର୍ଥୀ ▶▶ପୃଷ୍ଠା ୭

## ହରିୟାଣା ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ନାଏବ ସିଂ ସୈନୀ

ନୂଆଦିଲ୍ଲୀ, ୧୭/୧୦ : ହରିୟାଣା ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି ନାୟବ ସିଂ ସୈନୀ । ଦ୍ୱିତୀୟ ଥର ପାଇଁ ସେ ହରିୟାଣା ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି । ହରିୟାଣା ସରକାରଙ୍କ ଶପଥ ଗ୍ରହଣ ସମାରୋହରେ ପାୱାର ସୋ କରିଛି ବିଜେପି । ପଞ୍ଚକୁଲା ଶପଥ ଗ୍ରହଣ ସମାରୋହରେ ଉପସ୍ଥିତ ଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଏହାସହ ବିଜେପି ଶାସିତ ଓ ଘଉଇ ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ଯୋଗ ଦେଇଥିଲେ । ସେହିପରି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ସମେତ ଅନ୍ୟ କେନ୍ଦ୍ର ମନ୍ତ୍ରୀ ଉପସ୍ଥିତ ଥିଲେ । ଏହି ସମାରୋହରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ଆସାମ



ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା, ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ଉପସ୍ଥିତ ଥିଲେ । ଆଜି ଶପଥ ଗ୍ରହଣ ଠାରୁ ହରିୟାଣାରେ ମୁଖ୍ୟମନ୍ତ୍ରୀ ଭାବେ ଦ୍ୱିତୀୟ ଇନିଂସ ଆରମ୍ଭ କରିଛନ୍ତି ସୈନୀ । ପଞ୍ଚକୁଲା ସ୍ଥିତ ସେକ୍ଟର ୫ ପରେଡ୍ ଗ୍ରାଉଣ୍ଡରେ ଏହି ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହୋଇଛି । ସୈନୀଙ୍କ ନେତୃତ୍ୱରେ ଏଥର ହରିୟାଣା ନିର୍ବାଚନ ଲଢିଥିଲା ଭାରତୀୟ ▶▶ପୃଷ୍ଠା ୭

## ଦାଉ ସାଧୁଛନ୍ତି ସାଇବର ଠକ: ଆଖି ପିଛୁଳାକେ ଖାଲି କରିଦେଉଛନ୍ତି ବ୍ୟାଙ୍କ ଆକାଉଣ୍ଟ

ଭୁବନେଶ୍ୱର, ୧୭/୧୦ (ନି.ପ୍ର): ସାଂଘାତିକ ଦାଉ ସାଧୁଛନ୍ତି ସାଇବର ଠକ...ଆଖି ପିଛୁଳାକେ ଖାଲି କରିଦେଉଛନ୍ତି ବ୍ୟାଙ୍କ ଆକାଉଣ୍ଟ...ଚୁଟକୀରେ ଚୂନା ଲଗାଇଦେଉଛନ୍ତି ଲକ୍ଷ ଲକ୍ଷ, କୋଟି କୋଟି ଟଙ୍କା । ଭୁବନେଶ୍ୱର ସୁନ୍ଦରପଦାରେ ନକଲି କଲ୍ ସେଣ୍ଟର ସ୍ଥାପନ କରି ଲୋକଙ୍କୁ ଲୁଟୁଥିଲେ ସାଇବର ଲୁଟେରା । ଏପରିକି ଆମେରିକା ଯାଏଁ ଭାରତୀୟ ବଂଶୋଦ୍ଭବଙ୍କୁ ଟାର୍ଗେଟ୍ କରି କରୁଥିଲେ ଫୋନ କଲ୍ । ଯାହାଙ୍କୁ ଗତକାଲି ଗିରଫ ପରେ ଆଜି ରିମାଣ୍ଡରେ ଯିବା ପରେ ୬ ଅଭିଯୁକ୍ତଙ୍କଠାରୁ ଏହି ଅନ୍ତର୍ଜାତୀୟ



ରାକେଟର ଖୋଳତାଡ଼ କରିବ ପୋଲିସ । ଏଥିପାଇଁ ଭୁବନେଶ୍ୱରରେ ସେଣ୍ଟ୍ରାଲ୍ ଆଇବି ବା କେନ୍ଦ୍ରୀୟ ଗୁଇନ୍ଦା ଟିମ୍ ପହଞ୍ଚିସାରିଛି । ଖୁବଶୀଘ୍ର କମିଶନରେଟ୍ ପୋଲିସ ଯିବ ପଶ୍ଚିମବଙ୍ଗ । କାରଣ ଏମାନେ ସମସ୍ତେ ବଙ୍ଗୀୟ ଯୁବକ । ବାଂଲାଦେଶୀ ଅସାଦୁର ଜମାନର ସିମ୍ ବକ୍ସ କ୍ରାଇମ୍ ଷ୍ଟାଇଲରେ ଚଳାଇଥିଲେ ମିନି ଟେଲିଫୋନ୍ ଏକ୍ସଚେଞ୍ଜ । କେବେ ସିମବକ୍ସ ରାକେଟ୍ ତ ଆଉ କେବେ ଫେକ୍ କଲ୍ ସେଣ୍ଟର । ▶▶ପୃଷ୍ଠା ୭

## ବାହରାଇଚ ହତ୍ୟା ଅଭିଯୁକ୍ତଙ୍କୁ ଗୁଳି କଲା ପୁଲିସ୍: ନେପାଳ ଖସିଯିବାକୁ ଚେଷ୍ଟା କରୁଥିଲେ

ନୂଆଦିଲ୍ଲୀ, ୧୭/୧୦ : ଉତ୍ତର ପ୍ରଦେଶ ବାହରାଇଚରେ ଦୁର୍ଗା ପୂଜା ବିସର୍ଜନ ବେଳେ ଘଟିଥିବା ହତ୍ୟାକାଣ୍ଡର ଅଭିଯୁକ୍ତଙ୍କୁ ଏକାଉଣ୍ଟର କରିଛି ପୁଲିସ୍ । ବାହରାଇଚରେ ରାମ ଗୋପାଲ ମିଶ୍ରାଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା । ଏହି ଘଟଣାର ଦୁଇ ଅଭିଯୁକ୍ତଙ୍କ ସର୍ଫରାଜ ଓ ଫହିମଙ୍କୁ ଆଜି ପୁଲିସ୍ ଗୁଳି କରିଛି । ନେପାଳ ସୀମାନ୍ତରେ ଏନକାଉଣ୍ଟର ହୋଇଛି । ଏହାର



ଅର୍ଥ ଦୁଇ ଅଭିଯୁକ୍ତ ନେପାଳ ଖସିଯିବାକୁ ଚେଷ୍ଟା କରୁଥିଲେ । ହେଲେ ସେମାନେ ନିଜ ଯୋଜନାରେ ସଫଳ ହେବା ଆଗରୁ ପୁଲିସ୍ ଗୁଳି ଖାଇଛନ୍ତି । ଉଭୟଙ୍କ ଗୋଡ଼ରେ ଗୁଳି ବାଜିଛି । ପୁଲିସ ସେମାନଙ୍କୁ ଘଟଣାସ୍ଥଳରୁ ଗିରଫ କରି ହସ୍ପିଟାଲରେ ଭର୍ତ୍ତି କରିଛି । ମିଳିଥିବା ସୂଚନା ଅନୁସାରେ, ସର୍ଫରାଜ ଓ ଫହିମର ଗୋଡ଼ରେ ଗୁଳି ବାଜିଛି । ଉଭୟ ହେଉଛନ୍ତି ବାହରାଇଚ ହିଂସାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଅବଦୁଲ ହମିଦଙ୍କ ପୁଅ । ସର୍ଫରାଜ ଓ ଫହିମ ବ୍ୟତୀତ ଏନକାଉଣ୍ଟର ହୋଇଥିବା ନେପାଳ ସୀମାରୁ ଆଉ ୩ ଜଣଙ୍କୁ ମଧ୍ୟ ପୁଲିସ୍ ଗିରଫ କରିଛି । ଅର୍ଥାତ ▶▶ପୃଷ୍ଠା ୭

## ଜଷ୍ଟିସ ସଞ୍ଜୀବ ଖାନ୍ନା ହେବେ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି

ନୂଆଦିଲ୍ଲୀ, ୧୭/୧୦ : ଜଷ୍ଟିସ ସଞ୍ଜୀବ ଖାନ୍ନା ହେବେ ସୁପ୍ରିମକୋର୍ଟର ପରବର୍ତ୍ତୀ ପ୍ରଧାନ ବିଚାରପତି । ବର୍ତ୍ତମାନର ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡଙ୍କ ଅବସର ପରେ ସେ ସର୍ବୋଚ୍ଚ ନ୍ୟାୟାଳୟର ୫୧ତମ ପ୍ରଧାନ ବିଚାରପତି ଭାବେ ଦାୟିତ୍ୱ ନେବେ । ଏନେଇ କେନ୍ଦ୍ର ସରକାରଙ୍କୁ ଚିଠି ଲେଖି ସୁପାରିସ କରିଛନ୍ତି ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼ । ଆସନ୍ତା ନଭେମ୍ବର ୧୦ରେ ଜଷ୍ଟିସ ଡି.ୱାଇ. ଚନ୍ଦ୍ରଚୂଡ଼ ଅବସର ନେବେ । ଏହାପରେ ଜଷ୍ଟିସ ସଞ୍ଜୀବ ଖାନ୍ନା ନଭେମ୍ବର ୧୧ରେ ପ୍ରଧାନ ବିଚାରପତି ଭାବେ ଦାୟିତ୍ୱ ନେବେ । ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଭାବେ ତାଙ୍କ କାର୍ଯ୍ୟକାଳ ଛଅ ମାସ ରହିବ । ଅର୍ଥାତ୍ ଜଷ୍ଟିସ ଖାନ୍ନାଙ୍କ କାର୍ଯ୍ୟକାଳ ଆସନ୍ତା ବର୍ଷ ମେ ୧୩ରେ ଶେଷ ହେବ । ୧୯୮୩ରେ ଦିଲ୍ଲୀ ବାର୍ କାଉନସିଲରେ ପଞ୍ଜୀକରଣ ସହ ଆଇନଜୀବୀ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ ଜଷ୍ଟିସ ଖାନ୍ନା । ପ୍ରଥମେ ସେ ହଜାରି କମ୍ପ୍ଲେକ୍ସ ଜିଲ୍ଲାକୋର୍ଟରେ ଓକିଲ ଭାବେ ଅଭ୍ୟାସ କରିଥିଲେ । ଏହାପରେ ବିଭିନ୍ନ ହାଇକୋର୍ଟରେ ଓକିଲାତି କରିବା ସହ ସହକାରୀ ସରକାରୀ ଓକିଲ ଭାବେ ଦିଲ୍ଲୀ ହାଇକୋର୍ଟରେ କାର୍ଯ୍ୟ କରିଥିଲେ । ▶▶ପୃଷ୍ଠା ୭

# ଡାକ୍ତର ଅଭାବ ଯୋଗୁ ଜିଲ୍ଲାରେ କ୍ୱାକ୍ ଓ ଗୁଣିଗାରେଡ଼ି ଉପରେ ଭରସା କରୁଛନ୍ତି ଲୋକେ

ମାଲକାନଗିରି, ୧୭/୧୦ (ନି.ପ୍ର): ଡାକ୍ତରଖାନା ଅଛି, ନାହାନ୍ତି ଡାକ୍ତର। ସରକାରୀ ତଥ୍ୟ ଅନୁଯାୟୀ ମାଲକାନଗିରି ଜିଲ୍ଲାରେ ଖାଲି ପଡ଼ିଛି ୨୩୦ ଡାକ୍ତର ପଦବୀ। କେବଳ ଡାକ୍ତର ନୁହଁନ୍ତି ଶତାଧିକ ଷ୍ଟାଫ ନର୍ସ ଏବଂ ସ୍ୱାସ୍ଥ୍ୟ କର୍ମୀ ପଦବୀ ବି ଖାଲି। ଜିଲ୍ଲାରେ ନାହାନ୍ତି ପ୍ରାୟ ୯୦ ପ୍ରତିଶତ ବିଶେଷଜ୍ଞ । ୨୦୨୧ରେ ଆରମ୍ଭ ହୋଇଥିବା ମୁଖ୍ୟମନ୍ତ୍ରୀ ବାୟୁ ସେବା ମାତ୍ର ୫ ଥର ସେବା ଯୋଗାଇ ଠପ୍ ହୋଇଗଲା ।ଏଭଳି ସ୍ଥିତିରେ କ୍ୱାକ୍ ଓ ଗୁଣିଗାରେଡି ଉପରେ ଭରସା କରୁଛନ୍ତି ଲୋକେ। ଉପାନ୍ତ ଅଂଚଳରେ ପଙ୍ଗୁ ହେଲାଣି ସ୍ୱାସ୍ଥ୍ୟ ସେବା ! ଡାକ୍ତରଖାନା ଅଛି, ନାହାନ୍ତି ଡାକ୍ତର । ଚିକିତ୍ସା ନ ପାଇ କଲବଲ ରୋଗୀ । ମାଲାକାନଗିରି ଜିଲ୍ଲାରେ ସ୍ୱାସ୍ଥ୍ୟ ସେବାର ବିକଳ ଚିତ୍ର। ଜିଲ୍ଲାର ଯେକୌଣସି ଅଂଚଳକୁ ନେଇ ଦେଖିଲେ ସ୍ଥିତି କେମିତି ତାହା ଜଳ ଜଳ ଦେଖା ଯାଉଛି । ଏହି କ୍ରମରେ ଜିଲ୍ଲାର ମାଟାପାକା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ କେମିତି ଚାଲିଛି ସ୍ୱାସ୍ଥ୍ୟ ସେବା ତାହାର ବିକଳ ଚିତ୍ର ଦେଖିବାକୁ ମିଳିଛି । ଏଠାରେ ଜଣେ ଡାକ୍ତର ଓ ଜଣେ ଫାର୍ମାସିଷ୍ଟଙ୍କ ଭରସାରେ ଚାଲିଛି ମେଡିକାଲ । କୌଣସି କାରଣରୁ ଡାକ୍ତର ଅନୁପସ୍ଥିତ ରହିଲେ କଥା ସରିଲା । ଫାର୍ମାସିଷ୍ଟଙ୍କ କାନ୍ଧରେ ସବୁ ଭାର ।ତଥ୍ୟ ଅନୁଯାୟୀ ମାଲକାନଗିରି ଜିଲ୍ଲାରେ ମୋଟ ୩୮୨ ଡାକ୍ତର ପଦବୀ ଥିବା ବେଳେ ଅଛନ୍ତି ମାତ୍ର ୧୪୪ ଜଣ। ସେହିପରି ଜିଲ୍ଲାରେ ୫୬ ଜଣ ବିଶେଷଜ୍ଞ ପଦବୀ ଅନୁମୋଦିତ ହୋଇଥିବା ବେଳେ ଅଛନ୍ତି ମାତ୍ର ୧୪ ଜଣ। ଜିଲ୍ଲା ସଦର ମହକୁମା ଚିକିତ୍ସାଳୟ ୩ ଶହ ଶଯ୍ୟା ବିଶିଷ୍ଟ ହୋଇଥିବା ବେଳେ ଏଠାରେ ୮୯ଟି ଡାକ୍ତର ପଦବୀ ଆବଶ୍ୟକ । ହେଲେ ଅଛନ୍ତି ମାତ୍ର ୪୩ ଜଣ। କେବଳ ଡାକ୍ତର ପଦବୀ ନୁହେଁ ଜିଲ୍ଲାରେ ୧୦୧୫ ଷ୍ଟାଫନର୍ସ ଓ ସ୍ୱାସ୍ଥ୍ୟ କର୍ମୀ ବଦଳରେ ଅଛନ୍ତି ମାତ୍ର ୬୧୭ ଜଣ। ସ୍ୱାସ୍ଥ୍ୟାବସ୍ଥାର ଏହି ରିପୋର୍ଟ ହିଁ ଦର୍ଶାଉଛି ଜିଲ୍ଲାରେ କେମିତି ଭୁଷୁଡ଼ି ପଡ଼ିଛି ସ୍ୱାସ୍ଥ୍ୟ ଭିତ୍ତିଭୂମି । ଥିଲା ବାଲା ବାହାରକୁ ଯାଇ ଚିକିତ୍ସିତ ହେଉଥିବା ବେଳେ ଗରିବ ଗୁରୁବାଙ୍କ ଭରସା ଭଗବାନ ।ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଉପରେ କେବଳ ଯେ ମାଲକାନଗିରି ଜିଲ୍ଲାବାସୀ ନୁହେଁ ବରଂ ପଡୋଶୀ ଛତିଶଗଡ ବାସିନ୍ଦା ବି ନିର୍ଭର କରନ୍ତି। ଉପାନ୍ତ ମାଲକାନଗିରିରେ ଉତ୍ତମ ଚିକିତ୍ସା ଯୋଗାଇବା ପାଇଁ ୨୦୨୧ରେ ମୁଖ୍ୟମନ୍ତ୍ରୀ ବାୟୁସେବା ଆରମ୍ଭ ହୋଇଥିଲା । ବିଶେଷଜ୍ଞ ଟିମ ଆସି ଲୋକଙ୍କୁ ସେବା ଯୋଗାଉଥିଲେ। କିନ୍ତୁ ଏହାରି ଭିତରେ ମାତ୍ର ୫ ଥର ଏହି ସେବା ଜିଲ୍ଲାବାସୀ ପାଇଥିବା ବେଳେ ୨୮-୮-୨୦୨୩ ପରେ ଏହା ବନ୍ଦ ହୋଇଯାଇଛି। ଏ ସଂପର୍କରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ କହିଛନ୍ତି ଡାକ୍ତର ଓ ବିଶେଷଜ୍ଞଙ୍କ ପାଇଁ ବାରମ୍ବାର ଚିଠି ମାଧ୍ୟମରେ ସରକାରଙ୍କୁ ଅବଗତ କରାଯାଉଛି। ଉପାନ୍ତ ଅଂଚଳରେ ଲୋକଙ୍କୁ ଆମେ ଯଥା ସମ୍ଭବ ଚିକିତ୍ସା ଯୋଗାଇ ଆସୁଛୁ। ଡାକ୍ତର ଅଭାବ ଯୋଗୁ ଜିଲ୍ଲାରେ କ୍ୱାକ୍ ଓ ଗୁଣିଗାରେଡ଼ି ଉପରେ ଭରସା କରୁଛନ୍ତି ଲୋକେ ।

# କୋଟଗଡ଼ ବ୍ଲକର ୯ଗୋଟି ପଂଚାୟତର ଲୋକେ ମୋବାଇଲ ନେଟୱାର୍କରୁ ବଂଚିତ

କନ୍ଧମାଳ, ୧୭/୧୦ (ନି.ପ୍ର): କନ୍ଧମାଳ ଜିଲ୍ଲା କୋଟଗଡ ବ୍ଲକ ଅନ୍ତର୍ଗତ ଓରା ପଂଚାୟତ, ସୁବର୍ଣ୍ଣ ଗିରି ପଂଚାୟତ, ସାର୍ତ୍ତୁଲ ପଂଚାୟତ, ମାର୍ଲାଙ୍ଗା ପଂଚାୟତ, ଗୁଗୁରମାହା ପଂଚାୟତ, ଶ୍ରୀରାମପୁର ପଂଚାୟତ, ଯୁବାଗୁଡା ପଂଚାୟତ,ପକାରୀ ପଂଚାୟତ ର ଲୋକେ ନେଟ ୱାର୍କ ସେବାରୁ ବଂଚିତ। ୨ ବର୍ଷ ରୁ ଉର୍ଦ୍ଧ ହେବ ଟାୱାର କାମ ସରିଲାଣି ହେଲେ ଆଜି ପର୍ଯ୍ୟନ୍ତ ଲୋକେ ସେବା ପାଇବାରୁ ବଂଚିତ ରହିଛନ୍ତି କୋଟଗଡ଼ ବ୍ଲକ ର ଦୁର୍ଗମ ଅଂଚଳ ଜଙ୍ଗଲ, ପାହାଡ଼, ପର୍ବତ ଘେରରେ ଓରା ପଂଚାୟତରୁ ଆସିଛି କିଛି ଏଭଳି ଏକ ଅଭିଯୋଗ। ଓରା, ପକାରୀ, ମାର୍ଲାଙ୍ଗା, ସୁବର୍ଣ୍ଣଗିରି, ସାର୍ତ୍ତୁଲ, ଗୁଗୁରମାହା, ଶ୍ରୀରାମପୁର, ଯୁବାଗୁଡା ଏହି ପଂଚାୟତ ଗୁଡିକରେ ପ୍ରାୟ ୩ ବର୍ଷ ହେବ ଜିଓ ଟାୱାର କାମ ସରିଲାଣି ହେଲେ ଆଜି ପର୍ଯ୍ୟନ୍ତ ଚାର୍ଜ ହେଉନାହିଁ। ଫଳରେ ଓରା ପଂଚାୟତର ହଜାର ହଜାର ଲୋକେ ନେଟ ୱାର୍କ ସେବାରୁ ବଂଚିତ ହୋଇ ରହିଛନ୍ତି। ଡିଜିଟାଲ ଇଣ୍ଡିଆକୁ ସକ୍ରିୟ କରିବା ପାଇଁ ସରକାର ପ୍ରତ୍ୟେକ ଗ୍ରାମାଂଚଳରେ ନେଟୱାର୍କ ସେବା ଯୋଗେଇ ଦେବାକୁ ଲକ୍ଷ୍ୟ ରଖିଥିବା ବେଳେ ତାହା କେତେଦୂର ସଫଳ ଉକ୍ତ ପଂଚାୟତ ଗୁଡିକୁ ଓ ଗାଁ କୁ ଦେଖିଲେ ଜଣାପଡୁଛି। କିଛି ଲୋକେ ସାଧାରଣ ଫୋନ୍ ଟିଏ କରିବାକୁ ହେଲେ ଲୋକେ ଶ୍ରୀରାମପୁର ଠାରୁ ସୁବର୍ଣ୍ଣ ଗିରି ପଂଚାୟତ ର ଗାଜିନାଯୁ ଜଙ୍ଗଲକୁ ଆସି ଫୋନ୍ କରନ୍ତି। ତାହା ମଧ୍ୟ ନେଟ ୱାର୍କ ଖୋଜି ଖୋଜି। ଶ୍ରୀରାମପୁର ଠାରୁ ପ୍ରାୟ ଦୂରତା ହେଲା ୨୫ କିମି ହେବ ଗାଜିନାଜୁ ଜଙ୍ଗଲ କୁ ଆସି ଲୋକେ ଫୋନ୍ ଫାନ କରନ୍ତି। ସେହିଭଳି ମାର୍ଲାଙ୍ଗା, ପକାରୀ, ଯୁବାଗୁଡା, ସୁବର୍ଣ୍ଣ ଗିରି, ସାର୍ତ୍ତୁଲ, ଗୁଗୁରମାହା ଏବଂ ଓରା ପଂଚାୟତ ର ଲୋକଙ୍କ ଏହି ସମାନ ପରିସ୍ଥିତି ରହିଥାଏ। କିଛି ଅନଲାଇନ କାମ କରିବା ପାଇଁ ହେଲେ ଲୋକେ ୩୫ କିମି ଦୂରତା କୋଟଗଡ଼ ଆସିବାକୁ ପଡିଥାଏ। ଫଳରେ ୫୦ ଟଙ୍କା ର କାମ ପାଇଁ ଲୋକେ ୨ ଶହ ଟଙ୍କା ଖର୍ଚ୍ଚ ମଧ୍ୟ କରନ୍ତି। ଏଭଳିଆ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି ୯ ଟି ପଂଚାୟତବାସୀଙ୍କୁ। ନିର୍ବାଚନ ପୂର୍ବରୁ ପଂଚାୟତର ଲୋକେ କୋଟଗଡ ବ୍ଲକ ଘେରାଉ କରି କଟଗଡ ବଜାରରେ ଏକ ରାଲିକରି ରାସ୍ତା ଅବରୋଧ କରି ଆନ୍ଦୋଳନ ମଧ୍ୟ କରିଥିଲେ କିନ୍ତୁ ଆଜି ପର୍ଯ୍ୟନ୍ତ କୌଣସି ସମସ୍ୟା ର ସମାଧାନ ହେଇ ପାରିଲା ନାହିଁ। ସମାଧାନ ହେବ ପରିବର୍ତେ ନେଟ ୱାର୍କ ସେବା ପାଇବା ନିମନ୍ତେ ସରକାରଙ୍କ ସେବା ପାଇବା ନିମନ୍ତେ ଦାବି କରୁଥିବା ଲୋକ ମାନଙ୍କ ବିରୁଦ୍ଧରେ କୋଟଗଡ଼ ଥାନାରେ ଏତଲା ରୁଜୁ ହୋଇଛି। ଏଣୁ ପଂଚାୟତବାସୀ କହିବା ଅନୁଯାଇ ଲୋକଙ୍କୁ କେସ କରି ହଇରାଣ, ହରଗତ କରିବା ବଦଳରେ ଲୋକ ମାନଙ୍କୁ ନେଟୱାର୍କ ସେବା ଯୋଗାଇ ଦେଲେ ଅଂଚଳ ବାସୀ ଉପକୃତ ହେଇପାରିବେ ବୋଲି ବୁଦ୍ଧିଜୀବି ମହଲରେ ଚର୍ଚ୍ଚା ହେଉଛି। ଏଣୁ ପ୍ରଶାସନ ଏଥି ପ୍ରତି ଦୃଷ୍ଟି ଦେଇ ତୁରନ୍ତ ପଦକ୍ଷପ ନେବାକୁ ଦାବି କରିଛନ୍ତି। ଅଭିଯୋଗ କାରି ଯଥା ଗୁଜୁରାଙ୍ଗ ବଳିୟାର ସିଂ, ଲାଇନ୍ଦ୍ର ପାଟମାଝି, ସାଉଥା ସୁକା ମାଝୀ, ପବିତ୍ର ବଳିୟାର ସିଂ, ଇକାରା ସୁକାମାଝି,ସୁନାମ ପାଟମାଝି, ଶଶୀଭୁଷଣ ବଳିୟାର ସିଂ, ନାଇସର ସୁକାମାଝି, ବୁଲେନ୍ଦ୍ର ନାୟକ, ଉପାସ ନାୟକ, ବାସୁ ରୂପା ମାଝୀ, ତଦ ରୂପା ମାଝୀ।

## ଦେଶି ମଦ ଚାଲାଣ ବେଳେ ଚଢାଉ: ୨ ଗିରଫ

ଜୟପୁର, ୧୭/୧୦ (ନି.ପ୍ର): ଦେଶି ମଦ ଚାଲାଣ ବେଳେ ଜୟପୁର ଅବକାରି ବିଭାଗ ଆଜି ଚଢାଉ କରିଛି । ଚଢାଉ କରି ୨ ଅଭିଯୁକ୍ତ କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ପାଲିଗୁଡା ଗ୍ରାମର କୃଷ୍ଣ ଖରା ଓ ନିଳାଗୁଡା ଗ୍ରାମର ଅଭିହିଆଲ (୨୩) । ସୂଚନା ଅନୁଯାଇ ଏକ ବାଇକରେ ନିଳାଗୁଡାରୁ ଦେଶି ମଦ ଚାଲାଣ କରି ଜୟପୁର ସହର କୁ ଆସୁ ଥିବା ବେଳେ ଚନ୍ଦନବାଡ ସାହି ନିତଟରେ ଚଢାଉ କରି ଅଭି ହିଆଲ (୨୩) କୁ ଗିରଫ କରିଥିଲା । ଗିରଫ ଅଭିକ୍ ଠାରୁ ୨୦ ଲିଟର ଦେଶ ମଦ ଜବତ କରି କୋର୍ଟ ଚାଲାଣ କରାଯାଇଥିବା ବିଷୟ ଅବକାରି ନିରିକ୍ଷକ ଶଶି କାନ୍ତ ଦତ ସୂଚନା ଦେଇଛନ୍ତି । ସେହିପରି ପାଲିଗୁଡାରୁ ଏକ ବାଇକରେ ଦେଶି ମଦ ଧରି ଜୟପୁର ସହର କୁ ଆସୁଥିବା ବେଳେ ପାରାବେଡା ନିକଟରେ ଚଢାଉ କରିଛି । ଚଢାଉ କରି ପାଲିଗୁଡା ଗ୍ରାମର କୃଷ୍ଣ ଖରା (୫୮)କୁ ଗିରଫ କରି ତା ଠାରୁ ୪୦ ଲିଟର ଦେଶି ମଦ ଓ ବାଇକ ଜବତ କରି କୋର୍ଟ ଚାଲାଣ କରିଥିବା ବିଷୟ ଜୟପୁର ଅବକାରି ଓଆଇସି ରାଜୁ କୁମାର ଖିତି ସୂଚନା ଦେଇଛନ୍ତି ।

## ଗଞ୍ଜେଇ ଚାଲାଣ ବେଳେ ପୋଲିସ ଚଢାଉ: ଗାଡି ଛାଡି ଡ୍ରାଇଭର ଚମ୍ପଟ

ଜୟପୁର, ୧୭/୧୦ (ନି.ପ୍ର): ଗଞ୍ଜେଇ ଚାଲାଣ ହେଉଥିବା ବେଳେ ଜୟପୁର ସଦର ପୋଲିସ ଚଢାଉ କରିଛି । ପୋଲିସ କୁ ଦେଖି ଗାଡି ଛାଡି ଡ୍ରାଇଭର ଚମ୍ପଟ ମାରିଛି । ପୋଲିସ ସୂଚନା ଅନୁଯାଇ ବୈପାରିଗୁଡା ପଟୁ ଜୟପୁର ଅଭିମୁଖେ ଟାଟା ୭୦୯ ମିନି ଟ୍ରକ ଓଆର ୧୦ଇ ୩୮୦୬ ଗଞ୍ଜେଇ ଚାଲାଣ ହେଉଥିଲା । ଜୟପୁର ସଦର ପୋଲିସ ପେଟ୍ରୋଲିଂ କରୁଥିବା ସମୟରେ ସୂଚନା ପାଇ ଜାତୀୟ ରାଜପଥ ୩୨୬ର ପାତ୍ରପୁଟ ଛକରେ ଅପେକ୍ଷା କରି ଗାଡି ଯାଂଚ କରିଥିଲା । ସେହି ସମୟରେ ଗାଡି କୁ ଛାଡି ଡ୍ରାଇଭର ଜଙ୍ଗଲକୁ ଚମ୍ପଟ ମାରିଥିଲା । ଡ୍ରାଇଭର କୁ ଧରିବାକୁ ପୋଲିସ ପିଛା କରିଥିଲା ହେଲେ ବି ଡ୍ରାଇଭର ଫେରାର ହୋଇଯାଇଥିଲା । ପରେ ପୋଲିସ ଗାଡି ଯାଂଚ କରିବାରୁ ୧୧୨୮କେଜି ୧୬୦ ଗ୍ରାମ ଗଞ୍ଜେଇ ଜବତ କରିଛି । ଟାଟା ୭୦୯ ମିନି ଟ୍ରକ ଓ ଗଞ୍ଜେଇକୁ ଜବତ କରି ସଦର ପୋଲିସ ମାମଲା ରୁଜୁ କର ତଦନ୍ତ ଆରମ୍ଭ କରିଥିବା ବିଷୟ ଜୟପୁର ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି।

# ବ୍ୟାଙ୍କ ପାଇଁ ବ୍ରହ୍ମବରଦାରେ ଟ୍ରାଫିକ୍ ଟେନସନ୍: ହିନସ୍ତା ଭୋଗୁଛନ୍ତି ଜନସାଧାରଣ

ଧର୍ମଶାଳା, ୧୭/୧୦ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ଅଂଚଳରେ ଏବେ ଗୁରୁତର ଟ୍ରାଫିକ୍ ସମସ୍ୟା ଦେଖା ଦେଇଛି । ମୁଖ୍ୟ ଓ ଗାଁ ଗହଳିର ରାସ୍ତାରେ ସବୁଠି ଟ୍ରାଫିକ୍ ସମସ୍ୟା । ଏହି ସମସ୍ୟା ସମ୍ପର୍କରେ ବାରମ୍ବାର ଅଭିଯୋଗ ପରେ ବି ସମସ୍ୟାର ସମାଧାନ ହେଉନି । ଅନ୍ୟପକ୍ଷରେ ସ୍ଥାନୀୟ ପ୍ରଶାସନିକ ତଥା ପୋଲିସ ପ୍ରଶାସନର ଅବହେଳା ପାଇଁ ଟ୍ରାଫିକ୍ ସମସ୍ୟା ଲାଗି ରହିବାର ଲୋକଙ୍କଠାରୁ ଶୁଣିବାକୁ ମିଳୁଛି । ତେବେ ଏପରି ସମସ୍ୟାର ସମ୍ମୁଖୀନ ହେଉଛନ୍ତି ସ୍ଥାନୀ ଜନସାଧାରଣ । ବିଶେଷ କରି ସ୍କୁଲ କଲେଜର ଛାତ୍ରଛାତ୍ରୀ ଓ ମେଡିକାଲକୁ ଯାଉଥିବା ରୋଗୀ ଅଟୋ,ବାଇକ୍ ଓ କାରରେ ଘଂଟା ଘଂଟା ଛିଡା ହେବାକୁ ପଡୁଛି । ଅବିଭକ୍ତ ବ୍ରହ୍ମବରଦା ଜିଲାର ଏକ ଅଗ୍ରଣୀ ବ୍ୟବସାୟ ପ୍ରତିଷ୍ଠାନ ଭାବେ ବେଶ ଜଣାଶୁଣା । ବରୁହାଁ-ବାଲିଚନ୍ଦ୍ରପୁର ଓ ବ୍ରହ୍ମବରଦା - ଜାରକା ଅଂଚଳକୁ ସଂଯୋଗ କରୁଛି ବ୍ରହ୍ମବରଦା ବ୍ୟାଙ୍କଛକ ଠାରେ ଥିବା ରାସ୍ତା । ଏଠାକୁ ଦୈନନ୍ଦିନ ସ୍ଥାନୀୟ ୧୦ ଗୋଟି ପଂଚାୟତର ଶହଶହ ଲୋକେ ଏହି ବଜାର ଉପରେ ନିର୍ଭର କରନ୍ତି । ଏଠାରେ ୩ ଗୋଟି ରାଷ୍ଟ୍ରାୟତ ବ୍ୟାଙ୍କ ସହ ୧୦ରୁ ଉର୍ଦ୍ଧ ଘରୋଇ ଶିକ୍ଷାନୁଷ୍ଠାନ,୨ଟି ମେଡିକାଲ ରହିଛି । ଏହା ସହିତ ହଜାରେରୁ ଉର୍ଦ୍ଧ ରହିଛି ଛୋଟବଡ ବ୍ୟବସାୟ ପ୍ରତିଷ୍ଠାନ ସହ ରହିଛି ଗୋଟିଏ ସାପ୍ତାହିକ ହାଟ ଓ ଦୈନନ୍ଦିନ ପରିବା ଦୋକନ ଓ ମାଛ ମାର୍କେଟ । ଦୋକାନ ଓ ବ୍ୟାଙ୍କମାନଙ୍କ ସମ୍ମୁଖରେ ଆବଶ୍ୟକୀୟ ପାର୍କିଂ ବ୍ୟବସ୍ଥାର ସୁବିଧା ନାହିଁ । ବିଶେଷ କରି ଭାରତୀୟ ଷ୍ଟେଟ ବ୍ୟାଙ୍କରେ ଦିନକୁ ଦିନ ଗ୍ରାହକଙ୍କ ଭିଡ ଜମୁଛି । ଫଳରେ ବ୍ୟାଙ୍କରେ ପାର୍କିଂ ସୁବିଧା ନ ଥିବାରୁ ଗ୍ରାହକମାନେ ମୁଖ୍ୟ ରାସ୍ତା ଉପରେ ସାଇକେଲ ମଟରସାଇକେଲ ଓ କାରଗୁଡିକୁ ବେଆଇନଭାବେ ପାର୍କିଂ କରୁଛନ୍ତି । ଅନ୍ୟପକ୍ଷେ ଦୋକାନୀମାନେ ସେମାନଙ୍କ ବ୍ୟବସାୟ ପ୍ରତିଷ୍ଠାନଗୁଡିକୁ ମୁଖ୍ୟ ରାସ୍ତା ଉପରକୁ ମାଡି ବସୁଛନ୍ତି । ଫଳରେ ରାସ୍ତା ଦିନକୁ ଦିନ ସଙ୍କୁଚିତ ହେବାରେ ଲାଗିଛି । ଏହି ରାସ୍ତା ଦେଇ ଭାରିଯାନ ଚଳାଚଳ ଫଳରେ ଟ୍ରାଫିକ୍ ସମସ୍ୟା ବହୁଳଭାବେ ବଢି ଯାଇଛି । ଗୁରୁତ୍ୱପୂର୍ଣ୍ଣ ସମୟରେ ରୋଗୀ ଓ ସମ୍ପର୍କୀୟମାନଙ୍କୁ ରାସ୍ତା ଉପରେ ଘଂଟା ଘଂଟା ଅପେକ୍ଷା କରିବାକୁ ପଡୁଛି । ଫଳରେ ଅନ୍ୟ ଗାଡିମୋଟର ଯାତାୟତରେ ବାଧକ ସହ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଛି । ଖରା ବର୍ଷାରେ ରାସ୍ତା ଉପରେ ଜନସାଧାରଣ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ସ୍ଥାନୀୟ ପୋଲିସ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ବେଆଇନ ପାର୍କିଂ କରୁଥିବା ଚାଳକଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି ।

# ବଲାଙ୍ଗୀର ମାଟିର ପୁଅ ଦିବ୍ୟମ୍ କେଜରିୱାଲ ବ୍ୟାଡମିଣ୍ଟନରେ ଓଡିଶା ଚମ୍ପିୟନ

ବଲାଙ୍ଗିର, ୧୭/୧୦ (ନି.ପ୍ର): କ୍ରୀଡା କ୍ଷେତ୍ର ଏବେ ଆଉ କାହାରି ଏକଚାଟିଆ ଅଧିକାରରେ ନାହିଁ । ବଡ ସହରରୁ ଦୂରରେ ସାଧାରଣ ଅଂଚଳ ରପିଲା ବି ଏବେ ଖେଳରେ ମାତ ଦେଲେଣି ବଡ ବଡ ସହରର ଖେଳାଳୀଙ୍କୁ। ନିକଟରେ ଅଲ୍ ଓଡ଼ିଶା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନ୍‌ସିପ୍‌ରେ ବଲାଙ୍ଗିର ମାଟିର ପୁଅ ଦିବ୍ୟମ୍ କେଜ୍ରିୱାଲ କମାଲ କରିବା ସହ ଉଭୟ ସିଙ୍ଗଲ ଓ ଡବଲ୍ସରେ ଚାମ୍ପିୟନ୍ ହୋଇ ଆଣିଛନ୍ତି ଏପରି ଗୌରବ। । ଦିବ୍ୟମ୍ ବଲାଙ୍ଗିର କଂସାରୀପଡ଼ା ନିବାସୀ ଆଦିତ୍ୟ କେଜ୍ରିୱାଲ ଓ ଶ୍ରୀମତୀ ଶୀତଲ କେଜ୍ରିୱାଲଙ୍କ ବଡ଼ ପୁଅ ହୋଇଥିବା ବେଳେ ତାଙ୍କ ସଫଳତାକୁ ନେଇ ସାରା ବଲାଙ୍ଗିର ମାଟି ଏବେ ଗର୍ବିତ । ଭୁବନେଶ୍ୱର ସ୍ଥିତ ମଲ୍‌ଟି ପର୍ପସ ବ୍ୟାଡ୍‌ମିଣ୍ଟନ ଷ୍ଟାଡ଼ିୟମ୍‌ରେ ଅନୁଷ୍ଠିତ ଅଲ୍ ଓଡ଼ିଶା ବ୍ୟାଡ଼ମିଣ୍ଟନ ଚାମ୍ପିୟନ୍‌ସିପ୍‌ରେ ଦିବ୍ୟମ୍ ୧୯ ବର୍ଷ ରୁ କମ ବର୍ଗର ସିଙ୍ଗଲ୍‌ରେ ବାଲେଶ୍ୱରର ଜ୍ୟୋତିସୂର୍ଯ୍ୟ ପରମାଣିକ୍‌କୁ ହରାଇ ବିଜୟୀ ହୋଇଥିବା ବେଳେ ୧୯ ବର୍ଷ ରୁ କମ ବର୍ଗର ଡ଼ବଲସ୍‌ରେ ପାର୍ଟର୍ନି ବାପୁନ ରାଉତଙ୍କ ସହ ମିଶି ମୟୂରଭଞ୍ଜର ଶ୍ରୀୟାନ୍ସ ଜେନା ଓ ଢେଙ୍କାନାଳର ଶୁଭ୍ରକେତନ୍ ମଲ୍ଲିକଙ୍କୁ ହରାଇ ଦିବ୍ୟମ୍ ଓ ବାପୁନ ଚାମ୍ପିୟନ ହୋଇଛନ୍ତି । ଦିବ୍ୟମ୍‌ଙ୍କ ଏହି ସଫଳଙ୍କୁ ନେଇ ତାଙ୍କ ଶୁଭେଚ୍ଛୁମାନେ ଶୁଭେଚ୍ଛା ଜଣାଇବା ସହ ଅଭିନନ୍ଦନ ଜଣାଇଛନ୍ତି ।

# ଗୌଡଗୋଠ ପାଟଖଣ୍ଡା ଯାତ୍ରା ଉଦ୍‌ଯାପିତ

ବଲାଙ୍ଗିର, ୧୭/୧୦ (ନି.ପ୍ର): ଦେଓଗାଁ ବ୍ଲକ ଗୌଡଗୋଠରେ ଚାଲିଥିବା ପାଟଖଣ୍ଡା ଯାତ୍ରା ଉଦ୍‌ଯାପିତ ହୋଇଯାଇଛି । ମହାଲୟା ଅମାବାସ୍ୟା ଠାରୁ ଖଣ୍ଡାବସା ଆରମ୍ଭ ହୋଇଥିଲା । ଗତ ନବମୀରେ ମାଁ ପାଟଖଣ୍ଡା ଗ୍ରାମ ପରିକ୍ରମା କରିଥିଲେ । ଦଶମୀ ଦିନ ଦେନ୍ଦୁଝରରୁ ଦେବୀ ବରୁଆ ଦିହରେ ଆବିର୍ଭୂତ ହୋଇ ଭକ୍ତମାନଙ୍କ ଗୁହାରୀ ଶୁଣିଥିଲେ । ଏହି ଅବସରରେ ରାବଣ ଦରବାର ଅନୁଷ୍ଠିତ ହୋଇଥିଲା । ଉକ୍ତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ପୂର୍ବତନ ବିଡିସିସି ଅଧ୍ୟକ୍ଷ ଲକ୍ଷ୍ମଣ ମେହେର ଉଦ୍‌ଘାଟନ କରିଥିଲେ । ଏଥିରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଗୁରୁଦେବ ରଣା, କୈଳାଶଚନ୍ଦ୍ର କର୍ଣ୍ଣ, ବଡବାହାଲ ସମିତି ସଭ୍ୟ ସିତାଂଶୁ ମିଶ୍ର ଉପସ୍ଥିତ ଥିଲେ । ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ବିଧାୟକ ନରସିଂହ ମିଶ୍ର, ବ୍ଲକ ଉପାଧ୍ୟକ୍ଷ ସୂର୍ଯ୍ୟକାନ୍ତି ଛତ୍ରୀଆ, ସୁଦାମ ଚରଣ ବିଶି, ମୟ ପ୍ରଧାନୀ, ବଲାଙ୍ଗିର ବିଜେପି ସଭାପତି ଗୋପାଳଜୀ ପାଣିଗ୍ରାହୀ, ବଲାଙ୍ଗିର ସାଂସଦଙ୍କ ଦେଓଗାଁ ପ୍ରତିନିଧି ଶଶିଭୂଷଣ ପାଣିଗ୍ରାହୀ, ଶଶିଭୂଷଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ପାଟଖଣ୍ଡା ବରୁଆଭାବେ ନନ୍ଦ ନାଏକ, ବିରୁପାଣି ନୀଳାକାର ରଣା, ଜେନା ସୁବାଶ ରଣା, ପୂଜକ ରାମ ନାଏକ ପୂଜାର୍ଚ୍ଚନା ଦାୟିତ୍ୱ ତୁଲାଇଥିଲେ । ଗୌଡଗୋଠ ସମବାୟ ସଂପାଦକ ଦୁର୍ଯ୍ୟୋଧନ ରଣା ସଭା ପରିଚାଳନା କରିଥିଲେ । ମହୋତ୍ସବ କମିଟିର ସଭାପତି ପ୍ରତାପ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଜରାଜେଶ୍ୱରୀ ବେଶରେ ମାଁ ସମଲେଶ୍ୱରୀଙ୍କ ଦର୍ଶନ

ସମ୍ବଲପୁର, ୧୭/୧୦ (ନି.ପ୍ର): ଆଶ୍ୱିନ ମାସ ଶୁକ୍ଳପକ୍ଷ ପୂର୍ଣ୍ଣିମା ତିଥିରେ ଆଜି ଅଧିଷ୍ଠାତ୍ରୀ ଦେବୀ ମା ସମଲେଶ୍ୱରୀ ରାଜରାଜେଶ୍ୱରୀ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଉଛନ୍ତି । ବରଷକରେ ଥରେ ଦଶହରା ପୂର୍ଣ୍ଣିମା ବା କୁମାରପୂର୍ଣ୍ଣିମା ଦିନ ସମଲେଶ୍ୱରୀ ଧାରଣ କରୁଥିବା ଏହି ମନୋହର ରୂପ ଦର୍ଶନ ପାଇଁ ଅସଂଖ୍ୟ ଭକ୍ତଙ୍କ ସମାଗମ ହୋଇଛି । ମନ୍ଦିରର ଭଣ୍ଡାରରେ ଥିବା ସୁନା, ରୂପା ଓ ବିଭିନ୍ନ ପଥରର ଆଭୂଷଣ ଅଣାଯାଇ ସମଲାଇଙ୍କୁ ସଜ୍ଜିତ କରାଯିବା ଉତାରୁ ସ୍ୱତନ୍ତ୍ର ଆଳତୀ ଲାଗି କରାଯାଇଥିଲା । ୪୦୦ ବର୍ଷରୁ ଉର୍ଦ୍ଧ୍ୱ ସମୟରୁ ମନ୍ଦିରରେ ଦେବୀ ସମଲାଇ ଦଶହରା ପୂର୍ଣ୍ଣିମା ଦିନ ରାଜରାଜେଶ୍ୱରୀ ବେଶରେ ପୂଜା ପାଇ ଆସୁଛନ୍ତି । ସେହିଭଳି ସହରର ପାଟଣେଶ୍ୱରୀ, ବାଟମଙ୍ଗଳା, ଦୁର୍ଗାପାଲିର ବନଦୁର୍ଗା, ମୁଦିପଡ଼ାର ଭୁବନେଶ୍ୱରୀ ପ୍ରଭୃତି ମନ୍ଦିରରେ ପୂର୍ଣ୍ଣିମା ପାଇଁ ସ୍ୱତନ୍ତ୍ର ପୂଜା ନୀତି କରାଯାଇଥିଲା । ଅଂଚଳର ଗ୍ରାମଦେବୀ ପୀଠ ମାନଙ୍କରେ ମଧ୍ୟ ବାର୍ଷିକ ସ୍ୱତନ୍ତ୍ର ପୂଜାର ଆୟୋଜନ କରାଯାଇଛି । ସମଲେଶ୍ୱରୀ ମନ୍ଦିରରେ ପାରମ୍ପରିକ ରୀତି ଅନୁଯାୟୀ ମନ୍ଦିର ଚୂଡ଼ାରେ ନୂତନ ଧ୍ୱଜାରୋହଣ କରାଯାଇଛି । ସନ୍ଧ୍ୟାରେ ମନ୍ଦିର ଦଧିନଉତିରେ ମହାଆଳତୀ କରାଯାଇ ନୂଆ ଧ୍ୱଜା ଲଗାଯାଇଥିଲା । ତେବେ ଧ୍ୱଜାରୋହଣ ଅବସରରେ କେବଳ ପୂଜକମାନେ ମନ୍ଦିର ପରିସରରେ ଉପସ୍ଥିତ ଥିଲେ । ପରେ ପୂଜକ ପରିବାରର ସଦସ୍ୟମାନେ ପାରମ୍ପରିକ ବାଦ୍ୟଯନ୍ତ୍ରରେ ଆଖଡ଼ା ପ୍ରଦର୍ଶନ କରିଥିଲେ । ସହରର ପାଟଣେଶ୍ୱରୀ, ବାଟମଂଗଳାଙ୍କ ସମେତ ଅନ୍ୟ ଦେବୀମନ୍ଦିର ଚୂଡ଼ାରେ ମଧ୍ୟ ନୂଆ ଧ୍ୱଜା ଆରୋହଣ କରାଯାଇଛି । ଏହି ଅବସରରେ ଅପରାହ୍ନରୁ ଭକ୍ତମାନଙ୍କର ଲମ୍ବାଧାଡ଼ି ଓ ଭିଡ଼ ମନ୍ଦିର ପରିସରରେ ଦେଖିବାକୁ ମିଳିଥିଲା । ଦଶହରା ପୂର୍ଣ୍ଣିମା ଉପଲକ୍ଷେ ଜିଲ୍ଲାର ପୁରପଲ୍ଲୀରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଛି । ବିଶେଷ କରି ଦେବୀମନ୍ଦିର ମାନଙ୍କରେ ଜଗତ୍‌ଜନନୀଙ୍କ ସ୍ୱତନ୍ତ୍ର ଶୃଙ୍ଗାର କରାଯିବା ସହିତ ପୂଜାର୍ଚ୍ଚନା କରାଯାଇଛି ।

# ସାମ୍ବାଦିକଙ୍କ ପିତୃ ବିୟୋଗ

ମାଲକାନଗିରି, ୧୬ ଅକ୍ଟୋବର (ହି.ସ.) - ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକର ଏକ ଦୈନିକ ଖବର କାଗଜର ସାମ୍ବାଦିକ ଦୀପକ ମହାରଣାଙ୍କ ପିତା ଲକ୍ଷ୍ମଣ ମହାରଣାଙ୍କ ଆଜି ବିୟୋଗ ହୋଇଯାଇଛି। ସେ ୮୨ ବର୍ଷ ବୟସରେ ନିଜ ବାସ ଭବନରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ତେବେ ବିଗତ କିଛିଦିନ ଧରି ସେ ରୋଗାଗସ୍ତ ହୋଇଥିବା ବେଳେ ଗତ ୪ଦିନ ହେବ ସେ ଅଧିକ ଅସୁସ୍ଥ ହୋଇପଡିଥିଲେ। ଡାକ୍ତରଙ୍କ ପରମର୍ଶ ଅନୁଯାୟୀ ତାଙ୍କର ଚିକିତ୍ସା ଜାରି ଥିବା ବେଳେ ସେ ଆଜି ନିଜ ବାସଭବନରେ ପରିବାର ଲୋକଙ୍କ ଉପସ୍ଥିତରେ ନିଜ ସେସ ନିଶ୍ୱାସ ତ୍ୟଗ କରିଥିଲେ। ଦୀର୍ଘ ବର୍ଷ ଧରି ସ୍ୱର୍ଗତ ଲକ୍ଷ୍ମଣ ମହାରଣା ନିଜର କୌଳିକ ବୃତିକୁ ବଂଚାଇ ଆସିବା ସହ କୋରୁକୋଣ୍ଡା ଅଂଚଳରେ ବେସ ଖ୍ୟାତି ଅର୍ଜନ କରିଥିଲେ। ତେବେ ସେ ମେଳାପୀ ଓ ମିଷ୍ଟ ଭାସି ଥିବାରୁ ଅଂଚଳରେ ଲୋକେ ତାଙ୍କୁ ବେସ ଭଲ ପାଉଥିବା ସହ ପିଲାଠାରୁ ବୟସ୍କ ସମସ୍ତେ ତାଙ୍କୁ ବହୁତ ଭଲ ପାଉଥିଲେ। ଆଜି ହଟାତ ତାଙ୍କର ମୃତ୍ୟୁ ଖବର ପରେ ଅଂଚଳରେ ଶୋକର ଛାୟା ଖେଳି ଯାଇଥିବା ବେଳେ ଅମର ଆତ୍ମାର ସଦଗତି ନିମନ୍ତେ ଅଂଚଳବାସୀ ପ୍ରାର୍ଥନା କରିଛନ୍ତି।

## ମା ବୁଢ଼ୀ ବାସୁଳାଇ କ୍ଲବର ଚାନ୍ଦି ମେଢ଼ ଉଦ୍‌ଘାଟନ

କେନ୍ଦ୍ରାପଡ଼ା, ୧୭/୧୦ (ନି.ପ୍ର): କେନ୍ଦ୍ରାପଡ଼ା ପୌରାଂଚଳ ଅନ୍ତର୍ଗତ ମା' ବୁଢ଼ୀ ବାସୁଳାଇ କ୍ଲବରେ ପୂଜା ପାଉଥିବା ମା' ଲକ୍ଷ୍ମୀଙ୍କର ଚାନ୍ଦି ମେଢ଼କୁ ବିଧାୟକ ଗଣେଶ୍ୱର ବେହେରା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ୫୦ କେଜିରୁ ଉର୍ଦ୍ଧ୍ୱ ଚାନ୍ଦି ଦ୍ୱାରା ନିର୍ମିତ ବିଭିନ୍ନ ଅଳଙ୍କାର ମା'ଙ୍କୁ ସମର୍ପଣ କରାଯାଇଛି। ଆୟୋଜିତ ଏହି ଉଦ୍‌ଘାଟନ ଉତ୍ସବରେ ପୌରଅଧ୍ୟକ୍ଷା ସରିତା ସାହୁ, କାଉନସିଲର ରଶ୍ମିତା ସିଂହ, କ୍ଲବର ସଭାପତି ସତ୍ୟଜିତ ରାୟ, ସଂପାଦକ ନରେନ୍ଦ୍ର କୁମାର ସାହୁଙ୍କ ସମେତ ବିରେନ କୁମାର ବସୁ, ମନୋରଞ୍ଜନ ସାହୁ, ଗିରି ଗୋବର୍ଦ୍ଧନ ବେହେରା, ମନୋଜ ସାହୁ, ରାଜେଶ ନାୟକ, ବିଭୁପ୍ରକାଶ ସାହୁ, ସୁମିତ ଜିନ୍ଦଲ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ଗ୍ରାମର ୬ ଜଣ ବିଶିଷ୍ଟ ବ୍ୟକ୍ତି ତଥା ସମାଜସେବୀ, ବରିଷ୍ଠ ନାଗରିକ, ରକ୍ତଦାତା ପ୍ରମୁଖଙ୍କୁ ମାନପତ୍ର, ଉପଢୌକନ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# କେନ୍ଦ୍ରାପଡ଼ା ଜିଲ୍ଲା ମଦ୍ରେସା ସଂଘର ବୈଠକ

କେନ୍ଦ୍ରାପଡ଼ା, ୧୭/୧୦ (ନି.ପ୍ର): ରାଜ୍ୟ ସରକାରଙ୍କ ଅନୁଦାନ ପ୍ରାପ୍ତ କେନ୍ଦ୍ରାପଡ଼ା ଜିଲ୍ଲା ମଦ୍ରେସା ସଂଘର ଜରୁରୀ ବୈଠକ ହାଇସ୍କୁଲ ନିକଟରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ସୟଦା ସୋହେଲା ଅଖତରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ରାଜ୍ୟ ସରକାରଙ୍କ ଠାରୁ ଅନୁଦାନ ପାଉଥିବା ଜିଲ୍ଲାରେ ପ୍ରାୟ ୩୫ଗୋଟି ମଦ୍ରେସାର ମୁଖ୍ୟ ମୌଲବୀ, ଶିକ୍ଷକ ଓ ସହକାରୀ ଶିକ୍ଷକ ପ୍ରମୁଖ ଏହି ବୈଠକରେ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କ ଉପସ୍ଥାନ, ହିନ୍ଦୀ, ଓଡ଼ିଆ ଓ ଇଂରାଜୀ ଭାଷା ଉପରେ ଗୁରୁତ୍ୱ ପ୍ରଦାନ ଏବଂ ମୌଳିକ ଶିକ୍ଷାପ୍ରତି ଦୃଷ୍ଟି ଦେବା ଉପରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରାଯାଇ ଥିଲା। କେତେକ ମଦ୍ରେସାରେ ଛାତ୍ରଛାତ୍ରୀଙ୍କ ଉପସ୍ଥାପନ ସଂଖ୍ୟା କମ୍ ଥିବାରୁ ସେ ଛାତ୍ରଛାତ୍ରୀମାନଙ୍କୁ ମଦ୍ରେସାକୁ ଡକାଯିବା, ଅଭିଭାବକମାନଙ୍କ ସହ ଆଲୋଚନା କରିବା, ଶିକ୍ଷାକୁ ଗୁରୁତ୍ୱ ଦେଇ ଛାତ୍ରଛାତ୍ରୀମାନଙ୍କର ପରୀକ୍ଷା ଫଳ ଅଧିକରୁ ଅଧିକ ଭଲ କରାଇବା ଉପରେ ଉପସ୍ଥିତ ଥିବା ମୌଲବୀ ଓ ଶିକ୍ଷକମାନେ ନିଜ ନିଜର ମତପ୍ରକାଶ କରିଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପ ସଭାପତି ମହମ୍ମଦ ଜାହାଙ୍ଗୀର, ସମ୍ପାଦକ ସେକ୍ ଇଦୋ, ସେକ୍ ହଲିମ, ସେକ୍ ଅବଦୁଲ ଲାଲା ପ୍ରମୁଖଙ୍କ ସମେତ ଜିଲ୍ଲାର ସମସ୍ତ ମଦ୍ରେସାର ମୌଲବୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ସହକାରୀ ଶିକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ।

## କଳାହାଣ୍ଡି ଜିଲ୍ଲା ବିଜେଡି ଦଳ ତରଫରୁ ରକ୍ତଦାନ ଶିବିର ଅନୁଷ୍ଠିତ

ଭବାନୀପାଟଣା, ୧୭/୧୦ (ନି.ପ୍ର): ଆଜି କଳାହାଣ୍ଡି ଜିଲ୍ଲା ବିଜେଡି ଦଳ ତରଫରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା, ବିଜେଡି ଦଳର ସୁପ୍ରିମ ନବୀନ ପଟ୍ଟନାୟକଙ୍କ ୭୯ତମ ଜନ୍ମ ଦିବସ ଅବସରରେ ଜିଲ୍ଲାର କର୍ମୀମାନେ ସ୍ୱଇଛାରେ ରକ୍ତଦାନ କରିଥିଲେ, ଏହି ରକ୍ତଦାନ ଶିବିରରେ ପ୍ରାୟ ୮୨ୟୁନିଟ ରକ୍ତ ସଂଗ୍ରହ କରାଯାଇ ଥିଲା। ରକ୍ତଦାନ ମହତ ଦାନ ବୋଲି ବିଜେଡି ଦଳ ତରଫରୁ ଏହି କାର୍ଯ୍ୟକ୍ରମ ପ୍ରତିବର୍ଷ ହୋଇଥାଏ। ଏହା ଭବାନୀପାଟଣା ଜିଲ୍ଲା ମୁଖ୍ୟ ଡାକ୍ତରଖାନରେ ଅନୁଷ୍ଠିତ ହୋଇଥିଲା। ଏହି ମହତ କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ପୁଷ୍ପେନ୍ଦୁ ସିଂଦେଓ, ବିଧାୟକ ଲାଞ୍ଜିଗଡ଼ ପ୍ରଦୀପ ଦିଶାରୀ, ନର୍ଲା ବିଧାୟିକା ଶ୍ରୀମତୀ ମନୋରମା ମହାନ୍ତି, ପୂର୍ବତନ ବିଧାୟକ ଗୋବର୍ଦ୍ଧନ ଦାସ, ଦୁଷ୍ମନ୍ତ ନାଏକ, ଜିଲ୍ଲା ସମ୍ପାଦକ ଭବାନୀ ମିଶ୍ର, ଜିଲ୍ଲା ଯୁବ ସଭାପତି ଆଦିତ୍ୟ ନନ୍ଦ, ଜିଲ୍ଲା ଏସ୍.ସି. ସେଲ୍ ସଭାପତି ପ୍ରଶାନ୍ତ ନାଏକ, ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଶ୍ରୀମତୀ ଲଳିତା ନାଏକ, ବ୍ଲକ ଯୁବ ସଭାପତି ସୁଶୀଲ କୁମାର ସାହୁ ସମେତ ଅନେକ କର୍ମକର୍ତା ଉପସ୍ଥିତ ରହିଥିଲେ।

# ଧୁମଧାମରେ ବଲାଙ୍ଗୀର ଦିନ୍ ପାଳନ ପାଇଁ ପ୍ରସ୍ତୁତି

ବଲାଙ୍ଗୀର, ୧୭/୧୦ (ନି.ପ୍ର): ସନ୍ଧ୍ୟା ୬ ଟା ସମୟରେ ବଲାଙ୍ଗିର ପିପି ଏକାଡେମୀ ସଭାଗୃହ ଠାରେ ବଲାଙ୍ଗିର ଦିନ ଆୟୋଜନ କମିଟିର ଅଧ୍ୟକ୍ଷ ଗୋପାଳଜୀ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବଲାଙ୍ଗିର ଦିନକୁ ସରସ ସୁନ୍ଦର ଭାବରେ ପାଳନ କରିବା ପାଇଁ ବିଭିନ୍ନ କମିଟିମାନ ଗଠନ କରି ଦାୟିତ୍ୱ ଗୁଡିକ ବିଭିନ୍ନ ସଂଗଠନ ଓ ବ୍ୟକ୍ତି ବିଶେଷଙ୍କୁ ଏବଂ ବର୍ଗର ମହିଳା, ପୁରୁଷ, ବୁଦ୍ଧିଜିବୀ,ଲେଖକ, ଛାତ୍ର ଛାତ୍ରୀ ସମସ୍ତଙ୍କୁ ସାମିଲ କରିବା ପାଇଁ ବିଭିନ୍ନ ପ୍ରତିଯୋଗିତା ଯଥା ଆମର ପିଠାମଡା, ଆମର ପିନ୍ଧନ ଉଡନ ଫଟୋ ପ୍ରତିଯୋଗିତା, କବିତା ଆସର, ଆଲୋଚନା ଚକ୍ର, ଫେନ୍ସି ଡ୍ରେସ, ନୃତ୍ୟ ପ୍ରତିଯୋଗିତା, ଆମ୍ଭର ପିନ୍ଧନ ଉଡନ, ଶଙ୍ଖଫୁଙ୍କା ପ୍ରତିଯୋଗିତା, ହୁଳାହୁଳି ପ୍ରତିଯୋଗିତା, ମେହେନ୍ଦି ପ୍ରତିଯୋଗିତା, ରଙ୍ଗୋଲି ପ୍ରତିଯୋଗିତା, ଚିତ୍ରାଙ୍କନ ପ୍ରତିଯୋଗିତା, ଆର୍ଟଏଣ୍ଡକ୍ରାଫ୍ଟ ପ୍ରତିଯୋଗିତା, ବକ୍ତୃତା ପ୍ରତିଯୋଗିତା, କ୍ରିକେଟ ମ୍ୟାଚ ଏବଂ ରକ୍ତଦାନ ଶିବିର ଅନୁଷ୍ଠିତ ହେବା ପାଇଁ ସ୍ଥିର କରାଯାଇଛି। ଆଜିର ଏହି ବୈଠକରେ ଡ. ଶ୍ରୀକର ମିଶ୍ର, ବିଦୁଭୂଷଣ ତ୍ରିପାଠି, ବୁଲୁ ଦାନୀ, ବିନୋଦ କାଲସାଏ, ସୋମନାଥ ମିଶ୍ର, ପ୍ରଶାନ୍ତ ନାଏକ, ସିନୁ ସୁନ୍ଦର ପାଢୀ, ମିଲି ବାରିକ, ଅନୁପ୍ରୀୟା ମିଶ୍ର,ନୂତନ ଦାସ, ସଞ୍ଜଳି ଶତପଥି, ସଚଳା ମେହେର, ବିରେନ୍ଦ୍ର ପାଣ୍ଡେ, ସତ୍ୟ ହୋତା, ରମାକାନ୍ତ ମେଶ୍ରା, ସୁମେଶ ଡାଙ୍ଗ, ପୂଜା ସାହୁ, ମୌସୁମି ବାନାର୍ଜି, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଅନିଲ ମୋଦି, କରତାର ସିଂ, ବିଶ୍ୱ ଜେନା, ସନ୍ତୋଷ ହୋତା, କଳାକୃଷ୍ଣ ସାହୁ, ଥବିର କର୍ମୀ, ଦିନେଶ ଶର୍ମା, ସଙ୍ଗିତା ଦାସ, ଅଙ୍କିତ ସାହୁ, ରବି ଖମାରୀ, ଜତିନ ତଲହାର, ବିବେକା ପଟେଲ, ଅଙ୍କୁଶ ପାଣ୍ଡିଆ, ଋତୁରାଜ ପ୍ରଧାନ, ରଶ୍ମି ପାତ୍ର, ଶ୍ରୀକାନ୍ତ ବେହେରା, ସୁଷମା ଦାଶ, ଶିବୁ ପାତ୍ର, ପ୍ରଭାକର ମିଶ୍ର, ସୁବ୍ରତ ସାହୁ, ବିକାଶ ସା, ହରିଓଁ ପଟେଲ, ଆକାଶ ମହାଣା, ଜ୍ୟୋତି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ବିବାହରେ ପୁଅ କାହିଁକି ଝିଅଠାରୁ ବଡ଼ ହେବା ଉଚିତ; କ'ଣ କୁହେ ବିଜ୍ଞାନ...



ସ୍ୱାମୀ ଏବଂ ସ୍ତ୍ରୀଙ୍କ ମଧ୍ୟରେ ଏହି ବୟସ ପାର୍ଥକ୍ୟ କେବଳ ଏକ ସାମାଜିକ ପ୍ରଥା ନୁହେଁ, ଏହା ପଛରେ ବୈଜ୍ଞାନିକ ଯୁକ୍ତି ମଧ୍ୟ ରହିଛି। ବିଜ୍ଞାନ ଅନୁଯାୟୀ ମଧ୍ୟ ବିବାହରେ ପୁଅ ଝିଅ ମଧ୍ୟ ବୟସର ପାର୍ଥକ୍ୟ ରହିବା ଉଚିତ।

କୁହାଯାଏ, 'ପ୍ରେମ ହେଉଛି ଅନ୍ଧ...' ସେଥିପାଇଁ ଆମେ ଯେତେବେଳେ କାହାକୁ ଭଲପାଉ, ସେତେବେଳେ ଆମେ ତାଙ୍କ ସ୍ଥିତି, ବୟସ, ଭାଷା, ଜାତି, ରଙ୍ଗ ପରି କୌଣସି ସାମାଜିକ ଭେଦକୁ ଦେଖୁ ନାହୁଁ। ଏହି ପ୍ରେମ କେବଳ ଆଖିରୁ ଆରମ୍ଭ ହୁଏ ଆଉ ହୃଦୟରେ ପହଞ୍ଚେ ଏବଂ ଲୋକମାନେ ସମ୍ପର୍କରେ ବାନ୍ଧି ହୋଇଯାଆନ୍ତି। କିନ୍ତୁ ଯେତେବେଳେ ବିବାହ କଥା ଉଠେ ସେତେବେଳେ ସବୁ କିଛି ଦେଖାଯାଏ। ସମାଜରେ ସ୍ୱାମୀ-ସ୍ତ୍ରୀ ସମ୍ପର୍କକୁ ନେଇ ଅନେକ ନିୟମ ଅଛି, ଯାହାକୁ ଅନୁସରଣ ମଧ୍ୟ କରାଯାଉଛି। ଏହିପରି ଗୋଟିଏ ନିୟମ ସ୍ୱାମୀ-ସ୍ତ୍ରୀଙ୍କ ବୟସ ସହିତ ଜଡିତ। ଆମ ଭାରତୀୟ ସମାଜରେ ଏକ ସାଧାରଣ ବିଶ୍ୱାସ ଅଛି ଯେ ସ୍ୱାମୀ ସ୍ତ୍ରୀଠାରୁ ବଡ଼ ହେବା ଉଚିତ। ଏଭଳି ପରିସ୍ଥିତିରେ ପ୍ରଶ୍ନ ଉଠେ ଯେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ସଠିକ୍ ବୟସ ବ୍ୟବଧାନ କେତେ ହେବା ଉଚିତ ?

ସ୍ୱାମୀ ଏବଂ ସ୍ତ୍ରୀ ମଧ୍ୟରେ ବୟସ ପାର୍ଥକ୍ୟକୁ ନେଇ ଯେଉଁ ବିଚାର ରହିଛି ତାହା ପଛରେ ପାରମ୍ପରିକ ବିଶ୍ୱାସର ଏକ ବଡ଼ ଅବଦାନ ରହିଛି। ତଥାପି, ସମାଜରେ ଏପରି ଅନେକ ବିବାହ ଅଛି, ଯାହା ଏହି ବିଶ୍ୱାସର ବିପରୀତ, ପତ୍ନୀଙ୍କ ବୟସ ସ୍ୱାମୀଙ୍କ ବୟସଠାରୁ ଅଧିକ ହୋଇଥିଲେ ମଧ୍ୟ ସଫଳ ହୋଇଛି। ତେବେ ଏହି ବୟସ ସୀମା ପ୍ରାୟତଃ ପ୍ରସ୍ତାବିତ ବିବାହରେ ଦେଖାଯାଏ। କିନ୍ତୁ ପ୍ରେମ ବିବାହ ? କ୍ଷେତ୍ରରେ ଏହା ଭିନ୍ନ ହୋଇଥାଏ।

ପାରମ୍ପରିକ ବିଶ୍ୱାସର ବଡ଼ ଅବଦାନ ଆଜିକାଲି ଯୁବପିଢି ପ୍ରେମ ବିବାହ ପ୍ରତି ଆକର୍ଷିତ ହେଉଥିବାରୁ ସମ୍ପର୍କ ବଢିବା ସହିତ ଏହି ବୟସ ପାର୍ଥକ୍ୟ ଆଦର୍ଶ କି ନୁହେଁ ତାହା ସ୍ଥିର କରିବା କଷ୍ଟକର ହୋଇପଡେ। ଶତାବ୍ଦୀ ଧରି ଚାଲିଆସୁଥିବା ପରମ୍ପରା ଅନୁଯାୟୀ, ସ୍ୱାମୀ-ସ୍ତ୍ରୀ ମଧ୍ୟରେ ତିନିରୁ ପାଞ୍ଚ ବର୍ଷର ବୟସ ପାର୍ଥକ୍ୟ ଆଦର୍ଶ ଭାବରେ ବିବେଚନା କରାଯାଏ, ଯେଉଁଥିରେ ସ୍ୱାମୀ ପତ୍ନୀଠାରୁ ବଡ ହେବା ଉଚିତ। ତଥାପି ଆଜି ମଧ୍ୟ ସମାଜର ଏକ ବଡ଼ ଅଂଶ ଏହି ବିଚାରକୁ ଅନୁସରଣ କରେ।



**ବିଜ୍ଞାନ ଅନୁଯାୟୀ ସଠିକ୍ ବୟସ ପାର୍ଥକ୍ୟ:**

ଯଦି ଆପଣ ଭାବୁଛନ୍ତି ଯେ ସ୍ୱାମୀ ଏବଂ ସ୍ତ୍ରୀଙ୍କ ମଧ୍ୟରେ ଏହି ବୟସ ପାର୍ଥକ୍ୟ କେବଳ ଏକ ସାମାଜିକ ପ୍ରଥା, ତେବେ ତାହା ସେମିତି ନୁହେଁ। ବିଜ୍ଞାନ ଏହାର ଯୁକ୍ତି ମଧ୍ୟ ଦେଇଥାଏ। ବିଜ୍ଞାନ ଅନୁଯାୟୀ ଉଭୟ ଶାରୀରିକ ଏବଂ ମାନସିକ ପରିପକ୍ୱତା ଗୁରୁତ୍ୱପୂର୍ଣ୍ଣ।

ହରମୋନାଲ ପରିବର୍ତ୍ତନ ହେତୁ ଝିଅମାନେ ସାଧାରଣତଃ ପୁଅମାନଙ୍କ ଅପେକ୍ଷା ଶାରୀରିକ ଏବଂ ମାନସିକ ସ୍ତରରେ ଶୀଘ୍ର ପରିପକ୍ୱ ହୁଅନ୍ତି। ଝିଅମାନଙ୍କ ଠାରେ ଏହି ହରମୋନ୍ ପରିବର୍ତ୍ତନ ୭ ରୁ ୧୩ ବର୍ଷ ବୟସରୁ ଆରମ୍ଭ ହୋଇଯାଉଥିବା ବେଳେ ପୁଅମାନଙ୍କରେ ଏହା ୯ରୁ ୧୫ ବର୍ଷ ମଧ୍ୟରେ ଆରମ୍ଭ ହୋଇଥାଏ। ଏହି କାରଣରୁ, ଝିଅମାନେ ପୁଅମାନଙ୍କ ପୂର୍ବରୁ ଶାରୀରିକ ସମ୍ପର୍କରେ ଆସିବା ନେଇ ପ୍ରସ୍ତୁତ ହୋଇଯାଆନ୍ତି। ହରମୋନାଲ ପରିବର୍ତ୍ତନ ହେତୁ ଝିଅମାନେ ପୁଅମାନଙ୍କ ଅପେକ୍ଷା ଶାରୀରିକ ଏବଂ ମାନସିକ ସ୍ତରରେ ଶୀଘ୍ର ପରିପକ୍ୱ ହୁଅନ୍ତି।ତଥାପି, ଏହା ବୁଝିବା ଜରୁରୀ ଯେ ବିଜ୍ଞାନର ଏହି ତଥ୍ୟ କେବଳ ଶାରୀରିକ ପରିପକ୍ୱତାକୁ ପ୍ରତିଫଳିତ କରେ। ଏହାର ଅର୍ଥ ନୁହେଁ ଯେ ହର୍ମୋନ୍ ପରିବର୍ତ୍ତନ ଆରମ୍ଭ ହେବା ମାତ୍ରେ ବିବାହର ବୟସ ଆସିଯାଇଛି। ଯୌନ ସମ୍ପର୍କ ଏବଂ ବିବାହ ପାଇଁ ସର୍ବନିମ୍ନ ବୟସ ବିଶ୍ୱର ବିଭିନ୍ନ ଦେଶରେ ଭିନ୍ନ ହୋଇଥାଏ।

**ଆଦର୍ଶ ବିବାହ:**

ଭାରତରେ ଝିଅମାନଙ୍କ ପାଇଁ ବିବାହର ସର୍ବନିମ୍ନ ବୟସ ୧୮ ବର୍ଷ ରହିଥିବା ପୁଅମାନଙ୍କ ପାଇଁ ୨୧ ବର୍ଷ ରହିଛି। ଆଇନଗତ ଭାବରେ, ସ୍ୱାମୀ-ସ୍ତ୍ରୀ ମଧ୍ୟରେ ତିନି ବର୍ଷର ବୟସ ପାର୍ଥକ୍ୟ ଗ୍ରହଣୀୟ ବୋଲି ବିବେଚନା କରାଯାଏ। ତଥାପି, ସମାଜରେ ବୟସ ପାର୍ଥକ୍ୟକୁ ନେଇ ଅନେକ ବିଶ୍ୱାସ ମଧ୍ୟ ଅଛି।

# ଶାକାହାରୀ ବ୍ୟକ୍ତି କିପରି ପାଇବେ ଭିଟାମିନ୍ ବି୧୨: ଏହିସବୁ ଖାଦ୍ୟ ଦେବ ଲାଭ

ଭିଟାମିନ୍ ବି ୧୨ ଡିଏନ୍ଏ ସିନ୍ଥେସିସ୍ ଏବଂ ଲାଲ ରକ୍ତ କଣିକା ତିଆରି କରିବା ସହିତ ଏହାର ଅନେକ ଶାରୀରିକ କାର୍ଯ୍ୟ ଅଛି। ଭିଟାମିନ୍ ବି ୧୨ ସାଧାରଣତଃ ପଶୁଜାତୀୟ ଖାଦ୍ୟରୁ ଅଧିକ ମିଳିଥାଏ। ତେବେ ଏହା ଶାକାହାରୀମାନଙ୍କ ପାଇଁ ଏକ ଚ୍ୟାଲେଞ୍ଜ୍ ସୃଷ୍ଟି କରିପାରେ।

ଲୋକମାନଙ୍କ ପାଖରେ ଯେତେବେଳେ ଭିଟାମିନ୍ ବି ୧୨ ର ଅଭାବ ପଡେ, ଏଥିପାଇଁ ସେମାନେ ସପ୍ଲିମେଣ୍ଟ ନିଅନ୍ତି। ଭିଟାମିନ୍ ବି ୧୨ ଡିଏନ୍ଏ ସିନ୍ଥେସିସ୍ ଏବଂ ଲାଲ ରକ୍ତ କଣିକା ତିଆରି କରିବା ସହିତ ଏହାର ଅନେକ ଶାରୀରିକ କାର୍ଯ୍ୟ ଅଛି। ଭିଟାମିନ୍ ବି ୧୨ ସାଧାରଣତଃ ପଶୁଜାତୀୟ ଖାଦ୍ୟରୁ ଅଧିକ ମିଳିଥାଏ। ତେବେ ଏହା ଶାକାହାରୀମାନଙ୍କ ପାଇଁ ଏକ ଚ୍ୟାଲେଞ୍ଜ୍ ସୃଷ୍ଟି କରିପାରେ।

ତଥାପି, ଏମିତି ଅନେକ ଶାକାହାରୀ ଖାଦ୍ୟ ଅଛି ଯାହା ଭିଟାମିନ୍ ବି ୧୨ ର ଅଭାବକୁ ପୂରଣ କରିପାରିବ। ଶାକାହାରୀମାନେ ସେମାନଙ୍କର ସ୍ୱାସ୍ଥ୍ୟ ବୃଦ୍ଧି ପାଇଁ ଭିଟାମିନ୍ ବି ୧୨ ଥିବା ଖାଦ୍ୟ ଖାଇପାରିବେ। ଏହି ଭିଟାମିନ୍‌ର ବଡ ଉତ୍ସ ଥିବା କେତେକ ଖାଦ୍ୟ ବିଷୟରେ ଆସନ୍ତୁ ଜାଣିବା।



**ଫର୍ଟିଫାଇଡ୍ ଫୁଡ୍:**

ପୁରା ଶସ୍ୟ, ଉଦ୍ଭିଦ ତେଲ ଇତ୍ୟାଦି ଖାଦ୍ୟ ଶାକାହାରୀମାନଙ୍କ ପାଇଁ ଭିଟାମିନ୍ ବି ୧୨ ର ଏକ ଉତ୍କୃଷ୍ଟ ଉତ୍ସ। ଉଦ୍ଭିଦ ଭିତ୍ତିକ ଦୁଗ୍ଧ, କେତେକେ ଶସ୍ୟ ପରି ଅନେକ ଖାଦ୍ୟ ଭିଟାମିନ୍ ବି ୧୨ରେ ଭରପୂର। ଏହି ଖାଦ୍ୟ ଶାକାହାରୀମାନଙ୍କ ପାଇଁ ଭିଟାମିନ୍ ବି ୧୨ର ଏକ ସୁବିଧାଜନକ ଏବଂ ନିର୍ଭରଯୋଗ୍ୟ ଉତ୍ସ ପ୍ରଦାନ କରିପାରିବ।



**ଫର୍ମିଟେଡ୍ ଫୁଡ୍**

ଶାକାହାରୀମାନଙ୍କ ପାଇଁ ଭିଟାମିନ୍ ବି ୧୨ର ସମ୍ଭାବ୍ୟ ଉତ୍ସ ଭାବରେ ଫର୍ମିଟେଡ୍ ଫୁଡ୍(ଆଚାର ଜାତୀୟ) ମଧ୍ୟ ପରାମର୍ଶ ଦିଆଯାଏ। ଅବଶ୍ୟ, ଫର୍ମିଟେଡ୍ ଫୁଡ୍ ଭିଟାମିନ୍ ବି ୧୨ ର ପରିମାଣ ଭିନ୍ନ ହୋଇଥାଏ ଏବଂ ଅନେକ କାରଣ ଉପରେ ନିର୍ଭର କରିପାରେ।



**କ୍ଷୀର ଏବଂ ଦୁଗ୍ଧଜାତ ଦ୍ରବ୍ୟ**

ଶାକାହାରୀ ଖାଦ୍ୟରେ ପର୍ଯ୍ୟାପ୍ତ ପରିମାଣର ଭିଟାମିନ୍ ବି ୧୨ ପାଇବା ପାଇଁ ସହଜ ଉପାୟ ହେଉଛି ଦୁଗ୍ଧଜାତ ଦ୍ରବ୍ୟ ଖାଇବା। ଖାଦ୍ୟରେ କ୍ଷୀର, ଦହୀ ଏବଂ ଅନ୍ୟାନ୍ୟ ଜିନିଷ ସାମିଲ କରନ୍ତୁ।



**ବିଟ୍ସ:**

ବିଟ୍ସରେ ଆଇରନ୍, ଫାଇବର, ପୋଟାସିୟମ୍ ଏବଂ ଭିଟାମିନ୍ ବି ୧୨ ଭରପୂର ମିଳେ। ବିଟ୍ସ ନିୟମିତ ଖାଇବା ଦ୍ୱାରା ଚୁଟି ବଢିବାରେ ସାହାଯ୍ୟ କରେ, ଚର୍ମକୁ ଚମକାଇଥାଏ, ରକ୍ତ ସଞ୍ଚାଳନ ଏବଂ ସହନଶୀଳତା ବଢେ।

# ଖାଇବା ପୂର୍ବରୁ ଦୁଇ ପାଖୁଡ଼ା ରସୁଣ: ଦୂର କରେ ଏହି ସବୁ ସ୍ୱାସ୍ଥ୍ୟ ସମସ୍ୟା

ରସୁଣର ଅନେକ ଔଷଧୀୟ ଗୁଣ ରହିଛି। ଏହାକୁ ଖାଇବା ଦ୍ୱାରା ଏକାଧିକ ସ୍ୱାସ୍ଥ୍ୟ ସମସ୍ୟା ଦୂର ହୋଇଯାଏ ବୋଲି ବିବେଚନା କରାଯାଏ। କିନ୍ତୁ ଜାଣିଲେ ଆଶ୍ଚର୍ଯ୍ୟ ହେବେ, ଖାଇବା ପୂର୍ବରୁ କିମ୍ବା ଖାଦ୍ୟ ସହିତ ଯଦି ଦୁଇ ପାଖୁଡ଼ା ରସୁଣ ଖାଆନ୍ତି, ତେବେ ଅନେକ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ଦୂର ହୋଇପାରେ। ଏହା ଦ୍ୱାରା କି କି ଫାଇଦା ମିଳିଥାଏ, ଜାଣନ୍ତୁ...

ରକ୍ତଚାପ ଏବଂ କୋଲେଷ୍ଟ୍ରଲ ନିୟନ୍ତ୍ରଣ- ଖାଇବା ପୂର୍ବରୁ ରସୁଣ ଖାଇବା ଦ୍ୱାରା ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ ହୋଇପାରେ। ଏଥିରେ ସଲଫାଇଟ୍ ଯୌଗିକ ଥାଏ, ଯାହା ବିପି ଏବଂ କୋଲେଷ୍ଟ୍ରଲ ସ୍ତରକୁ ହ୍ରାସ କରିଥାଏ। ଏହା ଦ୍ୱାରା ହୃଦୟ ସମ୍ବନ୍ଧୀୟ ସମସ୍ୟା ମଧ୍ୟ ହ୍ରାସ ହୋଇପାରେ।

ସଂକ୍ରମଣରୁ ରକ୍ଷା କରେ- ରସୁଣରେ ପ୍ରାକୃତିକ ଆଣ୍ଟିବାୟୋଟିକ୍ ଗୁଣ ଥାଏ, ଯାହା ବିଭିନ୍ନ ସଂକ୍ରମଣର ମୁକାବିଲା କରିବାରେ ସାହାଯ୍ୟ କରିଥାଏ। ରସୁଣ ଖାଇବା ଦ୍ୱାରା ଥଣ୍ଡା ଏବଂ କାଶ ସମସ୍ୟାରୁ ମଧ୍ୟ ମୁକ୍ତି ମିଳିଥାଏ।

ଆର୍ଥ୍ରାଇଟିସ୍ ଯନ୍ତ୍ରଣା ଏବଂ ଫୁଲାକୁ ହ୍ରାସ କରେ- ଯେଉଁମାନେ ଆର୍ଥ୍ରାଇଟିସରେ ପୀଡିତ ସେମାନେ ଖାଇବା ପୂର୍ବରୁ ଦୁଇ ପାଖୁଡ଼ା ରସୁଣ ଖାଇବା ଦ୍ୱାରା ଗଣ୍ଠି ଯନ୍ତ୍ରଣା ଦୂର ହୋଇଥାଏ।



# ପ୍ରସବ ପରବର୍ତ୍ତୀ ଅବସାଦ



ଜଣେ ପ୍ରସୂତିଙ୍କର ସନ୍ତାନ ପ୍ରସବ ପରେ ଦେଖା ଦେଉଥିବା ଅବସାଦ(ପୋଷ୍ଟପାର୍ଟମ୍ ଡିପ୍ରେସନ୍) ଯୋଗୁଁ ଉଭୟ ମାଆ ଓ ନବଜାତକର ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ଜଟିଳତା ଦେଖାଦେଇଥାଏ ବୋଲି ଜଣାଯାଇଛି। ଏହି ସମସ୍ୟା ମାସ ମାସ ଧରି ଲାଗି ରହିବା ସହ ବେଳେ ବେଳେ ତାହା ଅବସାଦଜନିତ ବିକୃତିରେ ପରିଣତ ହୋଇଥାଏ। ଏଥିଯୋଗୁଁ ନାନା ପାରିବାରିକ ସମସ୍ୟା ଦେଖାଯିବାଟା ସ୍ୱାଭାବିକ। ଜଣେ ପ୍ରସୂତି ନିଜର ସନ୍ତାନକୁ ଜନ୍ମ ଦେଲା ପରେ ତାଙ୍କ ମନକୁ ଏକପ୍ରକାର ଦୁଃଖାନୁଭବ ଆସିଥାଏ। ଯାହାକୁ 'ବେବି ବ୍ଲ୍ୟୁଜ୍' କୁହାଯାଏ। ସେଥିରେ ତାଙ୍କର ଭାବାବେଗରେ ହଠାତ୍ ପରିବର୍ତ୍ତନ, ଅନିୟନ୍ତ୍ରିତ ରୋଦନ, ଉତ୍କଣ୍ଠା ଓ ନିଦ୍ରା ଯିବାରେ ଅସୁବିଧା ଆଦି ଅନ୍ତର୍ଭୁକ୍ତ। ଶିଶୁକୁ ପ୍ରସବ କରିବାର ଦୁଇ ତିନି ଦିନ ପରେ ଏହିସବୁ ଲକ୍ଷଣ ଆରମ୍ଭ ହୋଇଥାଏ ଏବଂ ତାହା ଦୁଇ ତିନି ସପ୍ତାହ ଯାଏ ଲାଗି ରହିଥାଏ। କିଛି ନୂଆ ମାଆଙ୍କ କ୍ଷେତ୍ରରେ ଏହା ବହୁଦିନ ଜାରି ରହି 'ପୋଷ୍ଟପାର୍ଟମ୍ ଡିପ୍ରେସନ୍'କୁ ସ୍ୱାଗତ କରିଥାଏ। ବେଳେ ବେଳେ ଏହି ଲକ୍ଷଣ ସବୁ ଗର୍ଭାବସ୍ଥା ବେଳରୁ ଆରମ୍ଭ ହୋଇ ପ୍ରସବ ପରବର୍ତ୍ତୀ ସମୟ ଯାଏ ମଧ୍ୟ ଲାଗି ରହିଥାଏ, ଯାହାକୁ 'ପେରିପାର୍ଟମ୍ ଡିପ୍ରେସନ୍' କୁହାଯାଏ। ସର୍ବୋପରି ଏଭଳି ଅବଗୁଣର ସମୟୋଚିତ ଚିକିତ୍ସା ନକରାଇଲେ ବେଳେ ବେଳେ ପ୍ରସୂତିମାନେ ଶିଶୁକୁ ଦୁଗ୍ ?ଧପାନ ବନ୍ଦ କରିଦେବା ସହ ଶିଶୁ ସହ ଆବେଗରେ ବାନ୍ଧି ହେବା କି ତାହାର ଯତ୍ନ ନେବା ଆଦିକୁ ଅବହେଳା କରିଦେଇଥା'ନ୍ତି। ତାଙ୍କର ଓଜନ ଆଶାତୀତ ଭାବେ ବଢ଼ିଯିବା ସହ ସାମାଜିକ ସମ୍ପର୍କ ସ୍ଥାପନରେ ସେ ସମସ୍ୟା ଅନୁଭବ କରନ୍ତି। ଏପରିକି ନିଶାସକ୍ତ ହେବାର କାମନାକୁ ଚରିତାର୍ଥ କରିବା ସହ ତାଙ୍କ ମନରେ ଆତ୍ମହତ୍ୟାପ୍ରବଣତା ମଧ୍ୟ ଜାଗ୍ରତ ହେବାର ଆଶଙ୍କା ରହିଛି। ସେହିପରି ଶିଶୁଠାରେ ଏହାର ଲକ୍ଷଣ ସ୍ୱରୂପ ମାତ୍ରାଧିକ କାନ୍ଦିବା, ଖାଇବା ଓ ଶୋଇବାରେ ସମସ୍ୟା ଦେଖାଦେବା, ମନୋଯୋଗରେ ଅଭାବ ରହିବା ଓ କଥାବାର୍ତ୍ତା କରିବାରେ ବିଳମ୍ବ ହେବା ଆଦି ଦେଖାଯାଇଥାଏ। ଏହି 'ପୋଷ୍ଟପାର୍ଟମ୍ ଡିପ୍ରେସନ୍' ସାଧାରଣତଃ ୧୨ ସପ୍ତାହ ଯାଏ ରହିଥାଏ, ତେବେ ଏହାର ପ୍ରତିକାର ନକଲେ ତାହା ବର୍ଷେ ଯାଏ ମଧ୍ୟ ବଳବତ୍ତର ରହିବାର ଆଶଙ୍କା ରହିଛି। କିନ୍ତୁ ଉପଚାର ସ୍ୱରୂପ ଏହାର ବ୍ୟବହାରଗତ ଚିକିତ୍ସା(ବିହେଭିଅରାଲ୍ ଥେରାପି) ଓ ଅନ୍ତଃବ୍ୟକ୍ତିଗତ ଚିକିତ୍ସା(ଇଣ୍ଟରପର୍ସନାଲ୍ ଥେରାପି) କରାଇବା ଜରୁରି। ଏଥିରେ ପୀଡ଼ିତ ଥିବା ନୂଆ ମାଆମାନଙ୍କୁ ପରିବାର ଲୋକେ ସେମାନଙ୍କ ସହ ମାତ୍ରାଧିକ କଥାବାର୍ତ୍ତା କରିବା ପାଇଁ ପ୍ରବର୍ତ୍ତାଇବା ଦରକାର। ଧୈର୍ଯ୍ୟର ସହ ସେମାନଙ୍କ ଅନୁଭବ ଓ ଭାବନାକୁ ଶୁଣିବା ଦରକାର। ସେମାନଙ୍କୁ ନିଜର ଯତ୍ନ ନେବା ପାଇଁ ପ୍ରୋତ୍ସାହିତ କରିବା ମଧ୍ୟ ଆବଶ୍ୟକ। ଏଥିସହିତ ସେମାନଙ୍କୁ ଠିକଣା ସମୟରେ ଉଚିତ ଖାଦ୍ୟ ଓ ପୋଷକ ଖୁଆଇବାର ବ୍ୟବସ୍ଥା ହେବା ଜରୁରି।

# ବୁକୁପୋଡ଼ା ବନାମ୍ ହୃଦ୍‌ଘାତ



ବେଳେ ବେଳେ ଆମେ ଛାତିପୋଡ଼ାକୁ ହୃଦ୍‌ଘାତ ବୋଲି ଭାବିନେଉ। ପୁଣି ହୃଦ୍‌ଘାତକୁ ବୁକୁପୋଡ଼ା ବୋଲି ମନେକରିଥାଉ। ତେବେ ଏଇ ଦୁଇଟି ଭିତରେ ରହିଥିବା ପାର୍ଥକ୍ୟକୁ ବୁଝିବା ନିହାତି ଜରୁରି। ଛାତିପୋଡ଼ା ସାଧାରଣତଃ ହଜମକ୍ରିୟା ସହ ଜଡ଼ିତ ଥିବା ବେଳେ ହୃଦ୍‌ଘାତ ମୁଖ୍ୟତଃ ହୃତ୍‌ପିଣ୍ଡ କ୍ରିୟା ସହ ଜଡ଼ିତ, ଯାହାର ତ୍ୱରିତ ଚିକିତ୍ସା ଜରୁରି। ଉଭୟ ଶାରୀରିକ ପ୍ରତିକ୍ରିୟା ମଧ୍ୟରେ ରହିଥିବା ପାର୍ଥକ୍ୟକୁ ବୁଝିପାରିଲେ ଗୋଟିକର ଦୂରୀକରଣ ପାଇଁ ଅନ୍ୟଟିର ଚିକିତ୍ସା କରାଇବାର ତ୍ରୁଟି ରହିବନି ଏବଂ ତୁରନ୍ତ ଚିକିତ୍ସା କରାଇ ଜୀବନ ବଞ୍ଚାଇହେବ।

**ବୁକୁପୋଡ଼ାର ଲକ୍ଷଣ:** ଯେତେବେଳେ ପାକସ୍ଥଳୀରେ କ୍ଷରିତ ଅମ୍ଳ ଉଠି ଆସି ଖାଦ୍ୟନଳୀ ବା ନିଗଳ(ଓସୋଫାଗସ୍)ରେ ପହଞ୍ଚିଯାଏ, ସେତେବେଳେ ବୁକୁପୋଡ଼ା ଆରମ୍ଭ ହୁଏ, ଯାହାକୁ 'ଏସିଡ୍ ରିଫ୍ଲକ୍ସ' କୁହାଯାଏ। ଓସୋଫାଗସ୍‌ର ପାର୍ଶ୍ୱଗୁଡ଼ିକୁ ଉକ୍ତ ଏସିଡ୍ ଉତ୍ତେଜିତ କରିବା ଯୋଗୁଁ ଏପରି ଅସ୍ୱସ୍ତିକର ଅନୁଭବ ଆସିଥାଏ। ପିଞ୍ଜରାର ଠିକ୍ ପଛପଟେ ଅନୁଭୂତ ଏହି ଯନ୍ତ୍ରଣା ସାଧାରଣତଃ କେଇ ମିନିଟ୍‌ରୁ କେଇ ଘଣ୍ଟା ଯାଏ ଜାରି ରହିଥାଏ। ଏଥିଯୋଗୁଁ କିଛି ବି ଖାଇବା ପରେ ପରେ ପାଟିକୁ ଟିକେ ଅମ୍ଳୀୟ ବା ପିତାଳିଆ ସ୍ୱାଦ ଲାଗିଥାଏ। ବେଳେ ବେଳେ ଉକ୍ତ ଅମ୍ଳ ତଣ୍ଟି ଯାଏ ବ୍ୟାପି ଆସିବାରୁ ଅଜୀର୍ଣ୍ଣ ହାକୁଟି ଆସିଥାଏ। ଏପରି ଛାତି ଭିତରର ଜଳାପୋଡ଼ା ଅନୁଭବ ବେଳେ ବେଳେ ହୃତ୍‌ପିଣ୍ଡରେ ସମସ୍ୟା ବୋଲି ଅନେକଙ୍କୁ ଭ୍ରମରେ ପକାଇଥାଏ। ମାତ୍ର ଏହା ଖାଦ୍ୟ ପାଚନ ଜନିତ ସମସ୍ୟା।

**ହୃଦ୍‌ଘାତର ଲକ୍ଷଣ:** ଯେତେବେଳେ ହୃତ୍‌ପିଣ୍ଡ ମାଂସପେଶୀର କୌଣସି ସ୍ଥାନକୁ ରକ୍ତ ସଂଚାଳନ ବନ୍ଦ ହୋଇଯାଏ, ହୃଦ୍‌ଘାତ ସମସ୍ୟା ଦେଖାଦେଇଥାଏ। ବିଶେଷ କରି ଧମନୀରେ କୌଣସି ଖାଦ୍ୟ କଣିକା ଜମି ରହିବାରୁ ଏପରି ଘଟିଥାଏ। ଆବଶ୍ୟକ ପରିମାଣର ରକ୍ତ ସଂଚାଳନ ନପାଇ ହୃତ୍‌ପିଣ୍ଡର ମାଂସପେଶୀ ଠିକ୍‌ରେ ସଂକୋଚନ କି ପ୍ରସାରଣ କାର୍ଯ୍ୟ କରିପାରେନାହିଁ। ଫଳରେ ଛାତିର ଠିକ୍ ମଧ୍ୟଭାଗରେ ଭିଡ଼ିମୋଡ଼ି ହେଲା ପରି ଲାଗିବା ସହ ଭୀଷଣ ଚାପଦେଇ କିଏ ମାଡ଼ିବସିଲା ପରି ମନେହୁଏ। ଧୀରେ ଧୀରେ ଏହି ଯନ୍ତ୍ରଣା ଚିବୁକ, ବେକ, ପିଠି ଓ ବାହୁ ଆଦି ସ୍ଥାନକୁ ପ୍ରସାରିତ ହୋଇଥାଏ। ଛାତିରେ ଯନ୍ତ୍ରଣା ସହିତ ଶ୍ୱାସକ୍ରିୟା କରିବାରେ ମଧ୍ୟ କଷ୍ଟ ଅନୁଭୂତ ହୁଏ। ଅଧିକାଂଶ କ୍ଷେତ୍ରରେ ପୀଡ଼ିତଙ୍କ ଦେହରୁ ଥଣ୍ଡା ପରିବେଶରେ ମଧ୍ୟ ଝାଳ ନିର୍ଗତ ହେବା ସହ ଓକାଳ ଆସିବା ଓ ବାନ୍ତି କଲା ଭଳି ଅନୁଭବ ଆସିଥାଏ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଭାରତ-କାନାଡ଼ା ସମ୍ପର୍କରେ ତିକ୍ତତା...

କାନାଡ଼ାର ଜଷ୍ଟିନ ଟ୍ରୁଡୋ ସରକାରଙ୍କ ଛତ୍ରଛାୟାରେ ଆଶ୍ରୟ ନେଇଥିବା ଭାରତ ବିରୋଧୀ ଖଲିସ୍ତାନୀ ନେତା ହରଦୀପ ସିଂହ ନିଜ୍ଜାର ହତ୍ୟା ମାମଲାରେ ଭାରତ-କାନାଡ଼ା ସମ୍ପର୍କ ଆହୁରି ତିକ୍ତ ହୋଇଛି। ଏହି ହତ୍ୟା ଘଟଣାରେ କାନାଡ଼ାରେ ଅବସ୍ଥାପିତ ଭାରତୀୟ ଦୂତାବାସର ସମ୍ପୃକ୍ତି ଥିବା ଅଭିଯୋଗ ଆଣି ଟ୍ରୁଡୋ ସରକାର ଭାରତୀୟ ରାଷ୍ଟ୍ରଦୂତଙ୍କୁ ବହିଷ୍କାର କରିବା ସହିତ ଭାରତ ବିରୋଧରେ ବିଷୋଦ୍‌ଗାର କରିଛି। ଭାରତ କାନାଡ଼ାର ଅଭିଯୋଗକୁ ଭିତ୍ତିହୀନ ବୋଲି କହିଛି ଏବଂ ପାଲଟା ପଦକ୍ଷେପ ସ୍ୱରୂପ ଭାରତରେ ଅବସ୍ଥାପିତ କାନାଡ଼ା ଦୂତାବାସର ଛଅଜଣ ଅଧିକାରୀଙ୍କୁ ବହିଷ୍କାର କରିଛି। କାନାଡ଼ାର ରୟାଲ୍ କାନାଡ଼ିଆନ୍ ମାଉଣ୍ଟେଡ୍ ପୁଲିସ୍ କମିଶନର ଗତ ସୋମବାର ଏ ସମ୍ପର୍କରେ ଏକ ପ୍ରେସ୍‌ବିବୃତ୍ତିରେ ସିଧାସଳଖ ଭାରତୀୟ ଦୂତାବାସର ଅଧିକାରୀଙ୍କ ଆଡ଼କୁ ଅଙ୍ଗୁଳି ଉଠାଇଛନ୍ତି। ସେଠାକାର ଗଣମାଧ୍ୟମଗୁଡ଼ିକ ମଧ୍ୟ ଏହି ଖବରକୁ ଅଗ୍ରାଧିକାର ଦେଇ ପ୍ରକାଶ କରିଛନ୍ତି। ଭାରତର ଜେଲ୍‌ରେ ଥିବା ଲରେନ୍ସ ବିଷ୍ଣୋୟୀ ନାମକ ଜଣେ ବ୍ୟକ୍ତିଙ୍କୁ ଏହି ହତ୍ୟାକାଣ୍ଡରେ ନିୟୋଜିତ କରାଯାଇଛି ଏବଂ ଏଥିରେ ଭାରତୀୟ ଗୁଇନ୍ଦା ସଂସ୍ଥା 'ର' ସମେତ ଭାରତୀୟ ରାଷ୍ଟ୍ରଦୂତର ମଧ୍ୟ ସମ୍ପୃକ୍ତିର ପ୍ରମାଣ ମିଳିଛି ବୋଲି କାନାଡ଼ା ଅଭିଯୋଗ ଆଣିଛି। ବର୍ଷକ ମଧ୍ୟରେ ଦୁଇ ରାଷ୍ଟ୍ର ମଧ୍ୟରେ ସମାନ କ୍ରିୟା-ପ୍ରତିକ୍ରିୟାର ପୁନରାବୃତ୍ତି ଘଟିଛି। ଗତବର୍ଷ ଜୁନ୍ ୧୮ ତାରିଖରେ ନିଜ୍ଜାରକୁ କାନାଡ଼ାରେ ହତ୍ୟା କରାଯିବା ପରେ କାନାଡ଼ା ସରକାର ଅତିଶୟ ପ୍ରତିକ୍ରିୟାଶୀଳ ହୋଇ ଭାରତ ବିରୋଧରେ ବିଷୋଦ୍‌ଗାର କରିଥିଲେ। ନିଜ୍ଜାରର ହତ୍ୟାରେ ଭାରତର ସମ୍ପୃକ୍ତି ଥିବା ସେଠାକାର ସଂସଦରେ ଟ୍ରୁଡୋ ଘୋଷଣା କରିବା ସହିତ ଅକ୍ଟୋବର ମାସରେ ଭାରତରେ କାର୍ଯ୍ୟରତ କାନାଡ଼ା ଦୂତାବାସର ଅଧିକାରୀ ଓ କର୍ମଚାରୀମାନଙ୍କୁ ଫେରାଇ ଆଣିଥିଲେ। ଆଉଜଣେ ଖଲିସ୍ତାନୀ ନେତା ଗୁରୁପତୱନ୍ତ ସିଂହ ପନ୍ନୁଙ୍କ ହତ୍ୟା ଘଟଣାରେ ମଧ୍ୟ ଭାରତୀୟ ଦୂତାବାସ ଅଧିକାରୀଙ୍କ ସମ୍ପୃକ୍ତିକୁ ନେଇ ଆମେରିକା ଗୁରୁତର ଅଭିଯୋଗ ଆଣିଥିଲା। କାନାଡ଼ାର ଏହି ଅଭିଯୋଗ ପଛରେ ଆମେରିକୀୟ ଗୁଇନ୍ଦା ବିଭାଗର ହାତ ଥିବା ସ୍ୱାଭାବିକ। କାରଣ ଉଭୟ ଆମେରିକା ଓ କାନାଡ଼ା 'ଫାଇଭ୍ ଆଇ' ଗୁପ୍ତ ରାଜିନାମାରେ ପରସ୍ପରକୁ ଗୁଇନ୍ଦା ଖବର ଯୋଗାଣ ପାଇଁ ଚୁକ୍ତିବଦ୍ଧ ହୋଇଥିବାରୁ ଏହି ପ୍ରସଙ୍ଗରେ କାନାଡ଼ାକୁ ସମର୍ଥନ କରିବା ଆମେରିକାର ଏକପ୍ରକାର ବାଧ୍ୟବାଧକତା। ଗତବର୍ଷ ସେପ୍ଟେମ୍ବର ମାସରେ ଜି୨୦ ବୈଠକରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏ ସମ୍ପର୍କରେ ଟ୍ରୁଡୋଙ୍କୁ ଅସନ୍ତୋଷ ଜଣାଇବା ପରେ ଗତ ଜୁନ୍ ମାସରେ ଜି-୭ ବୈଠକରେ ମୋଦୀ-ଟ୍ରୁଡୋ ଏ ସମ୍ପର୍କରେ ମିଳିତ ଭାବେ କାମ କରିବା ପାଇଁ ସହମତ ହୋଇଥିଲେ। କିନ୍ତୁ ଏବେ ଟ୍ରୁଡୋଙ୍କର ମତିଗତି ପରେ ଦୁଇ ରାଷ୍ଟ୍ରଙ୍କ ମଧ୍ୟରେ ସମ୍ପର୍କ ପୁଣି ଥରେ ଶିଥିଳ ହୋଇଯାଇଛି। କେବଳ ଖଲିସ୍ତାନୀ ପ୍ରସଙ୍ଗ ନୁହେଁ, କାନାଡ଼ା ସରକାର ବିଗତ କିଛି ବର୍ଷ ଧରି ଚୀନ୍ ପଟକୁ ଢଳି ଭାରତକୁ ନ୍ୟୂନ ଦୃଷ୍ଟିରେ ଦେଖୁଛି। ଭାରତ ସହିତ କାନାଡ଼ାର କୂଟନୈତିକ, ସାଂସ୍କୃତିକ, ବାଣିଜ୍ୟିକ ଓ ଭାବଗତ ସମ୍ପର୍କ ବହୁ ପୁରୁଣା। କିନ୍ତୁ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଅମଳରେ ଟ୍ରୁଡୋଙ୍କ ପିତା ସେଠାକାର ଶାସନ ଭାର ସମ୍ଭାଳିବା ପରେ ଭାରତ ସହିତ ସମ୍ପର୍କ ତିକ୍ତ କରିଥିଲେ ହେଁ ନରସିଂହ ରାଓଙ୍କ ଅମଳରେ ଦୁଇ ଦେଶ ମଧ୍ୟରେ ସମ୍ପର୍କ ନିବିଡ଼ ହୋଇଥିଲା। କିନ୍ତୁ ଜଷ୍ଟିନ୍ ଟ୍ରୁଡୋ କ୍ଷମତାକୁ ଆସିବା ପରେ ସେ ଭାରତର ସ୍ୱାର୍ଥ ଓ ପ୍ରସଙ୍ଗକୁ ଗୁରୁତ୍ୱ ଦେଇ ନ ଥିଲେ। କାନାଡ଼ା ମାଟିରେ ଖଲିସ୍ତାନୀ ସମର୍ଥକଙ୍କ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରିବା ପାଇଁ ଭାରତର ଅନୁରୋଧକୁ ବାରମ୍ବାର ଏଡ଼ାଇ ଯାଇଥିଲେ। କୌଣସି ଦେଶରେ ଆତଙ୍କ ବା ବିଚ୍ଛିନ୍ନତାବାଦ ସୃଷ୍ଟି ପାଇଁ ଗୋଟିଏ ଦେଶ ତାହାର ଭୂମି ଓ ନାଗରିକଙ୍କୁ ବ୍ୟକ୍ତି ସ୍ୱାଧୀନତା ଓ ପରିପ୍ରକାଶର ଅଧିକାର ଆଳରେ ସମର୍ଥନ ଦେବା ଏବଂ କ୍ଷତିଗ୍ରସ୍ତ ଦେଶର ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିବା ଅନ୍ୟାୟ। କିନ୍ତୁ ଶିଖମାନଙ୍କ ସମର୍ଥନ ହାସଲ କରି ତୃତୀୟଥର କ୍ଷମତାକୁ ଆସିବାକୁ ଟ୍ରୁଡୋ ଯେଉଁ ତୁଷ୍ଟୀକରଣ ରାଜନୀତି ସେଠାରେ ଚଳାଇଛନ୍ତି, ତାହାର ବାଧ୍ୟବାଧକତାରେ ସେ ଭାରତକୁ ବିରୋଧ କରୁଛନ୍ତି। କାନାଡ଼ାରେ ୭, ୭୦, ୦୦୦ ଶିଖ ବସବାସ କରନ୍ତି। ସେ ଦେଶର ମୋଟ ଜନସଂଖ୍ୟାରେ ଏମାନଙ୍କ ସଂଖ୍ୟା ପ୍ରାୟ ୨ ପ୍ରତିଶତ। ଜଷ୍ଟିନ୍ ଟ୍ରୁଡୋ ଏକ ସଂଖ୍ୟାଲଘୁ ସରକାରଙ୍କର ନେତୃତ୍ୱ ନେଉଛନ୍ତି, ଯାହାକୁ ୨୦ରୁ ଅଧିକ କାନାଡ଼ା ଅଧିବାସୀ ଶିଖ ପାର୍ଲାମେଣ୍ଟ ସଦସ୍ୟ ସମର୍ଥନ ଦେଉଛନ୍ତି। ଏହି ଶିଖମାନେ ଧନାଢ୍ୟ ଏବଂ ରାଜନୈତିକ ଦୃଷ୍ଟିରୁ ଅତ୍ୟନ୍ତ ପ୍ରଭାବୀ। ତେଣୁ ସେମାନଙ୍କ ସମର୍ଥନ ଲାଭ କରିବାକୁ ପ୍ରଧାନମନ୍ତ୍ରୀ ଟ୍ରୁଡୋ ଖଲିସ୍ତାନୀ କାର୍ଯ୍ୟକଳାପକୁ ସମର୍ଥନ କରିଆସୁଛନ୍ତି। କାନାଡ଼ାରେ ବହୁ ଭାରତୀୟ ସ୍ଥାୟୀ ଭାବେ ବସବାସ କରୁଛନ୍ତି। ସେ ଦେଶର ଅର୍ଥନୈତିକ ବିକାଶ, ବିଶେଷକରି ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଭାରତୀୟମାନେ ଉଲ୍ଲେଖନୀୟ ଭୂମିକା ନିର୍ବାହ କରୁଛନ୍ତି।



# ଜାତିସଂଘ ସୁରକ୍ଷା ପରିଷଦର ପ୍ରସଙ୍ଗିକତାକୁ ନେଇ ପ୍ରଶ୍ନ ?

**ଗୋପାଳ ମହାପାତ୍ର**

ଜାତିସଂଘରେ ଭାରତର ସ୍ଥାୟୀ ସଦସ୍ୟତାକୁ ନେଇ ଏବେ ବିମର୍ଷ ଚାଲିଛି। ଭାରତ ଏ ପ୍ରସଙ୍ଗରେ ନିଜର ଦାବି ଉପସ୍ଥାପନ କରିଥିବାବେଳେ ଚୀନକୁ ଛାଡି ବାକି ୪ଟି ଦେଶ ଆମେରିକା, ଫ୍ରାନ୍ସ, ଇଂଲଣ୍ଡ ଓ ଋଷ ଭାରତର ସଦସ୍ୟତା ସପକ୍ଷରେ ଅଛନ୍ତି। ଭାରତ ନିଜକୁ ସ୍ଥାୟୀ ସଦସ୍ୟ କରାଯିବା ସପକ୍ଷରେ ଯୁକ୍ତି ଦର୍ଶାଇଛି ଯେ ବର୍ତ୍ତମାନ ଜାତିସଂଘର ସୁରକ୍ଷା ପରିଷଦରେ ୫ ସ୍ଥାୟୀ ସଦସ୍ୟ ଓ ୧୦ ଅସ୍ଥାୟୀ ସଦସ୍ୟର ଯେଉଁ ବ୍ୟବସ୍ଥା ରହିଛି ତାହା ଏକବିଂଶ ଶତାବ୍ଦୀର ଆବଶ୍ୟକତାର ଅନୁରୂପ ନୁହେଁ। ଭାରତ ଅନେକ ବାର ଏକଥା କହିଲାଣି। ଅନ୍ୟ ପକ୍ଷରେ ଋଷ ୟୁକ୍ରେନ ଯୁଦ୍ଧ ପରଠାରୁ ଜାତିସଂଘ ଦୁଇଫାଳ ହୋଇଗଲା ଭଳି ଲାଗୁଛି। ବିଶ୍ୱରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ପାଇଁ ଉଦିଷ୍ଟ ଜାତିସଂଘ ଋଷ-ୟୁକ୍ରେନ ଓ ଇସ୍ରାଏଲ- ହମାସ ସଂଘର୍ଷରେ ବିଭାଜିତ ଅବସ୍ଥାକୁ ଆସିଯାଇଥିବା ବେଳେ ଏହାର ପ୍ରାସଙ୍ଗିକତାକୁ ନେଇ ଚର୍ଚ୍ଚା ମଧ୍ୟ ଆରମ୍ଭ ହୋଇଗଲାଣି। ଜାତିସଂଘ ସୁରକ୍ଷା ପରିଷଦର ମୁଖ୍ୟ କାମ ହେଉଛି ସଦସ୍ୟ ରାଷ୍ଟ୍ରମାନଙ୍କରେ ଶାନ୍ତି ସ୍ଥାପନା କରିବା ଓ ସଂଘର୍ଷକୁ ବନ୍ଦ କରିବା। ଏପରିକି ସଂଘର୍ଷର ତଦନ୍ତ କରିବା ଓ ଆବଶ୍ୟକ ପଡିଲେ ପ୍ରତିବନ୍ଧ ଲଗାଇବା। ବିଶ୍ୱ ସ୍ତରରେ ସଙ୍କଟ ଏବଂ ସଂଘର୍ଷର ସମାଧାନ କରିବାରେ ଜାତିସଂଘର ଯେଉଁ ଭୂମିକା ରହିବା କଥା ତାହା ନାହିଁ। ଦ୍ୱୀତୀୟ ବିଶ୍ୱଯୁଦ୍ଧ ପରେ ଯେଉଁ ଉଦେଶ୍ୟ ନେଇ ଏହାର ସୃଷ୍ଟି ହୋଇଥିଲା ସେଇ ଉଦେଶ୍ୟ ଠାରୁ ଏବେ ବହୁ ଦୂରରେ ଜାତିସଂଘ। ବିଗତ କିଛି ବର୍ଷ ହେବ ଯେଉଁ ଅନୁଭବ ରହିଛି ସେ ସବୁକୁ ଦେଖିଲେ ଜାତିସଂଘ ବିଶ୍ୱର ପ୍ରଗତି ପାଇଁ ଯେଉଁ ଉପଯୁକ୍ତ ଭୂମିକା ନିର୍ବାହ କରିବା କଥା ସେ କଥା କରିପାରିନାହିଁ ବୋଲି ସ୍ପଷ୍ଟ ହୋଇଯାଇଛି। ଜାତିସଂଘ ଅନେକ ବଡ଼ ବଡ଼ ସମସ୍ୟାକୁ ସମାଧାନ କରିବା ଦିଗରେ ଅସଫଳ ରହିଛି।

୧୯୫୦ ଦଶନ୍ଧିରେ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁ କାଶ୍ମୀର ସମସ୍ୟାକୁ ଜାତିସଂଘରେ ଉପସ୍ଥାପନ କରିଥିଲେ। ନେହେରୁ ଆଶା କରିଥିଲେ ଜାତିସଂଘ କିଛି ନିଷ୍ପତ୍ତି ନେବ କିନ୍ତୁ ଏବେ ୭୫ ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ କୌଣସି ସମାଧାନ ହୋଇପାରିନାହିଁ। ଏକା ଭଳି ସ୍ଥିତି ଭାରତ- ଚୀନ ସୀମା ବିବାଦକୁ ନେଇ ଘଟିଛି। ଚୀନ ଭାରତର ହଜାରେ ବର୍ଗ କିଲୋମିଟର ଭୂ-ଖଣ୍ଡକୁ ଜବର ଦଖଲ କରି ରଖିଥିଲେ ମଧ୍ୟ ଜାତିସଂଘ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ତିବ୍ବତ ସମସ୍ୟା ମଧ୍ୟ ଜାତିସଂଘ ସମାଧାନ କରିପାରିନାହିଁ। ତିବ୍ବତ୍‌କୁ ଚୀନ ପୁରା ଜବରଦଖଲ କରିଛି। ଏପରିକି ଏବେ ଯେଉଁ ଋଷ ୟୁକ୍ରେନ ଏବଂ ଇସ୍ରାଏଲ-ହମାସ ଯୁଦ୍ଧ ଚାଲିଛି ତାକୁ ରୋକିବା ଦିଗରେ ଜାତିସଂଘ କୌଣସି ସାର୍ଥକ ଭୂମିକା ଗ୍ରହଣ କରିପାରିନାହିଁ। ଋଷ-ୟୁକ୍ରେନ ଯୁଦ୍ଧକୁ ଏବେ ଦୁଇବର୍ଷ ପୁରିଲାଣି। ପାଲେଷ୍ଟାଇନ ଏବଂ ଇସ୍ରାଏଲ ଯୁଦ୍ଧ ମଧ୍ୟ ବର୍ଷେ ବିତି ଗଲାଣି। କିନ୍ତୁ ଏହାକୁ ରୋକିବା ଦିଗରେ ଜାତିସଂଘ ଏକ ଔପଚାରିକ ପ୍ରସ୍ତାବ ଆଗତ କରି ତାର କାମ ସାରିଦେଇଛି। ଏହାର ଏକେ ବଡ଼ କାରଣ ହେଉଛି ସୁରକ୍ଷା ପରିଷଦର ୫ ସଦସ୍ୟ ଦେଶକୁ ଭିଟୋପାଓ୍ୟାର ଦିଆଯାଇଛି। ଏହାର ଅର୍ଥ ହେଉଛି ଜାତିସଂଘର କାର୍ଯ୍ୟପ୍ରଣାଳୀରେ ଗଣତାନ୍ତ୍ରିକ ପ୍ରକ୍ରିୟା ନାହିଁ। ସୁରକ୍ଷା ପରିଷଦର ସଦସ୍ୟ ରାଷ୍ଟ୍ରମାନେ ଯଦି ନିର୍ଣ୍ଣୟ ନିଅନ୍ତି ତେବେ ସେହି ନିର୍ଣ୍ଣୟ ଉପରେ ଭିଟୋ ଅଧିକାର ପ୍ରାପ୍ତ କେହି ରାଷ୍ଟ୍ର ଯଦି ଭିଟୋ ପ୍ରୟୋଗ କରନ୍ତି ତେବେ ସେହି ନିର୍ଣ୍ଣୟ କାର୍ଯ୍ୟକାରୀ ହୋଇପାରେ ନାହିଁ। ଏଭଳି ବିଶ୍ୱସ୍ତରୀୟ ସଂସ୍ଥା ଯେଉଁଠି ଗଣତନ୍ତ୍ର ନାହିଁ ସେହି ସଂସ୍ଥାସଦସ୍ୟ ଦେଶ ମାନଙ୍କର ସମସ୍ୟା କ'ଣ ସମାଧାନ କରିବ? ଭାରତ ଏବେ ନୁହେଁ ବିଗତ ତିନି ଦଶନ୍ଧିରୁ ଅଧିକ ଦିନ ହେବ ସୁରକ୍ଷା ପରିଷଦର ସ୍ଥାୟୀ ସଦସ୍ୟ ହେବା ପାଇଁ ଲାଳାୟିତ ଓ ପ୍ରୟାସ ମଧ୍ୟ କରୁଛି। କିନ୍ତୁ ବିଶ୍ୱର ସମ୍ପନ୍ନ ଦେଶ ମାନେ ଭାରତୀୟ ଜନତାକୁ ଶୋଷଣ କରୁଛନ୍ତି। ସମ୍ପନ୍ନ ଦେଶର ନେତାମାନେ ଭାରତ ଆସିଲେ ଭାରତ ସୁରକ୍ଷା ପରିଷଦର ସଦସ୍ୟ ହେବା ଉଚିତ୍ ବୋଲି କହୁଛନ୍ତି ଓ ପ୍ରତିବଦଳରେ ଭାରତ ସହ ବ୍ୟବସାୟ ପାଇ ବଡ ଧରଣର ସଉଦା କରୁଛନ୍ତି। କିନ୍ତୁ ଭାରତ ଯେଉଁଠି ସେଇଠି।

> ଭାରତର ସୁରକ୍ଷା ପରିଷଦରେ ସ୍ଥାୟୀ ସଦସ୍ୟତାକୁ ନେଇ ଭାରତର ଅନେକ ନେତା ପୂର୍ବତନ ପ୍ରଧାନମନ୍ତ୍ରୀ ପଣ୍ଡିତ ନେହେରୁଙ୍କୁ ଦାୟୀ କରୁଛନ୍ତି। ଆଲୋଚକଙ୍କ ତର୍କ ହେଉଛି ନେହେରୁ ଏଭଳି ସୁଯୋଗକୁ ହାତ ଛଡା କରିଛନ୍ତି। ନେହେରୁଙ୍କ ଆଲୋଚକମାନେ ସେତେବେଳେ ଓ ଏବେ ନେହେରୁ ଦେଶର ହିତକୁ ବଳିଦାନ ଦେଇଛନ୍ତି ବୋଲି କହୁଛନ୍ତି। କିନ୍ତୁ ଏକଥାକୁବୁଝିବା ପୁର୍ବରୁ ଆମକୁ ୧୯୫୦ ଦଶନ୍ଧିର ଏକ ନବ ଉଦିତ ରାଷ୍ଟ୍ର ସମକ୍ଷରେ ଉତ୍ପନ୍ନ ଆନ୍ତର୍ଯାତୀୟ ଚାଲେଞ୍ଜ ଏବଂ ଶୀତଯୁଦ୍ଧର ପ୍ରାରମ୍ଭରେ ଆମେରିକା, ସୋଭିଏତରଷ ଏବଂ ପିପୁଲ୍ସ ରିପବ୍ଲିକ ଅଫ ଚାଇନା ସହ ଭାରତର ସମ୍ପର୍କର ପୃଷ୍ଠ ଭୂମିକୁ ବୁଝିବାକୁ ପଡିବ।

ଭାରତର ସୁରକ୍ଷା ପରିଷଦରେ ସ୍ଥାୟୀ ସଦସ୍ୟତାକୁ ନେଇ ଭାରତର ଅନେକ ନେତା ପୂର୍ବତନ ପ୍ରଧାନମନ୍ତ୍ରୀ ପଣ୍ଡିତ ନେହେରୁଙ୍କୁ ଦାୟୀ କରୁଛନ୍ତି। ଆଲୋଚକଙ୍କ ତର୍କ ହେଉଛି ନେହେରୁ ଏଭଳି ସୁଯୋଗକୁ ହାତ ଛଡା କରିଛନ୍ତି। ନେହେରୁଙ୍କ ଆଲୋଚକମାନେ ସେତେବେଳେ ଓ ଏବେ ନେହେରୁ ଦେଶର ହିତକୁ ବଳିଦାନ ଦେଇଛନ୍ତି ବୋଲି କହୁଛନ୍ତି। କିନ୍ତୁ ଏକଥାକୁବୁଝିବା ପୁର୍ବରୁ ଆମକୁ ୧୯୫୦ ଦଶନ୍ଧିର ଏକ ନବ ଉଦିତ ରାଷ୍ଟ୍ର ସମକ୍ଷରେ ଉତ୍ପନ୍ନ ଆନ୍ତର୍ଯାତୀୟ ଚାଲେଞ୍ଜ ଏବଂ ଶୀତଯୁଦ୍ଧର ପ୍ରାରମ୍ଭରେ ଆମେରିକା, ସୋଭିଏତରଷ ଏବଂ ପିପୁଲ୍ସ ରିପବ୍ଲିକ ଅଫ ଚାଇନା ସହ ଭାରତର ସମ୍ପର୍କର ପୃଷ୍ଠ ଭୂମିକୁ ବୁଝିବାକୁ ପଡିବ। ତତ୍‌କାଳୀନ ଆନ୍ତର୍ଯ୍ୟାତୀୟ ପରିସ୍ଥିତିରେ ଦ୍ୱୀତୀୟ ବିଶ୍ୱଯୁଦ୍ଧ ପରେ ଅଧିକାଂଶ ଦେଶ ଆମେରିକା ଏବଂ ଋଷର ନେତୃତ୍ୱରେ ଦୁଇ ଭାଗରେ ବିଭକ୍ତ ହୋଇ ଯାଇଥିଲେ। ନେହେରୁ ଏହି ବିଭାଜିତ ମେଣ୍ଟ/ଗୋଷ୍ଠୀକୁ ଅବାଂଛିତ ତଥା ଭୂମଣ୍ଡଳୀୟ ସହଯୋଗ ମାର୍ଗରେ ବାଧକ ବୋଲି ଭାବୁଥିଲେ। ସେହି କାରଣରୁ ସମ୍ବିଧାନ ସଭାରେ ଭାରତର ନୀତିର ଘୋଷଣା କରି ନେହେରୁ କହିଥିଲେ "ଆମେରିକା – ଋଷ ନେତୃତ୍ୱରେ ବିଭାଜିତ ଗୋଷ୍ଠୀ ମାନଙ୍କଠାରୁ ଭାରତ ଅଲଗା ରହିବ ଓ ସବୁ ଦେଶ ମାନଙ୍କ ସହ ସମାନ ସର୍ତ୍ତରେ ସହଯୋଗ କରିବ" ଏହି କାରଣରୁ ୧୯୬୧ରେ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନର ଆରମ୍ଭ ହୋଇଥିଲା ଓ ଅନେକ ଦେଶ ଏଥିରେ ସାମିଲ ହୋଇଥିଲେ। ଗୋଷ୍ଠୀ ନିରପେକ୍ଷ ରାଷ୍ଟ୍ର ହୋଇଥିବାରୁ ଆନ୍ତର୍ଯାତୀୟ ପ୍ରସଙ୍ଗରେ ଭାରତ କୌଣସି ଗୋଷ୍ଠୀ (ଆମେରିକା – ଋଷିଆ)କୁ ସମର୍ଥନ କରିନଥିଲା।

ଭାରତ କାହିଁକି ସୁରକ୍ଷା ପରିଷଦର ସଦସ୍ୟ ହେବା ପାଇଁ ଚାହୁଁଛି ? ଏ ପର୍ଯ୍ୟନ୍ତ ଜାତିସଂଘ କ'ଣ ସବୁ ନିଷ୍ପତ୍ତି ନେଇଛି ଯାହା ଭାରତର ବିରୋଧ ଅଥବା ସପକ୍ଷରେ ଯାଇଛି। ଭାରତ ସୁରକ୍ଷା ପରିଷଦ ର ସଦସ୍ୟ ହେଲେ ବି ପାକ୍ ଅଧିକୃତ କାଶ୍ମୀର ଓ ଚୀନ ପକ୍ଷରୁ ୧୯୬୨ରେ ଜବରଦଖଲ କରାଯାଇଥିବା ଭୂଖଣ୍ଡକୁ କ'ଣ ଫେରିପାଇବ ? ତିବତର୍ ସ୍ୱାଧିନତା, ଋଷ-ୟୁକ୍ରେନ ଏବଂ ଇସ୍ରାଏଲ- ପାଲେଷ୍ଟାଇନ ଯୁଦ୍ଧ ଏସବୁ ସମସ୍ୟାକୁ କ'ଣ ଭାରତର ସଦସ୍ୟତା ପରେ ଭାରତ ସମାଧାନ କରି ପାରିବ ? ଯେ ପର୍ଯ୍ୟନ୍ତ ସୁରକ୍ଷା ପରିଷଦରେ ଭିଟୋଅଧିକାରର ପ୍ରାବଧାନ ରହିବ ସେ ପର୍ଯ୍ୟନ୍ତ ସୁରକ୍ଷା ପରିଷଦ ବହୁ ମତରେ କୌଣସି ନିର୍ଣ୍ଣୟ କରିବାକୁ ଚାହିଁଲେ ମଧ୍ୟ ତାହା ହୋଇପାରିବ ନାହିଁ। ଉଦାହରଣ ସ୍ୱରୂପ ଯଦି ଜାତି ସଂଘରେ ଚୀନ ଜବରଦଖଲ କରିଥିବା ଭୂଖଣ୍ଡକୁ ଭାରତକୁ ଫେରାଇ ଦେଉ ବୋଲି ପ୍ରସ୍ତାବ ଗୃହୀତ ହୁଏ ତେବେ ଚୀନ କ'ଣ ରାଜିହେବ ? ଚୀନ ଯଦି ଭିଟୋ ପ୍ରୟୋଗକରେ ତେବେ ଗୃହୀତ ପ୍ରସ୍ତାବ ତ କାର୍ଯ୍ୟକାରୀ ହୋଇ ପାରିବ ନାହିଁ ଏଣୁ ପ୍ରସ୍ତାବ ଗୃହୀତ ହେବାର ଅର୍ଥ କ'ଣ ? ଭାରତ ପ୍ରସଙ୍ଗରେ ଜାତିସଂଘ ସୁରକ୍ଷା ପରିଷଦର ସ୍ଥାୟୀ ସଦସ୍ୟତାର ପ୍ରଥମ ଅନୌପଚାରିକ ପ୍ରସ୍ତାବକୁ ଏହି ପରିପ୍ରେକ୍ଷୀରେ ଦେଖାଯିବା ଉଚିତ୍। କୋରିଆ ଯୁଦ୍ଧ ଚାଲିଥିବାବେଳେ ୧୯୫୦ ମସିହା ସେପ୍ଟେମ୍ବର ମାସରେ ଆମେରିକା ପକ୍ଷରୁ କଥିତ ଭାବେ ଭାରତକୁ ସ୍ଥାୟୀ ସଦସ୍ୟତାର ପ୍ରସ୍ତାବ ମିଳିଥିଲା। ଭୂ-ରାଜନୈତିକ କୂଟନୀତି କାରଣରୁ ତାହା କାର୍ଯ୍ୟକାରୀ ହୋଇ ପାରିନଥିଲା।

ଏବେ ସମ୍ପନ୍ନ ଦେଶ ମାନଙ୍କ ମଧ୍ୟରେ ଅସ୍ତ୍ର ଶସ୍ତ୍ର ବିକିବାର ତଥା ବ୍ୟବସାୟିକ ସମ୍ପର୍କ ବୃଦ୍ଧି କରିବାର ମାନସିକତା ବୃଦ୍ଧି ପାଇଛି, ଜାତିସଂଘ ଚାହିଁଲେ ବି ଏହାକୁ ରୋକି ପାରିବ ନାହିଁ। ବିଶ୍ୱସ୍ତରୀୟ ସଂସଦ (ଜାତିସଂଘ) ଗଣତାନ୍ତ୍ରିକ ହେବା ଆବଶ୍ୟକ, କିନ୍ତୁ ଏକଥା ମଧ୍ୟ ସମ୍ଭବ ନୁହେଁ। ଆମେରିକା, ଚୀନ ଓ ଋଷ ଭଳି କିଛି ଦେଶଙ୍କ ପାଖରେ ବିପୁଳ ଅସ୍ତ୍ରଶସ୍ତ୍ର ରହିଛି ଓ ଏମାନେ ଏହାର ଉତ୍ପାଦନ ବି କରୁଛନ୍ତି। ଯଦି ଯୁଦ୍ଧ ନହେବ ତେବେ ସେସବୁ ଅସ୍ତ୍ରଶସ୍ତ୍ରର ବ୍ୟବସାୟ ଚାଲିବ କେମିତି ? ପୁଞ୍ଜିବାଦ ଏବଂ ସାମ୍ୟବାଦର ସମ୍ପନ୍ନତା ପାଇଁ ଯୁଦ୍ଧ ଅନିର୍ବାର୍ଯ୍ୟ ଜାତିସଂଘ ଦେଖିବା କଥା ଯେ କୌଣସି ଦେଶ ଯେମିତି ଦୁର୍ବଳ ନରହେ, କୌଣସି ଦେଶର ଲୋକେ ଯେମିତି ଭୋକରେ ନ ରୁହନ୍ତୁ। ଯୁଦ୍ଧର ଆବଶ୍ୟକତା କେତେବେଳେ ରହିବା ଉଚିତ ନୁହେଁ। ଯଦି ଏସବୁ ନକରି ପାରିବ ତେବେ ସେମିତି ବିଶ୍ୱସ୍ତରୀୟ ସଂଗଠନ (ଜାତିସଂଘ)ର ଆବଶ୍ୟକତା ଓ ପ୍ରାସଙ୍ଗିକତା କ'ଣ ? ଭାରତ ସୁରକ୍ଷା ପରିଷଦର ସ୍ଥାୟୀ ସଦସ୍ୟତା ଭଳି ମରିଚୀକା ପଛରେ ଦୌଡ଼ିବା ପରିବର୍ତ୍ତେ ଶାନ୍ତିପୂର୍ଣ୍ଣ ସଂଘର୍ଷ ଓ ଉତ୍ତେଜନା ମୁକ୍ତ ଦୁନିଆ ଗଠନ ପାଇଁ ଏକ ଗଣତାନ୍ତ୍ରିକ ବିଶ୍ୱସ୍ତରୀୟ ସଂଗଠନ ଗଠନ ଦିଗରେ ପ୍ରୟାସ କରିବା ଉଚିତ୍।


ରାମଚନ୍ଦ୍ର ପୁର, ରଣପୁର
ମୋ: ୯୪୩୮୪୮୫୦୯୪




# ଦୁଆର ମୁହଁରେ ବ୍ୟାଙ୍କ

**ଡକ୍ଟର ତପନ କୁମାର ପାଳ**

ଆଜିକାଲି ବ୍ୟାଙ୍କ ସେବା କେବଳ ଆପଣଙ୍କ ପାଖରେ ପହଞ୍ଚି ପାରିନି ବରଂ ଆପଣଙ୍କ ହାତ ପାହାନ୍ତାରେ ଥିବା ଅତ୍ୟାଧୁନିକ ମୋବାଇଲ ଫୋନ ଦ୍ୱାରା ସବୁ ସମ୍ଭବ ହୋଇପାରୁଛି। ସରକାର ଲୋକମାନଙ୍କ ପାଖରେ କିପରି ବ୍ୟାଙ୍କିଙ୍ଗର ସାମଗ୍ରିକ ଭାବେ ସମସ୍ତ ସେବା ପହଞ୍ଚି ପାରିବ ଏ ନେଇ ଦିନକୁ ଦିନ ଅନେକ ଯୋଜନା ଓ କାର୍ଯ୍ୟକ୍ରମ ହାତକୁ ନେଉଥିବା ବେଳେ ବ୍ୟାଙ୍କମାନେ ମଧ୍ୟ ଏ କ୍ଷେତ୍ରରେ ବଡ଼ ସହାୟତା, ସହଯୋଗର ହାତ ବଢ଼ାଇଥାଆନ୍ତି। ତେବେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଆମ ସମାଜର ବରିଷ୍ଠ ନାଗରିକ ତଥା ଦିବ୍ୟାଙ୍ଗ ମାନଙ୍କ ପାଇଁ ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ଅନେକ ସେବା ସବୁ ରହିଛି। ସେହି ସେବା ସମ୍ବନ୍ଧରେ ଆମେ ଆଜି ଛୋଟିଆ ଆଲୋଚନାଟି ଏଠାରେ ରଖୁଛୁ। ବରିଷ୍ଠ ନାଗରିକ ତଥା ଦିବ୍ୟାଙ୍ଗ ଗ୍ରାହକମାନଙ୍କ ପାଇଁ ବ୍ୟାଙ୍କ ଶାଖାକୁ ଯାଇ ଆର୍ଥିକ କାରବାର କରିବା ସବାବେଳେ କଷ୍ଟକର ହୋଇଥାଏ। ଡିଜିଟାଲ ବ୍ୟାଙ୍କିଙ୍ଗ ମାଧ୍ୟମରେ ଆଜିକାଲି ବିଭିନ୍ନ ସେବା ମିଳୁଥିଲେ ହେଁ ଅନେକ ବରିଷ୍ଠ ନାଗରିକ ମୋବାଇଲ ଫୋନ ବା କମ୍ପ୍ୟୁଟର ମାଧ୍ୟମରେ ଏ ସବୁ କାରବାର କରିବାକୁ ସକ୍ଷମ ନୁହନ୍ତି। ସେହିମାନଙ୍କ ପାଇଁ 'ଡୋର ଷ୍ଟେପ ବ୍ୟାଙ୍କିଙ୍ଗ' ବା 'ଦୁଆର ମୁହଁରେ ବ୍ୟାଙ୍କ ସେବା' ବ୍ୟବସ୍ଥା ବରଦାନ ସଦୃଶ। ୨୦୨୦ ମସିହା ସେପ୍ଟେମ୍ବର ୯ ତାରିଖରେ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ଦ୍ୱାରା ପବ୍ଲିକ ସେକ୍ଟର ବ୍ୟାଙ୍କ ରିଫର୍ମ କାର୍ଯ୍ୟସୂଚୀ ଅଧୀନରେ ଆରମ୍ଭ କରାଯାଇଥିବା ଏହି ବ୍ୟବସ୍ଥାରେ ପଞ୍ଜୀକୃତ ଗ୍ରାହକମାନେ ଘରେ ବସି ଅନେକଗୁଡ଼ିଏ ବ୍ୟାଙ୍କସେବା ପାଇପାରିବେ। ଫୋନ, ମୋବାଇଲ ଆପ ବା ୱେବ ପୋର୍ଟାଲ ମାଧ୍ୟମରେ ଯୋଗାଯୋଗ କଲେ ଅଧିକୃତ ବ୍ୟାଙ୍କ କର୍ମଚାରୀ ଘରକୁ ଆସି ଏହି ସେବା ପ୍ରଦାନ କରିବେ। ସମସ୍ତ ପବ୍ଲିକ ସେକ୍ଟର ବ୍ୟାଙ୍କରେ ଏହି ସେବା ଉପଲବ୍ଧି। ତେବେ ଏହାର କେତେକ ନିୟମ ରହିଛି।

ଏବେ କେବଳ ୭୦ ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ତଥା ଦିବ୍ୟାଙ୍ଗ ଗ୍ରାହକମାନଙ୍କୁ ଏହି ସୁବିଧା ଦିଆଯାଉଛି। ଏହି ସୁବିଧା ପାଇବା ପାଇଁ ଆକାଉଣ୍ଟର କେୱାଇସି (ଆପଣଙ୍କ ଗ୍ରାହକଙ୍କୁ ଜାଣନ୍ତୁ) ସଂପୂର୍ଣ୍ଣ ହୋଇଥିବା ଉଚିତ ଏବଂ ମୋବାଇଲ ନମ୍ବର ଆକାଉଣ୍ଟ ସହ ପଞ୍ଜୀକୃତ ହୋଇଥିବା ଆବଶ୍ୟକ। କେବଳ ବ୍ୟକ୍ତିଗତ ଖାତାଧାରକଙ୍କ ପାଇଁ ଏହି ସୁବିଧା ଉପଲବ୍ଧ। ଯୁଗ୍ମଖାତାଧାରକ ବା ନାବାଳକଙ୍କ ପାଇଁ ଏହି ସୁବିଧା ମିଳିବ ନାହିଁ। ଏଥିରେ ଟଙ୍କା ଜମା ଓ ଉଠାଣ ଚେକ୍, ଡ୍ରାଫଟ, ଫିକ୍ସଡ ଡିପୋଜିଟ, ଟାକ୍ସ ଜମା ଆଦି ଆର୍ଥିକ କାରବାର ସହିତ ଆକାଉଣ୍ଟ ଷ୍ଟେଟମେଣ୍ଟ, ଲାଇଫ ସାର୍ଟିଫିକେଟ, ନୋମିନେସନ ଭଳି କେତେକ ଅଣଆର୍ଥିକ କାରବାର ମଧ୍ୟ ସାମିଲ। ନିଜର ଶାଖାରେ ପଞ୍ଜୀକରଣ କରାଇ ଗ୍ରାହକ ଏହି ସୁବିଧା ପାଇପାରିବେ। ଡୋରଷ୍ଟେପ ବ୍ୟାଙ୍କିଙ୍ଗ ଆପ ବା ପୋର୍ଟାଲ ମାଧ୍ୟମରେ ମଧ୍ୟ ପଞ୍ଜୀକରଣ କରାଯାଇ ପାରିବ। ବର୍ତ୍ତମାନ ବ୍ୟାଙ୍କର କେତେକ ନିର୍ଦ୍ଦିଷ୍ଟ ଶାଖାର ଏହି ସୁବିଧା ଉପଲବ୍ଧ ହୋଇଥିବାରୁ ସଂପୃକ୍ତ ବ୍ୟାଙ୍କର ୱେବସାଇଟରୁ ଏ ସମ୍ପର୍କରେ ଅଧିକ ତଥ୍ୟ ପାଇପାରିବେ। ଏହି ସୁବିଧାକୁ ଅଧିକ ସୁଗମ କରିବା ପାଇଁ ପବ୍ଲିକ ସେକ୍ଟର ବ୍ୟାଙ୍କମାନେ ମିଶି ଏବେ ପିଏସବି ଆଲାଏନସ ନାମରେ ଏକ ସଂସ୍ଥା ଗଢ଼ିଛନ୍ତି। www.psballiance.com ସାଇଟରେ ସେ ସମ୍ପର୍କରେ ସମସ୍ତ ତଥ୍ୟ ଉପଲବ୍ଧ।

ତେବେ ଏହି ବ୍ୟାଙ୍କିଙ୍ଗ ବ୍ୟବସ୍ଥା ଭିତରେ ଆପଣଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟଟି ହେଉଛି ଆପଣ ଆପଣଙ୍କ ସମ୍ବନ୍ଧୀୟ ବିଶେଷ କରି ଓଟିପି ନମ୍ବର ବା କୌଣସି ସିକ୍ରେଟ ପିନକୋଡ଼ ଅନ୍ୟ କାହାରିକୁ ଜଣାନ୍ତୁ ନାହିଁ। ମୋବାଇଲ ଫୋନରେ କୌଣସି ବ୍ୟାଙ୍କଙ୍ଗ ସେବା ସମ୍ବନ୍ଧରେ ଆପଣ ଅଧିକ ବୁଝିବା ପାଇଁ ଚାହୁଁଥିଲେ ଆପଣଙ୍କ ପାସବୁକ ଥିବା ବ୍ୟାଙ୍କ ଶାଖା କେନ୍ଦ୍ରକୁ ଯାଇ ସହାୟତା ନିଅନ୍ତୁ। ଆପଣ ଆପଣଙ୍କର ବ୍ୟାଙ୍କ ସମ୍ବନ୍ଧୀୟ ସମସ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, ପାସବୁକ, ଚେକବୁକ, ଏଟିଏମ କାର୍ଡ଼ ଏସବୁ କେବଳ ଆପଣଙ୍କ ପରିବାରର ମୁଖ୍ୟ ବା ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିଙ୍କ ବ୍ୟତୀତ ଅନ୍ୟ କାହାରିକୁ ଜଣାନ୍ତୁ ନାହିଁ। ଆପଣଙ୍କ ଚେକରେ ଦସ୍ତଖତ କରି ଏହାକୁ ବ୍ଲାଙ୍କ ଭାବେ ରଖନ୍ତୁ ନାହିଁ। ବିଭିନ୍ନ ଫ୍ରଡ଼ ଓ ଠକମାନେ ଆପଣଙ୍କୁ ଉନ୍ନତ ଓ ବିଶ୍ୱସନୀୟ ସେବା ସମ୍ପର୍କରେ କହିଲେ ମଧ୍ୟ ଏହାକୁ ଅଣଦେଖା କରନ୍ତୁ। ଯାହାକିଛି ବୁଝିବା ପାଇଁ ଚାହୁଁଛନ୍ତି ତାହା କେବଳ ନିକଟସ୍ଥ ବ୍ୟାଙ୍କରେ ହିଁ ଏ ସମ୍ବନ୍ଧରେ ଜଣାନ୍ତୁ ଓ ସୁବିଧା ସୁଯୋଗ ହାସଲ କରନ୍ତୁ। ଆପଣଙ୍କର କୌଣସି ଅସାବଧାନତା କେବଳ ଆପଣଙ୍କର ନୁହେଁ ବ୍ୟାଙ୍କର ମଧ୍ୟ ମୂଲ୍ୟବାନ ସମୟ ଓ ଶ୍ରମଶକ୍ତି ନଷ୍ଟ କରିବ ଏ ଦିଗକୁ ଅଣଦେଖା ନକରି ଜଣେ ଜାଗ୍ରତ ନାଗରିକ ଭାବେ ନିଜ ସହିତ ବ୍ୟାଙ୍କକୁ ସବୁବେଳେ ସହାୟତାର ହାତ ବଢ଼ାନ୍ତୁ।


ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ କଲୋନୀ, ଦେଉଳ ସାହି, ତୁଳସୀପୁର, କଟକ,
ମୋ: ୯୯୩୭୬୫୮୩୬୨





## ବଡ଼ଲୋକ ଅଟେ ସିଏ

**ଜୟନ୍ତ କୁମାର ମଲ୍ଲିକ୍**



ବଡ଼ଲୋକ ଅଟେ ସିଏ...
ସଭିଙ୍କର ପ୍ରିୟ ଯିଏ...
ଛୋଟ ପ୍ରକୃତିକୁ ମନରୁ ଦୂରେଇ
ସଭିଙ୍କୁ ଆନନ୍ଦ ଦିଏ,
ଗରୀବ ଲୋକର ଗୁହାରୀ ଶୁଣିକି
ତାକୁ ଆପଣେଇ ନିଏ -
ବଡ଼ଲୋକ ଅଟେ ସିଏ ।
ଗରବ ନରଖି ମନେ...
ମୁଗ୍ଧ କରେ ସର୍ବଜନେ...
ସମାଜର ସେବା କରେ ନିରନ୍ତର
ନିଜର ଅର୍ଜିତ ଧନେ।
ଦୀନଜନ ହିତେ ଥାଇ...
ସଂପ୍ରୀତିର ଗୀତ ଗାଇ...
ପରମ ଆନନ୍ଦ ଲାଭ କରିଥାଏ
ପରର ସାନିଧ ପାଇ।
ଦିଏନି କା ମନେ କଷ୍ଟ...
ହୁଏ ନାହିଁ ନୀତି ଭ୍ରଷ୍ଟ...
ଜାଣି ଜାଣି କେବେ କାହା ଜୀବନକୁ
କରି ନଥାଏ ସେ ନଷ୍ଟ ।
କରେ ସଦା ଦାନ ଧର୍ମ...
ବୁଝିଣ ଅନ୍ୟର ମର୍ମ...
ନିଜ ଜୀବନକୁ ମଣଇ ସାର୍ଥକ
କରିଣ ମହତ କର୍ମ।


ଶୁରଡିହ, ନନ୍ଦିପୁର,
ଦଶରଥପୁର, ଯାଜପୁର
ମୋ: ୯୪୩୭୮୬୫୭୨୭


## ମୋହଭଙ୍ଗ

**ଡ. ଦୀପକ କୁମାର ମିଶ୍ର**



ଦେଖ, ମନଭରି ଆକାଶକୁ ଦେଖ
କେମିତି ଅନ୍ଧାରର ତର୍ଣ୍ଣିଚିପି
ହସୁଛନ୍ତି ତାରା ଆଉ ଜହ୍ନ ।

ବିବଶତା ମଧ୍ୟ ଅନ୍ଧାରର ଏକ ପାଦ
ଅଣ୍ଡାଳି ଅଣ୍ଡାଳି ରାସ୍ତା ଚାଲୁଥିବା
ଲୋକଟି ଥିଲା ବୋଧେ
ଆଖି ଥାଇ ଆଜନ୍ମରୁ ଅନ୍ଧ ।

ଦୃଶ୍ୟପଟରେ ଯାହା ଭେଦି
ଫେରିଆସେ ଅବୁଝା ଅସ୍ପଷ୍ଟ
ତାହା ହିଁ ଅନ୍ଧତ୍ୱର
ପ୍ରତିଫଳିତ ସତ ପରିଚୟ ।

ଆଲୁଅ ଓ ଅନ୍ଧାର ମଧ୍ୟରେ
କିଏ ଟାଣେ ଗାର
ସ୍ନେହ, ପ୍ରେମ, ସମ୍ପର୍କ
ନା ସୂତାଖିଅରେ ଝୁଲୁଥିବା
ଏକ ଅଦୃଶ୍ୟ ମନଲୋଭା
ସୁବର୍ଣ୍ଣ ଖଡ୍ଗର
ସଦ୍ୟପଜା ଧାର ।

ମୁଁ ତ ଆଖି ଥାଇ ବି ଅନ୍ଧ
ମିଛର କଳା ଚଷମା ନାଇ
ଦେଖୁଥିଲି ତାହା ଆଲୁଅରେ
ମିଛବୋଲା ସ୍ୱପ୍ନ ଆଉ ସ୍ୱପ୍ନ ।
ଅଅଅ


ଭୁବନେଶ୍ୱର
ମୋ: ୮୨୮୦୨୧୧୦୦୦


## ସମୟର ସ୍ରୋତ...

**କବିତା ମେହେର**



ପାରନ୍ତିକି ଯଦି କେବେ
ସମୟର ହାତ ଧରି
ଟାଣି ନେଇ ପଛକୁ ମୁଁ
ନିଶ୍ଚୟ ଯାଆନ୍ତି ଫେରି...।
ରାଣଦେଇ ଅଟକାଇ
କରନ୍ତି ତା ପାଖେ ଅଳି
ନମାନିଲେ ପଛାନ୍ତିନି
କରିବାକୁ ପଛେ କଳି...।
ମନଭରି ବାଢ଼ନ୍ତି ମୋ
ଅଭିଯୋଗ ଅଭିମାନ
କାଳେ ସେ ଫେରେଇ ଦେବ
ମୋ ହଜିଲା ପିଲାଦିନ...।
ଖେଳନ୍ତି ମୁଁ ଆଉଥରେ
ଲୁଚକାଳି ବୋହୁଚୋରି
ନଇପଠା ବାଲିଘର
ଭାତ ଡାଲି ତରକାରୀ...।
ଝିପି ଝିପି ବରଷାରେ
ପାଦ ଚାପି ଥିରି ଥିରି
ଭସାନ୍ତି ମୁଁ ଓଳି ଧାରେ
କାଗଜର ଡ଼ଙ୍ଗା କରି...।
ସାଙ୍ଗ ସାଥି ସାଥେ ମିଶି
ଚଢ଼ି ପୁଣି ଗଛ ଡାଳେ
କରନ୍ତି ମୁଁ କେତେ ଚୋରି
ଲୁଚି ଲୁଚି ଖରାବେଳେ...।
ମାମୁଁଘର ଦୁଧ ଭାତ
ଆଇମା କାହାଣୀ ପେଡି
ବୟସର ଗାଡି ଚଢ଼ି
ସବୁ ମୁଁ ଆସିଛି ଛାଡ଼ି...।
ଅ.. ଆ.. ଆଇ ଉଇ
ଚକ କଳ ଛବି ବହି
ବାଘ ମାମୁଁ ଟୁଆଁ ଟୁଇଁ
ରହିଗଲେ ସ୍ମୃତି ହୋଇ...।
ପିଲାଦିନ ଖରା ଛୁଟି
ଗାଁ ଶେଷ ଆମ୍ବ ତୋଟା
ହାତ ଠାରି ଡାକେ ପୁଣି
ସଞ୍ଜବେଳ ନଇପଠା...।
ଆଜିବି ଆଖିରେ ନାଚେ
ସେ ଅଭୁଲା ପିଲାଦିନ
ଫେରିବାକୁ ପୁଣି କାହିଁ
ଛଟପଟ ହୁଏ ମନ...।
ନସାଜି ପଥର ତୁମେ
ଶୁଣ ଥରେ ମୋ ବିନୟ
ହାତ ଯୋଡି କରୁଛି ମୁଁ
ଅନୁରୋଧ 'ହେ ସମୟ...'


ଗମ୍ଭାରିଗୁଡା, ସିନାପାଲି, ନୂଆପଡା

# ରଶ୍ମିକା ମନ୍ଦନା ସାଇବର ସୁରକ୍ଷା ନ୍ୟାସନାଲ ବ୍ରାଣ୍ଡ୍ ଆମ୍ବାସଡର: ଗୃହ ମନ୍ତ୍ରଣାଳୟ ପକ୍ଷରୁ ବଡ଼ ଦାୟିତ୍ୱ



ବଢୁଥିବା ଡିପଫେକ୍ ମାମଲା ପରେ ଭାରତରେ ସାଇବର ସୁରକ୍ଷାକୁ ସଶକ୍ତ କରିବା ପାଇଁ ଭେଟେରାନ୍ ଅଭିନେତ୍ରୀ ରଶ୍ମିକା ମନ୍ଦନାଙ୍କୁ ଗୃହ ମନ୍ତ୍ରଣାଳୟ ପକ୍ଷରୁ ବଡ଼ ଦାୟିତ୍ୱ ପ୍ରଦାନ କରାଯାଇଛି। ତାଙ୍କୁ ସାଇବର ସୁରକ୍ଷା ନ୍ୟାସନାଲ ବ୍ରାଣ୍ଡ୍ ଆମ୍ବାସଡର ଭାବରେ ନିଯୁକ୍ତ କରାଯାଇଛି। ଗୃହ ମନ୍ତ୍ରଣାଳୟ ଅଧୀନରେ ଥିବା 'ଇଣ୍ଡିଆନ୍ ସାଇବର କ୍ରାଇମ ସମନ୍ୱୟ କେନ୍ଦ୍ର' (ଆଇ୪ସି) ମାଧ୍ୟମରେ ସାଇବର ସୁରକ୍ଷା ଉପରେ ସଚେତନତା ସୃଷ୍ଟି କରିବାକୁ ତାଙ୍କୁ ଏହି ଦାୟିତ୍ୱ ଦିଆଯାଇଛି।

ସେ ଗତ ବର୍ଷ ସାମ୍ନାକୁ ଆସିଥିବା ଏକ ଡିପ୍ ଫେକ "ଏଇ-ଜେନେରେଟ" ଭିଡିଓର ଶିକାର ହେବା ପରେ ତାଙ୍କୁ ଏଭଳି ଦାୟିତ୍ୱ ପ୍ରଦାନ କରାଯାଇଛି। ସେହି ସମୟରେ ଅଭିନେତ୍ରୀ ବହୁତ ଚିନ୍ତିତଥିଲେ । ତାଙ୍କୁ ମଧ ଅନେକ ଟ୍ରୋଲର ସାମ୍ନା କରିବାକୁ ପଡିଥିଲା। ତେବେ ପରେ ସେ ଭିଡିଓର ସତ୍ୟତା ପ୍ରକାଶ କରିଥିଲେ। ଅଭିନେତ୍ରୀଙ୍କ ଭିଡିଓ ସଂପୂର୍ଣ୍ଣ ରୂପେ "ଏଇ-ଜେନେରେଟ୍" ଥିଲା।

କିନ୍ତୁ ବର୍ତ୍ତମାନ ତାଙ୍କ ବ୍ୟକ୍ତିଗତ ଅଭିଜ୍ଞତା ଉପରେ ଆଧାର କରି ରଶ୍ମିକା ସାଇବର ଅପରାଧର ବିପଦ ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ଅନଲାଇନ୍ ନିରାପତ୍ତାକୁ ପ୍ରୋତ୍ସାହିତ କରିବାକୁ ଲକ୍ଷ୍ୟ ରଖିଛନ୍ତି।

ଅନଲାଇନ୍ ଠକେଇ, ଡିପ୍ ଫେକ୍ ଭିଡିଓ, ସାଇବର ବୁଲିଂ ଏବଂ ଏଇ ଦ୍ୱାରା ଉତ୍ପନ୍ନ ଖରାପ ବିଷୟବସ୍ତୁ ସମେତ ବିଭିନ୍ନ ସାଇବର ବିପଦ ବିଷୟରେ ସଚେତନତା ସୃଷ୍ଟି କରିବାକୁ ସେ ଦେଶବ୍ୟାପୀ ଅଭିଯାନର ନେତୃତ୍ୱ ନେବେ। ସମ୍ପ୍ରତି ବିଶ୍ୱରେ ସାଇବର ଅପରାଧ ହାର କ୍ରମାଗତ ଭାବେ ବୃଦ୍ଧି ପାଉଥିବାବେଳେ ଭାରତରେ ଡିଜିଟାଲ ଅପରାଧ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଏନେଇ ପ୍ରତିକ୍ରିୟାରେ ରଶ୍ମିକା କହିଛନ୍ତି, ସାଇବର ଅପରାଧ ଅତ୍ୟନ୍ତ ବିପଜ୍ଜନକ ଏବଂ ଏହା ବିଶ୍ୱର ବ୍ୟକ୍ତିବିଶେଷ ତଥା ବ୍ୟବସାୟ ପାଇଁ ବିପଦ। ସମସ୍ୟାଗୁଡିକ ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ସାଇବର ସୁରକ୍ଷା ବିଷୟରେ ବାର୍ତ୍ତା ବିସ୍ତାର କରିବାକୁ ମୁଁ ଉତ୍ସର୍ଗୀକୃତ। ଆମର ଡିଜିଟାଲ ସ୍ପେସ୍‌ର ସୁରକ୍ଷା ତଥା ବିପଦକୁ ମୁକାବିଲା କରିବା ପାଇଁ ଆମେ ଏକାଠି ହେବା ଆବଶ୍ୟକ।

ରଶ୍ମିକା ତାଙ୍କ ଅଫିସିଆଲ ସୋସିଆଲ ମିଡିଆ ପେଜ୍‌ରେ ଏକ ଭିଡିଓ ମଧ ପୋଷ୍ଟ କରିଛନ୍ତି ଏବଂ ସୋସିଆଲ ମିଡିଆରେ ପୋଷ୍ଟ ହୋଇଥିବା ତାଙ୍କର ଡିପ୍ ଫେକ୍ ଭିଡିଓ ବିଷୟରେ ସେ ପ୍ରକାଶ କରିଛନ୍ତି। ଯାହାପରେ ସେ ସାଇବର ସୁରକ୍ଷା ବିଷୟରେ ସଚେତନତା କରିବାକୁ ନିଷ୍ପତ୍ତି ନେଇଥିଲେ।

# ସୁଶାନ୍ତଙ୍କ ଘରେ ରହୁଥିବା ଅଦା ଶର୍ମାଙ୍କ ପ୍ରତିକ୍ରିୟା




'ଦ କେରଲା ଷ୍ଟୋରି'ର ଅଭିନେତ୍ରୀ ଅଦା ଶର୍ମା କିଛି ମାସ ପୂର୍ବେ ମୁମ୍ବାଇର ସୁଶାନ୍ତ ସିଂ ରାଜପୁତଙ୍କ ଘରକୁ ରହିବାକୁ ଯାଇଛନ୍ତି। କିଛି ବର୍ଷ ପୂର୍ବେ ଏହି ଘରେ ସୁଶାନ୍ତ ସିଂଙ୍କର ମୃତ୍ୟୁ ହୋଇଥିଲା। ଚାରି ବର୍ଷ ପର୍ଯ୍ୟନ୍ତ ସୁଶାନ୍ତଙ୍କ ଘର ଖାଲି ରହିଥିଲା। ଏଠାରେ ରହିବାକୁ କେହି ରାଜି ହେଉ ନଥିଲେ। କିନ୍ତୁ ଦୀର୍ଘ ୪ବର୍ଷ ପରେ ଅଦା ଶର୍ମା ସୁଶାନ୍ତଙ୍କ ଘରକୁ ରହିବାକୁ ଆସିଛନ୍ତି। ଏହାକୁ ନେଇ ଲୋକେ ତାଙ୍କୁ ଟ୍ରୋଲ ବି କରୁଛନ୍ତି। ଟ୍ରୋଲ କରୁଥିବା ଲୋକଙ୍କୁ ଅଦା କହିଛନ୍ତି, "ଜଣେ ଅଭିନେତ୍ରୀ ଭାବରେ, କିମ୍ବା ଜଣେ ବ୍ୟକ୍ତି ଭାବରେ ଆପଣମାନେ ଯାହାସବୁ କହୁଛନ୍ତି ସେସବୁର ମୁଁ ପ୍ରତିକ୍ରିୟା ଦେଇପାରିବି ନାହିଁ। ଆମ ସମସ୍ତଙ୍କୁ ଜୀବନରେ ଅନେକ ପରିସ୍ଥିତିର ସାମ୍ନା କରିବାକୁ ହୋଇଥାଏ। ଜୀବନଟାକୁ ଆମେ ଯେତେ ସହଜ ଭାବୁ ସେତେ ହୋଇ ନଥାଏ। ଆମ ଦେଶ ଏକ ସ୍ୱତନ୍ତ୍ର ଦେଶ ଏବଂ ସମସ୍ତଙ୍କୁ ନିଜ ମତ ଦେବାର ଅଧିକାର ଅଛି। ମୁଁ କ'ଣ ତାହାକୁ ପ୍ରମାଣ କରିବାକୁ ଏଠାକୁ ଆସି ନାହିଁ। ମୋତେ ଯାହା କରିବାର ଥିଲା କଲି। ସୁଶାନ୍ତଙ୍କ ଘରକୁ ଆସିବାପରେ ଲୋକେ ମୋତେ ଅନେକ ପ୍ରକାର ପ୍ରଶ୍ନ ପଚାରୁଛନ୍ତି। ଯେମିତି କି ଘରେ କେବେ ସୁଶାନ୍ତଙ୍କୁ ଅନୁଭବ କରିଛ କି ? କିଛି ଅସ୍ୱାଭାବିକ ଅନୁଭବ ହୋଇଛି କି ? ଏସବୁ ପ୍ରଶ୍ନର ଉତ୍ତର ଦେଇ କହିବି ହିଁ ହୋଇଛି। କିନ୍ତୁ ଭୟ ଡର ଏଭଳି ପ୍ରଶ୍ନ ପଚାରିବା ଉଚିତ ନୁହେଁ। ଏଭଳି ପ୍ରଶ୍ନର ଉତ୍ତର ଦେବା ମୁଁ ଜରୁରୀ ଭାବୁ ନାହିଁ।'

# ନେହା କକ୍କର୍ ଏବଂ ତାଙ୍କ ସ୍ୱାମୀଙ୍କୁ ଧମକ



ବଲିଉଡ ଗାୟକ ନେହା କକ୍କର ଏବଂ ତାଙ୍କ ସ୍ୱାମୀ ରୋହନପ୍ରୀତ ସିଂ ସୋସିଆଲ ମିଡିଆରେ ନିଜନିଜର ଫଟୋ ଓ ଭିଡିଓ ସେୟାର କରିଥାଆନ୍ତି। କିଛିଦିନ ତଳେ ଏକ ଅଶ୍ଳୀଳ ଫଟୋ ଓ ଭିଡିଓ ପୋଷ୍ଟ କରିଥିବା କାରଣରୁ ରୋହନପ୍ରୀତ ସିଂ ଏବଂ ନେହା କକ୍କରଙ୍କୁ ଧମକ ମିଳୁଛି। ସୋସିଆଲ ମିଡିଆରେ ନିହଙ୍ଗ ମାନ ସିଂ ଏକ ଭିଡିଓ ପୋଷ୍ଟ କରି କହିଛନ୍ତି,' ନେହା କକ୍କର ତାଙ୍କ ସ୍ୱାମୀଙ୍କ ସହ ଲୋକଙ୍କ ସାମ୍ନାରେ ଅଶ୍ଳୀଳ କାମ କରୁଛନ୍ତି। ସର୍ବସାଧାରଣରେ ଦୁହେଁ ଏଭଳି ଅଶ୍ଳୀଳ ଆଚରଣ କରିବା ଠିକ ନୁହେଁ। ଏଭଳି ଲୋକ ପଞ୍ଜାବକୁ ନଷ୍ଟ କରି ସାରିଲେଣି। ଯଦି ଦୁହେଁ ଆଗାମୀ ଦିନରେ ଏସବୁ କାର୍ଯ୍ୟରୁ ନିବୃତ୍ତ ନରୁହନ୍ତି ତେବେ ନେହା ଓ ତାଙ୍କ ସ୍ୱାମୀଙ୍କୁ ଉଚିତ ଶିକ୍ଷା ଦେବାକୁ ପଡ଼ିବ। ଜେଲ ଯିବାକୁ ପଡ଼ିଲେ ଜେଲ ଯିବି। ଏହା ମୋର ଦୁହିଁଙ୍କୁ ଚେତାବନୀ। ନେହା ଓ ରୋହନପ୍ରୀତ ଭଲ ଗାୟକ। ମୋର ଦୁହିଁଙ୍କୁ ଅନୁରୋଧ ଯଦି ଭଲ ଗୀତ ଗାଉଛ। ତେବେ ଭଲ କାମ ବି କର। ଏଭଳି ଆଚରଣ ଦେଖାଇ ଦୁହେଁ କ'ଣ ପ୍ରମାଣ କରିବାକୁ ଚାହୁଁଛନ୍ତି ମୁଁ କିଛି ବୁଝି ପାରୁ ନାହିଁ।' ନେହା ସୋସିଆଲ ମିଡିଆରେ ଖୁବ ସକ୍ରିୟ ଥାଆନ୍ତି। ସେ ପ୍ରାୟତଃ ତାଙ୍କ ସ୍ୱାମୀଙ୍କ ସହିତ ରୋମାଣ୍ଟିକ ଫଟୋ ସେୟାର କରିଥାଆନ୍ତି। ଯେଉଁ କାରଣରୁ ତାଙ୍କୁ ଟ୍ରୋଲର ଶିକାର ହେବାକୁ ପଡ଼ିଥାଏ।

# ସଲମାନଙ୍କ ଘର ସାମ୍ନାରେ ଲାଗିଲା ସ୍ୱତନ୍ତ୍ର କ୍ୟାମେରା

ବଲିଉଡର ସୁପରଷ୍ଟାର ସଲମାନ ଖାନଙ୍କୁ ଗ୍ୟାଙ୍ଗଷ୍ଟାର ଲରେନ୍ସ ବିଶ୍ନୋଇ ପକ୍ଷରୁ କ୍ରମାଗତ ଭାବେ ଧମକ ମିଳୁଛି। ନିକଟରେ ସଲମାନଙ୍କ ସାଙ୍ଗ ଓ ଏନସିପି ନେତା ବାପା ସିଦ୍ଦିକିଙ୍କୁ ମୁମ୍ବାଇରେ ଗୁଳି କରି ହତ୍ୟା କରାଯାଇଛି। ଏହି ଗୁଳିକାଣ୍ଡ ଓ ହତ୍ୟା ଘଟଣାରେ ଲରେନ୍ସ ବିଶ୍ନୋଇର ହାତ ଥିବା କୁହାଯାଉଛି।



ଏହି କ୍ରମରେ ସଲମାନଙ୍କୁ ବି ଧମକ ମିଳୁଥିବାରୁ ତାଙ୍କ ପରିବର୍ତ୍ତନ କରାଯାଇ ପୂର୍ବ କରାଯାଇଛି। ସଲମାନଙ୍କ ଘର ଗ୍ୟାଲେକ୍ସି ୫୦ରୁ ୬୦ ପୁଲିସଙ୍କୁ ଏମାନେ ସମସ୍ତେ ସାଧା ପୋଷାକରେ ଡିୟୁଟି ତଥା ଆଖପାଖ ସ୍ଥାନରେ ରଖୁଛନ୍ତି। ଏଥିସହିତ ହାଏ ପାୱର ସିସିଟିଭି କ୍ୟାମେରାରେ ଚେହେରା ଏହାର ଅର୍ଥ ରେକର୍ଡ ଚେହେରା କ୍ୟାମେରା ଚିହ୍ନି ସଲମାନଙ୍କ ଘର ସାମ୍ନାରେ ଦେଖାଗଲେ ତେବେ ଏହି ଆଲାରାମ ବାଜି ଉଠିବ। କି କିଏ ସଲମାନଙ୍କ ଘର କରୁଛି। ଏଭଳି ପରିସ୍ଥିତିରେ ପରିଚୟ ଜାଣି ଯାଞ୍ଚ

କ୍ରମାଗତ ଭାବେ ହତ୍ୟା ସୁରକ୍ଷା ବ୍ୟବସ୍ଥାରେ ଅପେକ୍ଷା ଆହୁରି କଡ଼ାକଡ଼ି ସୂଚନାଯୋଗ୍ୟ, ଆପାର୍ଟମେଣ୍ଟରେ ପାଖାପାଖି ନିୟୋଜିତ କରାଯାଇଛି। ସଲମାନଙ୍କ ଘର ବାହାରେ କରୁଛନ୍ତି। ସଲମାନଙ୍କ ଘର ୨୪ଘଣ୍ଟା ଟିକନିଖ ନଜର ମୁମ୍ବାଇ ପୁଲିସ ଏଆଇର କ୍ୟାମେରା ଖଞ୍ଜିଛି। ଏହି ଚିହ୍ନିବା ଭଳି ଫିଚର ରହିଛି। ହେଉଥିବା ବ୍ୟକ୍ତିଙ୍କ ପାରିବ। ଯଦି କେହି ତିନିଥରରୁ ଅଧିକ କ୍ୟାମେରାରେ ଥିବା ଆଲର୍ଟ ଏହାଦ୍ୱାରା ଜଣାପଡ଼ି ପାରିବ ଆଖପାଖରେ ରେକି ପୁଲିସ ଉକ୍ତ ବ୍ୟକ୍ତିଙ୍କ କରିବ। ଯଦି ସନ୍ଦିଗ୍ଧ

ଗିତିବିଧି ଦେଖାଗଲା ତେବେ ଗିରଫ ବି କରି ପାରେ। ସଲମାନଙ୍କ ଘର ବାହାର ଲୋକେସନ ଏବେ ଏକ ପୁଲିସ ବ୍ୟାରେକ ଭଳି ଦିଶୁଛି। ସଲମାନଙ୍କୁ ସରକାରଙ୍କ ପକ୍ଷରୁ ୱାଇ ପ୍ଲସ କ୍ୟାଟେଗରିରେ ସିକ୍ୟୁରିଟି କଭର ଦିଆଯାଇଛି। ଯେଉଁଥିରେ ୮ରୁ ୧୦ଜଣ ପୁଲିସ କର୍ମଚାରୀ ସାମିଲ ଅଛନ୍ତି। ଏଥିମଧ୍ୟରୁ ୪ରୁ୫ଜଣ ପୁଲିସକର୍ମଚାରୀ ଟ୍ରେଣ୍ଡ କମାଣ୍ଡୋ ଅଛନ୍ତି। ଏମାନଙ୍କ ସହିତ ଜଣେ ଅଫିସର ବି ସାମିଲ ଅଛନ୍ତି। ଗ୍ୟାଙ୍ଗଷ୍ଟାର ଲରେନ୍ସ ବିଶ୍ନୋଇ ପକ୍ଷରୁ ଏକ ପୋଷ୍ଟ ସାମ୍ନାକୁ ଆସିଛି। ଯେଉଁଥିରେ ଉଲ୍ଲେଖ କରାଯାଇଛି, 'ଆମର କାହାରି ସହିତ ଶତ୍ରୁତା ନାହିଁ। କିନ୍ତୁ ଯିଏବି ସଲମାନଙ୍କୁ ସାହାଯ୍ୟ କରିବ ସେ ନିଜ ହିସାବ କିତାବ କରି ରଖିଥିବ।'

# ଭାବୁକ ହେଲେ ଅମିତାଭ: ଶ୍ରବଣ ଯନ୍ତ୍ର କିଣିବାକୁ କରିଛନ୍ତି ମନସ୍ଥ

'କୌନ ବନେଗା କରୋଡ଼ି ସୋ'ର ଉପସ୍ଥାପକ ଥିବା ଅମିତାଭ ବଚ୍ଚନ ପ୍ରାୟତଃ ତାଙ୍କ ଫ୍ୟାନ୍ସ ଅବା ପ୍ରତିଯୋଗୀଙ୍କ ଦୁଃଖ ସହି ପାରନ୍ତି ନାହିଁ। ସେ ସଙ୍ଗେସଙ୍ଗେ ଭାବୁକ ହୋଇ ଯାଇଥାଆନ୍ତି। ଚଳିତଥର 'କୌନ ବନେଗା କରୋଡ଼ି ସୋ'ର ମହାରାଷ୍ଟ୍ରର ସଙ୍ଗାଲିର ଜଣେ ଦିବ୍ୟାଙ୍ଗ ପ୍ରତିଯୋଗୀ ପ୍ରଶାନ୍ତ ପ୍ରମୋଦ ଜାମଦାଡେ ସାମିଲ ହୋଇଥିଲେ।ସୋ'ରେ ପ୍ରଶାନ୍ତଙ୍କ ଦୁଃଖ, କଷ୍ଟ ଓ ସଂଘର୍ଷ କଥା ଶୁଣି ଅମିତାଭ ନିଜ ଭାବନାକୁ ଲୁଚାଇ ପାରି ନଥିଲେ। ସେ ଭାବୁକ ହୋଇଯାଇଥିବା ସୋ'ରେ ସ୍ପଷ୍ଟ ଭାବେ ଦେଖିବାକୁ ମିଳିଥିଲା। ପ୍ରଶାନ୍ତ ପ୍ରମୋଦ ଜାମଦାଡେ 'କୌନ ବନେଗା କରୋଡ଼ି ସୋ'ରେ ସାମିଲ ହୋଇ ନିଜ ଜୀବନ ବିଷୟରେ ଅମିତାଭ ବଚ୍ଚନଙ୍କ ସହ ଆଲୋଚନା କରି କହିଥିଲେ, 'ମୁଁ ଜିତିଥିବା ଅର୍ଥରାଶିରେ ମୋ ବାପାଙ୍କ ପାଇଁ ଏକ ଶ୍ରବଣଯନ୍ତ୍ର କିଣିବି। କାରଣ ତାଙ୍କୁ ଶୁଣାଯାଉ ନାହିଁ। ଯେଉଁଥିପାଇଁ ସେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିସହିତ ମୋ ଗୋଡ଼ର ଚିକିତ୍ସା କରାଇବି। ' ଉକ୍ତ ପ୍ରତିଯୋଗୀଙ୍କ ଠାରୁ ଏଭଳି କଥା ଶୁଣି ଅମିତାଭ ବଚ୍ଚନ କହିଲେ, 'ମୋର ବି ବୟସ ଅଧିକ ହୋଇଗଲାଣି। ତେଣୁ ମୋତେ ବି ଶୁଣିବାରେ ଅସୁବିଧାକ ହେଉଛି। ଭାବୁଛି ମୁଁ ବି ଗୋଟେ ଶ୍ରବଣ ଯନ୍ତ୍ର କିଣି ବ୍ୟବହାର କଲେ ଭଲ ହୁଅନ୍ତା।'



# ଫିଲ୍ମ ଆରମ୍ଭରୁ ଆଉ ଚାଲିବନି ଅକ୍ଷୟଙ୍କ ଧୂମପାନ ବିରୋଧୀ ବିଜ୍ଞାପନ



ଯେତେବେଳେ ବି ଆପଣ ପ୍ରେକ୍ଷାଳୟକୁ କୌଣସି ଚଳଚ୍ଚିତ୍ର ଦେଖିବାକୁ ଯାଆନ୍ତି, ସେତେବେଳେ ପ୍ରଥମେ ପରଦାରେ ନଜର ଆସନ୍ତି ବଲିଉଡ଼ର ଖିଲାଡି କୁମାର ଅକ୍ଷୟ । ସେ କରିଥିବା ଧୂମପାନ ବିରୋଧୀ ବିଜ୍ଞାପନ ଗତ ୬ବର୍ଷ ହେଲାଣି ପ୍ରେକ୍ଷାଳୟ ପରଦାରେ ପ୍ରଥମେ ପ୍ରଦର୍ଶିତ ହୁଏ। ଏହା ପରେ ଆରମ୍ଭ ହୁଏ ଫିଲ୍ମ। ହେଲେ ଏବେ ଏହି ବିଜ୍ଞାପନ ଆଉ ଦେଖିବାକୁ ପାଇବେ ନାହିଁ ଦର୍ଶକ। ସେନ୍ସର ବୋର୍ଡ ଏହି ନିଷ୍ପତ୍ତି ନେଇଥିବା ଜଣାଯାଇଛି। ଏହି ବିଜ୍ଞାପନ ବଦଳରେ ଏବେ ପ୍ରଦର୍ଶିତ ହେବ ତମାଖୁ ବିରୋଧୀ ବିଜ୍ଞାପନ। କୁହାଯାଉଛି ଯେ, ଅକ୍ଷୟ କୁମାରଙ୍କ ଏହି ବିଜ୍ଞାପନ ହଟାଇବାକୁ ସେନ୍ସର ବୋର୍ଡ ନିଷ୍ପତ୍ତି ନେଇଛି।

# ସଙ୍ଗୀତ ନିର୍ଦ୍ଦେଶକ ଓ କଣ୍ଠଶିଳ୍ପୀ ରୁଦ୍ର ମାଧବ ବାରିକ୍



ଓଡିଶାର ସଙ୍ଗୀତ ଜଗତରେ ବହୁ ଚର୍ଚ୍ଚିତ ଗୀତିକାର, କଣ୍ଠଶିଳ୍ପୀ ଓ ସଙ୍ଗୀତ ନିର୍ଦ୍ଦେଶକ ହେଉଛନ୍ତି ରୁଦ୍ର ମାଧବ ବାରିକ୍ । ଆର ଏମ ସମ୍ପର୍କ ମ୍ୟୁଜିକ ୟୁ ଟ୍ୟୁବ୍ ଚାନେଲ୍ ସେ ପ୍ରତିଷ୍ଠା କରିଛନ୍ତି ଓ ଏହି ଅନୁଷ୍ଠାନ ଓ ଷ୍ଟୁଡିଓ ମାଧ୍ୟମରେ ସେ ସମସ୍ତ କାର୍ଯ୍ୟ ସଂପନ୍ନ କରୁଛନ୍ତି । ଏ ଜୀବନ ଅଳପ ପ୍ରଭୁ ସପନ ଅନେକ ଠାରୁ ଆରମ୍ଭ କରି ଅନେକ ଶହ ଶହ ଗୀତ ସେ ଗାଇଛନ୍ତି ଓ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି । ଭଦ୍ରକ ଜିଲ୍ଲାରେ ରୁଦ୍ର ମାଧବ ଜନ୍ମ ଗ୍ରହଣ କଲେ ମଧ ଓଡିଶାର ସବୁ ଜିଲ୍ଲା ଓ ସବୁ ବ୍ଲକ୍ ରେ ସେ ସୁନାମ ଅର୍ଜନ କରିଛନ୍ତି । ଅନେକ ସୁନ୍ଦର ଓ ମନଛୁଆଁ ତଥା ଆକର୍ଷଣୀୟ ସଂଗୀତ ପାଇଁ ରୁଦ୍ର ମାଧବ ଅନେକ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନରୁ ପୁରସ୍କାର ଲାଭ କରିବା ସହିତ ସମ୍ବର୍ଦ୍ଧିତ ହୋଇଛନ୍ତି । ଅନେକ ସାହିତ୍ୟ ଅନୁଷ୍ଠାନର ବାର୍ଷିକ ଉତ୍ସବ ଓ ବିଭିନ୍ନ ବିଦ୍ୟାଳୟ ତଥା ମହାବିଦ୍ୟାଳୟ ର ବାର୍ଷିକ ଉତ୍ସବରେ ରୁଦ୍ର ମାଧବ ପ୍ରାରମ୍ଭିକ ସଙ୍ଗୀତ ସଜାଇଥାନ୍ତି । ଅନେକ ଉଚ୍ଚ କୋଟିର କଣ୍ଠଶିଳ୍ପୀ ଙ୍କ ସହିତ ସେ କାର୍ଯ୍ୟ କରିଛନ୍ତି । ସଙ୍ଗୀତ ଜଗତରେ ଭଜନ ସମ୍ରାଟ ଭିକାରୀ ବଳ, ଅରବିନ୍ଦ ମୁଦୁଲି, କଣ୍ଠଶିଳ୍ପୀ ସୁବାସ ଦାସ, ମନ୍ମଥ ମିଶ୍ର, ଅମରେନ୍ଦ୍ର ମହାନ୍ତି, ସୁବାସ ରାମ, ଲକ୍ଷ୍ମୀକାନ୍ତ ପାଳିତ, ଦେବେନ୍ଦ୍ର ପଣ୍ଡା, ଟି ସୌରୀ, ଶରତ ନାୟକ, ନମିତା ଅଗ୍ରୱାଲଙ୍କୁ ପସନ୍ଦ କରନ୍ତି ରୁଦ୍ର ମାଧବ । ତାଙ୍କର ପରିବାର ବର୍ଗ ସମସ୍ତେ କଳା ସାହିତ୍ୟ ସଂସ୍କୃତି ସମ୍ପନ୍ନ ମଣିଷ । ଅନେକ ସୁନ୍ଦର ଗୀତ ଗାଇ ରୁଦ୍ର ମାଧବ ସମସ୍ତଙ୍କ ନିକଟରେ ପ୍ରିୟ ପାତ୍ର ହୋଇପାରିଛନ୍ତି । ଖୁବ୍ ମିଷ୍ଟ ଭାଷୀ ଏବଂ ଶାନ୍ତ ସରଳ ସ୍ୱଭାବ ମଣିଷ ରୁଦ୍ର ମାଧବ । ଈଶ୍ୱର ଙ୍କ କୃପାରୁ ରୁଦ୍ର ମାଧବଙ୍କ ଭବିଷ୍ୟତର ଚଲାପଥ କୁସୁମିତ ହେଉ । ଏତିକି ଆମର କାମନା ।


ଉପସ୍ଥାପନା: ପ୍ରଦୀପ୍ତ କୁମାର ମହାନ୍ତି
ସମ୍ପାଦକ ରଙ୍ଗରାଗ ସାହିତ୍ୟ ପରିଷଦ
ବରଣ୍ଡୁଆ, ବାସୁଦେବପୁର, ଭଦ୍ରକ
ମୋବାଇଲ ୯୯୩୭୯୭୬୩୫୧

# ଶିକ୍ଷାନୁଷ୍ଠାନ ନିକଟରେ ବେଲଗାମ ତବାକୋ ବିକ୍ରୀକୁ ପ୍ରଦେଶ ଛାତ୍ର କଂଗ୍ରେସର ବିରୋଧ

ଭୁବନେଶ୍ୱର , ୧୭/୧୦ (ନି.ପ୍ର): ଆଜି ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ଉଦିତ ପ୍ରଧାନ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ କହିଲେ ଯେ ସଂସଦରେ ନିର୍ଦ୍ଦିଷ୍ଟ ଆଇନ ପାରିତ ହେଲାପରେବି ଶିକ୍ଷାନୁଷ୍ଠାନ ନିକଟରେ ବେଲଗାମ ତବାକୋ ପ୍ରଡକ୍ଟ ବିକ୍ରୀ ଚାଲିଛି। ପ୍ରଶାସନ ପକ୍ଷରୁ ଏ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। କୋପଟା ୨୦୦୩ମସିହାରେ ସଂସଦରେ ପାରିତ ହେଲାପରେ ନିର୍ଦ୍ଦିଷ୍ଟ ନୀତି ନିର୍ଦ୍ଧାରଣ ହେଲା ଯେ ଶିକ୍ଷାନୁଷ୍ଠାନର ବାଉଣ୍ଡରୀ ପାଖରୁ ୧୦୦ ୟାର୍ଡ଼ ପରିସୀମା ଭିତରେ ତବାକୋ ପ୍ରଡକ୍ଟ ବିକ୍ରୀ କରାଯାଇ ପାରିବ ନାହିଁ। ସେଥିପାଇଁ ସିଗାରେଟ ଏବଂ ଅନ୍ୟ ତବାକୋ ପ୍ରଡକ୍ଟ ଆଇନ ପ୍ରଚଳନ ହେଲା। ସେହି ଆଇନରେ ଉଲ୍ଲେଖ ହୋଇଛି ଯେ ପୋଲିସ ସବଇନସପେକ୍ଟର ବା ତଦୃଦ୍ଧ ର୍ୟାଙ୍କରେ ଥିବା ଅଫିସର, ରାଜ୍ୟ ଖାଦ୍ୟ କିମ୍ବା ଡ୍ରଗ୍ସ ଆଡ଼ିମିନଷ୍ଟ୍ରେସନର ଅଫିସରମାନେ ଏହି ବିକ୍ରୀ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇପାରିବେ। ଶିକ୍ଷାନୁଷ୍ଠାନ ବାଉଣ୍ଡରୀ ଠାରୁ ୧୦୦ ମିଟର ପରିସରରେ ତବାକୋ ପ୍ରଡକ୍ଟ ବିକିଲେ ତତ୍‌କ୍ଷଣାତ ୨୦୦ ଟଙ୍କା ଜୋରିମାନା ସହିତ ଅନ୍ୟ ଦଣ୍ଡବିଧାନ ରହିଛି। ଅନ୍ୟପକ୍ଷରେ ଯେଉଁମାନେ ସେହି ୧୦୦ ମିଟର ପରିସର ଭିତରେ ତବାକୋ ପ୍ରଡକ୍ଟର ପ୍ରଚାର କରିବେ ସେମାନଙ୍କୁ ଦୁଇ ବର୍ଷରୁ ୫ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ ବା ୧୦୦୦ ରୁ ୫୦୦୦ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ରହିଛି।

ଏବେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗଙ୍କ ପକ୍ଷରୁ ନିଶାମୁକ୍ତ କ୍ୟାମ୍ପସ ପାଇଁ ଚିନ୍ତା ପ୍ରକଟ କରାଯାଇଛି। ଗ୍ଲୋବାଲ ୟୁଥ ତବାକୋ ସର୍ଭେ-୨୦୧୯ ରିପୋର୍ଟରେ ଭାରତରେ ପ୍ରତିବର୍ଷ ଚିନ୍ତାଜନକ ଭାବେ ନୂଆ ପିଲା ନିଶା ସେବନ କରୁଛନ୍ତି। ଯେଉଁମାନେ ଏହି ନିଶା ସହ ଅଭ୍ୟସ୍ତ ସେଥିରୁ ୫୫ ପ୍ରତିଶତ ୨୦ ବର୍ଷରୁ କମ ପିଲା। ଗ୍ଲୋବାଲ ୟୁଥ ତବାକୋ ସର୍ଭେ-୨୦୧୯ ରିପୋର୍ଟ ଅନୁସାରେ ୮.୫ ପ୍ରତିଶତ ସ୍କୁଲ ପିଲା ନିୟମିତ ନିଶାସେବନ କରୁଛନ୍ତି। ୨୦୨୧ ରେ ତବାକୋ ସେବନ କାରଣରୁ ଦେଶରେ ୧ ମିଲୟନ ଲୋକ ମରୁଛନ୍ତି। ଯାହାକି ସମୁଦାୟ ମୃତ୍ୟୁ ସଂଖ୍ୟାର ୧୭.୮ ପ୍ରତିଶତ।

ସୁତରାଂ ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ନିଷ୍ପତି ନିଆଯାଇଛିଯେ ସବୁ କ୍ୟାମ୍ପସରେ ଏକ ସ୍ୱତନ୍ତ୍ର ଟିମ କରାଯାଇ ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଶିକ୍ଷାନୁଷ୍ଠାନର ଶିକ୍ଷାନୁଷ୍ଠାନର ବାଉଣ୍ଡରୀ ଠାରୁ ୧୦୦ ମିଟର ପରିସରରେ ଥିବା ତବାକୋ ବିକ୍ରୀକୁ ବିରୋଧ କରାଯିବ ଏବଂ ଏହାର ବିଜ୍ଞାପନକୁ ହଟେଇ ଦିଆଯିବ। ଏଠାରେ ତବାକୋ ସମ୍ପର୍କିତ ବିଜ୍ଞାପନ ଦେଉଥିବା ତବାକୋ କମ୍ପାନୀଙ୍କୁ ସର୍ତକ କରାଇ ଦିଆଯାଉଛି ଯେ ସେମାନେ ତୁରନ୍ତ ଶିକ୍ଷାନୁଷ୍ଠାନ ନିକଟରୁ ସେମାନଙ୍କର ବିଜ୍ଞାପନ ଗୁଡ଼ିକୁ ହଟେଇ ନିଅନ୍ତୁ। ପ୍ରଶାସନକୁ ମଧ୍ୟ ଅନୁରୋଧ କରାଯାଉଛି ଯେ ଏହି ଆଇନକୁ ପ୍ରଶାସନ କଡ଼ାକଡ଼ି ଭାବରେ ପାଳନ କରୁ। ଯଦି ୭୨ ଘଂଟା ମଧ୍ୟରେ ପ୍ରଶାସନ କୌଣସି ପଦକ୍ଷେପ ନନିଅନ୍ତି ତେବେ ଛାତ୍ର କଂଗ୍ରେସ ଛାତ୍ରମାନଙ୍କୁ ବୃହତର ସ୍ୱାର୍ଥ ଦୃଷ୍ଟିରୁ ତୁରନ୍ତ ଶିକ୍ଷାନୁଷ୍ଠାନ ସମ୍ମୁଖରେ ଆନ୍ଦୋଳନ କରିବା ସହ ଛାତ୍ର କଂଗ୍ରେସ ପକ୍ଷରୁ ସିଧାସଳଖ ତବାକୋ ବିକ୍ରୀ ଏବଂ ବିଜ୍ଞାପନ ଗୁଡ଼ିକୁ ହଟାଇ ଦିଆଯିବ। ଏହି ସାମ୍ବାଦିକ ସମ୍ମିଳନୀରେ କାର୍ତିକେଶ୍ୱର କାଣ୍ଡି, ଭାଗ୍ୟଶ୍ରୀ ମହାନ୍ତି ଉପସ୍ଥିତ ଥିଲେ।

# କାଳିଆକୁ ଦେଖିବାକୁ ମନ ଉଚ୍ଛନ: ଷ୍ଟ୍ରେଚରରେ ପୁରୀରେ ପହଞ୍ଚିଲେ କ୍ୟାନସର ଆକ୍ରାନ୍ତ



ପୁରୀ, ୧୭/୧୦ (ନି.ପ୍ର): ଭକ୍ତ ଓ ଭଗବାନଙ୍କ ମଧ୍ୟରେ ସମ୍ପର୍କ ଅତି ନିବିଡ଼ । ଭକ୍ତ ଓ ଭଗବାନ ଯେତେବେଳେ ଏକାକାର ହୋଇଯାଆନ୍ତି ସେତେବେଳେ ସେମାନଙ୍କ ମଧ୍ୟରେ ବନ୍ଧବାଡ଼ ନ ଥାଏ। ଜୀବନର ଶେଷ ମୁହୂର୍ତ୍ତରେ କାଳିଆକୁ ଟିକେ ଦେଖିବାକୁ ଯାଜପୁରରୁ ପୁରୀକୁ ଧାଇଁ ଆସିଥିବା ଜଣେ ବୃଦ୍ଧଙ୍କୁ ଦେଖି ସମସ୍ତଙ୍କ ଆଖିରେ ଲୁହ ଜକେଇ ଯାଇଛି। ବୃଦ୍ଧଜଣକ କ୍ୟାନସରରେ ପୀଡ଼ିତ ଥିବା ବେଳେ ଜୀବନରେ ଶେଷ ଥର କାଳିଆ ଦର୍ଶନ ପାଇଁ ପୁରୀକୁ ଧାଇଁ ଆସିଛନ୍ତି। ମାତ୍ର ମନ୍ଦିର ଭିତରକୁ ଯିବା ସମ୍ଭବ ନ ହେବାରୁ ଷ୍ଟ୍ରେଚରରେ ସେ ବାହାରୁ ହିଁ ଜଗା ଦର୍ଶନ କରିଛନ୍ତି। ଯାଜପୁର ଜିଲ୍ଲା କୁଆଖାଇ ଗ୍ରାମର ବିଜୟ କୁମାର ତରେଇ। ଦୀର୍ଘ ଦିନ ହେବ ସେ କ୍ୟାନସରରେ ପୀଡ଼ିତ ଥିବା ବେଳେ ଏବେ ଜୀବନର ଶେଷ ସୋପାନରେ ପହଞ୍ଚିଛନ୍ତି। ବିଜୟ ଏବେ ମରଣ ସହ ଲଢେଇ କରୁଥିବା ବେଳେ ଡାକ୍ତରମାନେ ବି ଆଶା ଛାଡ଼ି ଦେଇଛନ୍ତି। ତେଣୁ ଜୀବନର ଶେଷ ସମୟରେ କାଳିଆ ଦର୍ଶନ କରିବାକୁ ମନ ବଳାଇଲେ ବିଜୟ। ସ୍ୱାସ୍ଥ୍ୟ ଦିନକୁ ଦିନ ଜଟିଳ ହେଉଥିବାରୁ ମୃତ୍ୟୁ ପୂର୍ବରୁ ଜଗା ଦର୍ଶନ କରିବା ନିମନ୍ତେ ପରିବାର ସଦସ୍ୟଙ୍କ ସମ୍ମୁଖରେ ଇଚ୍ଛା ବ୍ୟକ୍ତ କରିଥିଲେ। ପରିବାର ଲୋକେ ବି ବିଜୟଙ୍କ ଇଚ୍ଛାକୁ ସମ୍ମାନ ଜଣାଇ ତାଙ୍କୁ ଧରି ପୁରୀ ଆସିଥିଲେ। ମାତ୍ର ସେ ମନ୍ଦିର ଭିତରକୁ ଯିବା ସମ୍ଭବ ନ ହେବାରୁ ତାଙ୍କୁ ଏକ ଷ୍ଟ୍ରେଚରରେ ଶୁଆଇ ସିଂହଦ୍ୱାର ସମ୍ମୁଖରେ ରଖିଥିଲେ ପରିବାର ଲୋକେ। ତାଙ୍କ ସହ ତାଙ୍କ ପୁଅ ଏବଂ ସାନ ଭାଇ ଥିଲେ। ସେହିଠାରୁ ହିଁ କାଳିଆ ସାଆନ୍ତଙ୍କୁ ମୁଣ୍ଡିଆ ମାରି ନିଜ ମନକଥା ଜଣାଇଛନ୍ତି ବିଜୟ । ଏପରି ଏକ ହୃଦୟ ବିଦାରକ ଦୃଶ୍ୟ ଦେଖି ଅନ୍ୟ ଭକ୍ତଙ୍କ ଆଖିରେ ଲୁହ ଆସି ଯାଇଥିଲା। ବିଜୟଙ୍କ ଆଶୁ ଆରୋଗ୍ୟ ନିମନ୍ତେ ସେମାନେ କାଳିଆ ସାଆନ୍ତଙ୍କୁ ଗୁହାରି କରିଥିଲେ।

# କେନ୍ଦ୍ରାପଡା କୈବର୍ତ୍ତ ସମାଜର ବୈଠକ

କେନ୍ଦ୍ରାପଡ଼ା, ୧୭/୧୦ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା କୈବର୍ତ ସମାଜ ସଂଘର ବୈଠକ ବରିଷ୍ଠ ସଭ୍ୟ ସୁରେନ୍ଦ୍ର ନାଥ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସଭା ପ୍ରାରମ୍ଭରେ ମହା ଲକ୍ଷ୍ମୀଙ୍କର ପୂଜାର୍ଚ୍ଚନା କରାଯାଇ ଥିଲା। ପରେ ସଂଘର ବିଭିନ୍ନ ସମସ୍ୟା, ନିର୍ବାଚନ ସଂପର୍କରେ ଆଲୋଚନା କରାଯାଇ ଥିଲା । ଏଥିସହିତ ସଂଘକୁ ସୁଦୃଢ ଓ ମଜଭୁତ କରିବା ପାଇଁ ସାରଳା ମଣ୍ଡଳ କୈବର୍ତ ସମାଜ ଜଗତସିଂହପୁରର ସଭାପତି ପ୍ରହଲ୍ଲାଦ ବେହେରା, ସଂପାଦକ ଅମର ବେହେରା ଏବଂ ନିଖିଳ ଓଡିଶା କୈବର୍ତ ସଂଘ ଜଗତସିଂହପୁର ର କୈଳାସ ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ପରାମର୍ଶ ଦେଇଥିଲେ । ଆୟୋଜିତ ଏହି ସଭାରେ ବ୍ରହ୍ମାନନ୍ଦ ବେହେରା, କୂଳମଣି ବେହେରା, ଦିଲିପ ମହାପାତ୍ର, ବିଷ୍ଣୁ ଚରଣ ବେହେରା, ଫକୀର ଚରଣ ବେହେରା, ବିଜୟ କୁମାର ବେହେରା, ଦିବାକର ବେହେରା, ନଗେନ୍ଦ୍ର ବେହେରା, ଭାରତୀ ବେହେରା, ସଂଜୟ ପାତ୍ର, ସଚ୍ଚିଦାନନ୍ଦ ବେହେରାଙ୍କ ସମେତ ଜିଲ୍ଲାର ବିଭିନ୍ନ ଅଂଚଳରୁ କୈବର୍ତ ସମାଜର ସଭ୍ୟ/ ସଭ୍ୟା ଉପସ୍ଥିତ ଥିଲେ ।

# ପିକ୍‌ଅପ୍ ଭ୍ୟାନ୍ ଓଲଟି ୪ ଗୁରୁତର

ମାଲକାନଗିରି, ୧୭/୧୦ (ନି.ପ୍ର): ସ୍ୱାଭିମାନ ଅଂଚଳ ଗାଜଲମାମୁଡ଼ି ପଂଚାୟତ ସ୍ଥିତ ବନ୍ଧଗୁଡା ଘାଟି ନିକଟରେ ଭାରସାମ୍ୟ ହରାଇ ପିକ୍‌ଅପ୍ ଭ୍ୟାନ୍ ଓଲଟି ପଡ଼ିବାରୁ ଦୁର୍ଘଟଣାରେ ଦୁଇ ମହିଳା ଓ ଦୁଇ ପୁରୁଷ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କର ଚିକିତ୍ସା ଜାନବାଇ ଚିକିତ୍ସାଳୟରେ କରାଯାଉଛି। ସୂଚନା ଅନୁଯାୟୀ, ଗୁରୁବାର ଆଲମପକା ଠାରେ ହେଉଥିବା ସପ୍ତାହିକ ହାଟକୁ ଯାଉଥିବା ସମୟରେ ପିକ୍‌ଅପ୍ ଭ୍ୟାନ୍ ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଓଲଟି ପଡିଥିଲା। ଗାଡିରେ ଥିବା ହାଟ ବ୍ୟବସାୟୀମାନେ ଅଳ୍ପକେ ବର୍ତି ଯାଇଥିବା ବେଳେ ଦୁଇ ଜଣ ମହିଳା ଓ ଦୁଇ ଜଣ ପୁରୁଷ ଗୁରୁତର ଆହତ ହୋଇଥିଲେ। ପ୍ରାଥମିକ ଚିକିତ୍ସା ପରେ ବର୍ତମାନ ଗୁରୁତରଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ହୋଇଥିବା ଜଣାପଡ଼ିଛି। ରାସ୍ତା ସମସ୍ୟା ପରିବହନରେ ମୁଖ୍ୟ ବାଧକ ପାଲଟିଛି। ନିମ୍ନମାନର ରାସ୍ତା କାମ ଯୋଗୁ ବାରମ୍ବାର ଏହିଭଳି ଦୁର୍ଘଟଣା ଘଟୁଥିବା ଅଭିଯୋଗ ହୋଇଛି।

# ଆନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ ୨୦୨୪ (ଓଡ଼ିଶା)ରେ ଶ୍ରେଷ୍ଠ ଚଳଚ୍ଚିତ୍ର ତେଲୁଗୁର ହରିଦ୍ରା , ଶ୍ରେଷ୍ଠ ନିର୍ଦ୍ଦେଶକ ଗୋପାଳ ମେନନ୍, ଶ୍ରେଷ୍ଠ ୱେବ୍ ସିରିଜ୍ ଗ୍ୟାଙ୍ଗସ୍ ଅଫ ପୁରୀ



ଭୁବନେଶ୍ୱର, ୧୭/୧୦ (ନି.ପ୍ର): ଇଣ୍ଡିଆନ୍ ଫିଲ୍ମ ମେକର୍ସ ଆସୋସେସନ୍ ପକ୍ଷରୁ ଆୟୋଜିତ ଆନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ ୨୦୨୪ ଭୁବନେଶ୍ୱର ଜୟଦେବ ଭବନ ଠାରେ ଆନୁଷ୍ଠାନିକ ଭାବେ ଉଦଯାପିତ ହୋଇଯାଇଛି।ଏଥିରେ ଶ୍ରେଷ୍ଠ ଫିଚର୍ ଫିଲ୍ମ ଭାବେ ତେଲୁଗୁ ଚଳଚ୍ଚିତ୍ର ସରକାରୁ ନୌକରୀ, କ୍ଷୁଦ୍ର ଚଳଚ୍ଚିତ୍ର ବିଭାଗରେ ତେଲୁଗୁ ଚଳଚ୍ଚିତ୍ର ହରିଦ୍ରା ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ମାଲାୟାଲାମ ଫିଲ୍ମ 'ଇନ୍ ଦି ଲାପ୍' ର ନିର୍ଦ୍ଦେଶକ ଗୋପାଳ ମେନନ୍, ଶ୍ରେଷ୍ଠ ପ୍ରଯୋଜକ ଭାବେ 'ଚିତ୍ରଗୁପ୍ତଠୁଦୁ ଭିଆ ଭୋଲ୍ଲକାମ୍ ଟ୍ରୁ' ଚଳଚ୍ଚିତ୍ରର ପ୍ରଯୋଜକ ଦାର୍ଢ଼ି ଜନାର୍ଦ୍ଦନ ରାଓ , ଶ୍ରେଷ୍ଠ କ୍ଷୁଦ୍ର ବଙ୍ଗଳା ଭାଷାର'ପରିଜାୟୀ' ସହ ଓଡ଼ିଆ ଶ୍ରେଷ୍ଠ ଚଳଚ୍ଚିତ୍ର ୨୦୨୨ 'ପ୍ରତୀକ୍ଷା',୨୦୨୩ ପାଇଁ ଚଳଚ୍ଚିତ୍ର 'ଦମନ',ଓ ଶ୍ରେଷ୍ଠ ଅଭିନେତ୍ରୀ ଓଡ଼ିଆ ଭାବେ 'ଆଭା' ଚଳଚ୍ଚିତ୍ରର ଅଭିନେତ୍ରୀ ସୋନା ମଲ୍ଲିକ ଏବଂ ଶ୍ରେଷ୍ଠ ଚଳଚ୍ଚିତ୍ର ଜୁରି ଆୱାର୍ଡ଼ ୨୦୨୪ 'ଆଭା'ଚଳଚ୍ଚିତ୍ର କୁ ପ୍ରଦାନ କରାଯାଇଥିଲା।ଏଥିସହ ଶ୍ରେଷ୍ଠ ପ୍ରଯୋଜକ ଓଡ଼ିଆ ଅତିସ କୁମାର ରାଉତ 'ଭୋଟ' ଚଳଚ୍ଚିତ୍ର ଓ ଶ୍ରେଷ୍ଠ ନାୟିକା ତେଲୁଗୁ ସନ୍ଧ୍ୟାରାଣୀ ରାଭୂପଲ୍ଲି ଚଳଚ୍ଚିତ୍ର 'ପଦ୍ମଶ୍ରୀ' କୁ ପ୍ରଦାନ କରାଯାଇଥିବା ବେଳେ ବେଷ୍ଟ ଡକ୍ୟୁମେଣ୍ଟାରି ଫିଲ୍ମ ଭାବେ ଓଡ଼ିଆ ଚଳଚ୍ଚିତ୍ର 'ଜାଗା ଆଖଡ଼ା', ଶ୍ରେଷ୍ଠ ୱେବ୍ ସିରିଜ ୨୦୨୨ ପାଇଁ 'ଗାଙ୍ଗସ୍ ଅଫ ପୁରୀ',୨୦୨୩ ପାଇଁ ଚଳଚ୍ଚିତ୍ର 'ବାରଙ୍ଗ ୧୯୯୯' କୁ ପୁରସ୍କୃତ କରାଯାଇଥିଲା। ପୁରସ୍କାର ଉତ୍ସବ ରେ ନ୍ୟାସନାଲ ପ୍ରେସିଡେଣ୍ଟ ଦିଲ୍ଲୀପ କୁମାର ଏଚଆର,ସାଧାରଣ ସମ୍ପାଦକ ପି ରଘୁନାଥ ରେଡ୍ଡୀ କାର୍ଯକ୍ରମ ରେ ଯୋଗ ଦେଇ ଓଡ଼ିଶାରୁ ଆନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ କୁ ମିଳିଥିବା ସହଯୋଗକୁ ଭୂୟସୀ ପ୍ରଶଂସା କରିଥିଲେ।ଆସନ୍ତାବର୍ଷ ଏହି କାର୍ଯ୍ୟକ୍ରମକୁ ଆହୁରି ଧୁମଧାମ୍ ରେ ହେବ ବୋଲି ସୂଚନା ଦେଇଥିଲେ। ଉତ୍ସବ ରେ ଅତିଥି ଭାବେ ଜାତୀୟ ପୁରସ୍କାର ପ୍ରାପ୍ତ ନିର୍ଦ୍ଦେଶକ ପ୍ରଣବ ଦାସ, ପ୍ରଯୋଜକ ଓ ସମ୍ପାଦକ ଗଦାଧର ପୁଟି, ବରିଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ପ୍ରଶାନ୍ତ ପାଢ଼ୀ, କଞ୍ଚାଲଙ୍କା ର ନିର୍ଦ୍ଦେଶକ ବିଭୁ ପ୍ରସାଦ ରଥ,ଚିତ୍ତରଞ୍ଜନ ନାୟକ,ଓଡ଼ିଆ ଚଳଚ୍ଚିତ୍ର ପ୍ରଯୋଜକ ତଥା ମିଡ଼ିଆ ପ୍ଲାନର ପ୍ରଣୟ ଜେଠି ବିଜେତା ମାନଙ୍କୁ ପୁରସ୍କାର ଓ ସାର୍ଟିଫିକେଟ ପ୍ରଦାନ କରିଥିଲେ। ଇଣ୍ଡିଆନ୍ ଫିଲ୍ମ ମେକର୍ସ ଆସୋସେସନ୍ ୨୦୧୨ ରୁ ଦେଶର ବିଭିନ୍ନ ସ୍ଥାନରେ ଏହି ଆନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ କରି ପ୍ରଶଂସା ସାଉଁଟିଛି।

# ନବୀନଙ୍କ ୭୮ତମ ଜନ୍ମଜୟନ୍ତୀ ଅବସରରେ ଶ୍ରୀ ବଳଦେବଜୀଉଙ୍କ ନିକଟରେ ଦୀପ ଦାନ

କେନ୍ଦ୍ରାପଡ଼ା, ୧୭/୧୦ (ନି.ପ୍ର): ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜେଡି ସୁପ୍ରିମୋ ତଥା ସଂପ୍ରତି ବିରୋଧୀ ଦଳର ନେତା ଭାବେ ଦାୟିତ୍ୱ ନିର୍ବାହ କରୁଥିବା ନବୀନ ପଟ୍ଟନାୟକଙ୍କ ୭୮ତମ ଜନ୍ମ ଜୟନ୍ତୀ ଅବସରରେ ଦୀର୍ଘ ଜୀବନ କାମନା କରି ଶ୍ରୀ ବଳଦେବଜୀଉଙ୍କ ନିକଟରେ ସାମୁହିକ ଦୀପଦାନ କରାଯାଇଛି। ଜିଲ୍ଲା ବିଜେଡି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ଇଚ୍ଛାପୁରସ୍ଥିତ ଶ୍ରୀ ବଳଦେବଜୀଉଙ୍କ ଚକଡ଼ାରେ ଶହ ଶହ ସଂଖ୍ୟକ ବିଜେଡି କର୍ମୀ, ସ୍ଥାନୀୟ ନେତା ୧ ଜନ ସାଧାରଣ ଉପସ୍ଥିତ ରହି ଦୀପ ଦାନରେ ଅଂଶଗ୍ରହଣ କରିଥିଲେ । ଦୀର୍ଘ ୨୪ ବର୍ଷ ଧରି ଓଡ଼ିଶାକୁ ନେତୃତ୍ୱ ଦେଇ ଆସିଥିବା ଶ୍ରୀ ପଟ୍ଟନାୟକଙ୍କ ସୁସ୍ଥ, ନିରାମୟ ଦୀର୍ଘ ଜୀବନ କାମନା କରି ମହାପ୍ରଭୁଙ୍କୁ ପ୍ରାର୍ଥନା କରାଯାଇ ଥିଲା । ଏହାସହ ଜନ୍ମଦିନ ଅବସରରେ ବିଧାୟକ ଗଣେଶ୍ୱର ବେହେରା କେକ କାଟି ସାଧାରଣରେ ବଂଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ନଗରପାଳ ତଥା ବିଜେଡି ଜିଲ୍ଲା ସଭାପତି ଧିରେନ କୁମାର ସାହୁ, ଜିଲ୍ଲା ପରିଷଦ ସଭାପତି ଲିଳିତା ଦାସ, ପୌରାଧକ୍ଷା ସରିତା ସାହୁ, ବିଜେଡି ଯୁଗ୍ମ ସଂପାଦକ ରଂଜିତ କୁମାର ସାହୁ, କାଉନସିଲର କାଳୀ ପ୍ରସାଦ ମିଶ୍ର, ନିରାକାର ସ୍ୱାଇଁ, ଉମେଶ ନାୟକ, ପ୍ରଦିପ୍ତ ଜେନା, ଆଲୋକ ସାହୁ, ରଂଜନ ସାହୁ, ପ୍ରଭାତ ଉଡାନ ସିଂହ, ସମ୍ବିତ୍ ଶ୍ରୀ ଚନନ୍ଦ, ରାଜେଶ ମହାନ୍ତି, ମିର ମୁରସିଦ, ହିରଣ୍ୟ ପଣ୍ଡା, ଯଜାତି କେଶରୀ ମହାନ୍ତି, ରୋସନା ସାହୁ, ସୌମେନ୍ଦ୍ର ପୃଷ୍ଟି, ଗଣେଶ ମେକାପ, ଆଦିତ୍ୟ ନାରାୟଣ ପତି, ଦୁର୍ଗା ପ୍ରସାଦ ପତି ପ୍ରମୁଖ ବହୁ ଦଳୀୟ ସମର୍ଥକ କାର୍ଯ୍ୟକ୍ରମ ରେ ଅଂଶ ଗ୍ରହଣ କରିଥିଲେ।

# ସ୍ମୃତିରେ ଆମ ଅବଦୁଲ କଲାମ



ବାଲେଶ୍ୱର, ୧୭/୧୦ (ନି.ପ୍ର):ମଣିଷ ଯେତେବେଳେ ଜନ୍ମ ନେଇଛି ମୃତ୍ୟୁ ନିଶ୍ଚୟ ହେବ କିନ୍ତୁ ଜନ୍ମରୁ ମୃତ୍ୟୁ ମଝିରେ ସେ କରିଥିବା କର୍ମ ତାକୁ ବଞ୍ଚାଇ ରଖିଥାଏ। ଭଗବାନ ଗୋଟିଏ ଭଲ ମଣିଷ ତିଆରି କରିବା ଆଗରୁ ତାକୁ ଅନେକ ଖରାପ ରାସ୍ତା ଦେଖାଇଥାନ୍ତି। ତାକୁ ଅନେକ ପରୀକ୍ଷା ? କରନ୍ତି। ଜୀବନରେ ଭଲ କାମ କରିବା ଆଗରୁ ବହୁତ ଝଡଝଞ୍ଜା ଆସେ ତାକୁ ଯିଏ ସାମ୍ନା କରିପାରେ ସେ ସଫଳ ହୋଇଥାଏ। ଆଉ ଯିଏ ସହି ନପରେ ସେ ବିଫଳ ହୋଇଥାଏ। ଏହି ସଫଳତା ଓ ବିଫଳତା ମଧ୍ୟରେ ମନେ ପଡ଼ନ୍ତି ଜଣେ ମହାନ ମଣିଷ। ଯିଏ ଜୀବନର ପ୍ରଥମ ପାହାଚରୁ ଅନେକ ଝୁଣ୍ଟି ମଧ୍ୟ ନିଜ ସ୍ୱପ୍ନ ସାକାର କରିବା ପାଇଁ ସଂଗ୍ରାମ କରୁଥିଲେ। ଗୋଟିଏ ଡଙ୍ଗାବାଲାର ପିଲା ସେ। ଖବରକାଗଜ, କିଇଁଆ ମଞ୍ଜି ଆଦି ବିକ୍ରି କରି ସେ ପେଟ ପୋଷିଥିଲେ।ଜୀବନ ନାଟକରେ ତାଙ୍କୁ ବହୁତ ଅଭିନୟ କରିବାକୁ ପଡ଼ିଥିଲା। ଜୀବନର ସବୁ ଝଡଝଞ୍ଜା କୁ ଅତିକ୍ରମ କରି ସେ ନିଜକୁ ଦେଶପାଇଁ ଉତ୍ସର୍ଗ କରିଦେଇଥିଲେ। ସେ ହେଉଛନ୍ତି ପୂର୍ବତନ ରାଷ୍ଟ୍ରପତି, ବାଲେଶ୍ୱର ଜିଲ୍ଲାର ଗର୍ବ ଓ ଗୌରବ ମିସାଇଲ୍ ମ୍ୟାନ ଡକ୍ଟର ଏପିଜେ ଅବଦୁଲ କଲାମ। ତାଙ୍କର ଜୟନ୍ତୀ ପାଳନ ଅବସରରେ ସୌଭାଗିନୀ ଚାରିଟେବୁଲ ଟ୍ରଷ୍ଟ ଏବଂ ନିପନ ଇଣ୍ଡିଆ ମ୍ୟୁଚିଆଲ ଫଣ୍ଡର ମିଳିତ ସହଯୋଗରେ ଷ୍ଟେସନ ଛକ ସ୍ଥିତ କଲାମଙ୍କ ପ୍ରତିମୂର୍ତ୍ତିରେ ପ୍ରଥମେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନିପନ ଇଣ୍ଡିଆ ମ୍ୟୁଚିଆଲ ଫଣ୍ଡର ଜନସମ୍ପର୍କ ଅଧିକାରୀ ଅସିତ କୁମାର ମହାପାତ୍ର ଯୋଗ ଦେଇଥିଲେ। ଟ୍ରଷ୍ଟର ସମ୍ପାଦିକା ଜ୍ୟୋତିର୍ମୟୀ ଶତପଥୀ, ମୁନ୍ କମୁନିକେଶନର ସମ୍ପାଦକ ଅବନୀ କୁମାର ଜେନା, ଦେବାଶିଷ ସେଠୀ ଫାଉଣ୍ଡେସନର ସମ୍ପାଦିକା ଲୁଲୁମିନତୀ ସେଠୀ, ସମାଜସେବୀ ସଞ୍ଜୟ କୁମାର ବାରିକ, ଉଷାରାଣୀ ଜେନା ପ୍ରମୁଖ ଯୋଗଦେଇ କଲାମଙ୍କ ସ୍ମୃତି ଚାରଣ କରିଥିବାବେଳେ ଅନ୍ନପୂର୍ଣ୍ଣା ମୁର୍ମୁ ଧନ୍ୟବାଦ ଅର୍ପଣ କରିଥିଲେ। ମିତାଲି, ରାନୁ ମହାଳିକ, କବିତା ଜେନା,ରାଜୁ ମଣ୍ଡଳ ପ୍ରମୁଖ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

# 'ମାସ୍ ଇଭେଣ୍ଟସ୍' ତରଫରୁ ତୃତୀୟ ମୋସନ ପିକ୍‌ଚର ଆୱାର୍ଡ ପ୍ରଦ୍ୟୁମ୍ନ ଲେଙ୍କାଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନ



ଭୁବନେଶ୍ୱର, ୧୭/୧୦ (ନି.ପ୍ର): 'ମାସ ଇଭେଣ୍ଟସ୍' ତରଫରୁ "ତୃତୀୟ ମୋସନ୍ ପିକ୍‌ଚର ଆୱାର୍ଡ ଉତ୍ସବ" ଭୁବନେଶ୍ୱରସ୍ଥିତ ଜୟଦେବ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଅଛି । ମୀର ଅହମ୍ମଦ ଅଲ୍ଲୀଙ୍କ ପରିଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ଡ. ପ୍ରସନ୍ନ ପାଟଶାଣୀ, ସଂଳାପକାର ଡ. ରଜନୀ ରଂଜନ, ସମାଜସେବୀ ଓ ଓଡ଼ିଶା ପାଇକ ଆଖଡ଼ା ମହାସଂଘର ସଭାପତି ଡ. ପ୍ରକାଶ ଶ୍ରୀଚନ୍ଦନ, ପୂର୍ବତନ ବିଧାୟକ ଦିଲ୍ଲୀପ ଶ୍ରୀଚନ୍ଦନ, ଅଭିନେତ୍ରୀ ସୋଫିଆ ଆଲମ୍ ଓ ଯୁବନେତା ଶକ୍ତିପ୍ରକାଶ ପତି ଅତିଥି ରୂପେ ଯୋଗ ଦେଇଥିଲେ । ଏହି ଅବସରରେ ଚଳଚ୍ଚିତ୍ର କ୍ଷେତ୍ରରେ ୧୮ ବର୍ଗରେ ପ୍ରତିଭାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ୨୦୦ ରୁ ଊର୍ଦ୍ଧ୍ୱ ଚଳଚ୍ଚିତ୍ରର ଅଭିନୟ କରିଥିବା କିମ୍ବଦନ୍ତୀ ଅଭିନେତା ପ୍ରଦ୍ୟୁମ୍ନ ଲେଙ୍କାଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନ ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ ନାୟକ ଭାବେ ମହର୍ଷି ଚଳଚ୍ଚିତ୍ର ପାଇଁ ଅଭିନେତା ଚନ୍ଦନ କର ଓ ଅପରେସନ୍ ୧୨/୧୭ ଚଳଚ୍ଚିତ୍ର ପାଇଁ ଅଭିନେତ୍ରୀ ଭୂମିକା ଦାସଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ସମ୍ମାନିତ କରାଯାଇଥିଲା । ଏହାବ୍ୟତୀତ ଶ୍ରେଷ୍ଠ ହାସ୍ୟ ଅଭିନେତା ଜୀବନ ପଣ୍ଡା, ସହଅଭିନେତା ଶକ୍ତି ବରାଳ, ସହଅଭିନେତ୍ରୀ ପୁଷ୍ପା ପଣ୍ଡା ସହିତ ଖଳ ଅଭିନେତା ଭାବେ ହର ରଥଙ୍କୁ ପୁରସ୍କୃତ କରାଯାଇଥିଲା । ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ଅନୁପମ ପଟ୍ଟନାୟକ, ଶ୍ରେଷ୍ଠ ସଂଗୀତ ନିର୍ଦ୍ଦେଶକ ଭାବେ ପ୍ରଶାନ୍ତ ପାଢୀ, ନବାଗତ ଅଭିନେତ୍ରୀ ଭାବେ ଦୀପା ମିଶ୍ର, ଶ୍ରେଷ୍ଠ ଲେଖକ ପ୍ରିୟବ୍ରତ ପଣ୍ଡାଙ୍କ ସହିତ ଚଳଚ୍ଚିତ୍ର ସାମ୍ବାଦିକ ଭାବେ ଶ୍ରୀରାମ ରାୟ ଓ ସିନେ ସମୀକ୍ଷକ ଗୁରୁପଦ ନନ୍ଦଙ୍କୁ ସମ୍ମାନିତ କରାଯାଇଥିଲା । ଏହାସହ ଚଳଚ୍ଚିତ୍ର ଆସକ୍ତ ପାଇଁ ସୁରଭୀ ପ୍ରିୟଦର୍ଶନୀଙ୍କୁ ସ୍ୱତନ୍ତ୍ର ଜୁରୀ ଆୱାର୍ଡ, ଶ୍ରେଷ୍ଠ ସିନେମା ଅଟୋଗ୍ରାଫି ଭାବେ ପ୍ରତାପ ରାଉତ, ଉଦୀୟମାନ ନିର୍ଦ୍ଦେଶକ ଭାବେ ତ୍ରିପତି ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ଚଳଚ୍ଚିତ୍ର ଶିଳ୍ପ ଗୌରବ ଭାବେ ଅଭିନେତା ଚୌଧୁରୀ ବିକାଶ ଦାସ ଓ ଜୁରୀ ଆୱାର୍ଡ ରୂପେ ଦୁଷ୍ମନ୍ତ ପଣ୍ଡାଙ୍କୁ ସମ୍ମାନିତ କରାଯାଇଥିଲା ।

# ବଲାଙ୍ଗିର ନାଳଖଣ୍ଡିପଡାରେ ୫୨ତମ ଗଜଲକ୍ଷ୍ମୀ ପୂଜା

ବଲାଙ୍ଗିର, ୧୭/୧୦ (ନି.ପ୍ର): ବଲାଙ୍ଗିର ସହରର ମଧ୍ୟ ଭାଗରେ ରହିଥିବା ନାଳଖଣ୍ଡିପଡା ଠାରେ ଧୁମଧାମରେ ୫୨ତମ ମା' ଗଜଲକ୍ଷ୍ମୀଙ୍କ ପୂଜା ଆରମ୍ଭ ହୋଇଯାଇଛି । ପଡାର ଶତାଧିକ ମହିଳା ଭକ୍ତମାନଙ୍କ ଓ ପୂଜା କମିଟିର କର୍ମକର୍ତାଙ୍କ ଗହଣରେ ମା' ଗଜଲକ୍ଷ୍ମୀଙ୍କ ପୂଜା ପାଇଁ ସ୍ଥାନୀୟ ମହାରାଣିସାଗର ଠାରୁ କଳସରେ ପାଣି ଆଣି ନିଆରା ଢଙ୍ଗରେ କଳସ ଯାତ୍ରା କରାଯାଇ ଲଗ୍ନ ଅନୁଯାୟୀ ପୂଜକଙ୍କ ଦ୍ୱାରା ମା'ଙ୍କ ପୂଜା ଆରମ୍ଭ ହୋଇଛି । ଏଥର କର୍ତା ଭାବରେ କଲ୍ୟାଣ ସାହାଣି ଓ ତାଙ୍କ ଧର୍ମପତ୍ନୀ ରୋଜାଲିନ ସାହାଣୀ ମା ଙ୍କ ସେବାର ସୁଯୋଗ ପାଇଛନ୍ତି । ପ୍ରତ୍ୟେହ ସନ୍ଧ୍ୟା ସମୟରେ ବିଭିନ୍ନ ସାଂସ୍କୃତିକ ଓ ଆଳତୀ କାର୍ଯ୍ୟକ୍ରମ ରହିଥିବା ପୂଜା କମିଟି ଠାରୁ ପ୍ରକାଶ।

# ରାଜ୍ୟର ବିଭିନ୍ନ ଜିଲ୍ଲାରେ ସ୍ଥାପିତ ହେବ ବରପୁତ୍ରମାନଙ୍କର ପ୍ରତିମୂର୍ତ୍ତି

ଭୁବନେଶ୍ୱର, ୧୭/୧୦ (ନି.ପ୍ର): ରାଜ୍ୟର ବିଭିନ୍ନ ସ୍ଥାନରେ ବରପୁତ୍ରମାନଙ୍କର ପ୍ରତିମୂର୍ତ୍ତି ସ୍ଥାପିତ ହେବ। ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି ନିର୍ମାଣ ଏବଂ ସ୍ଥାପନା ନିମନ୍ତେ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିଧିବଦ୍ଧ ଭାବେ ନିଷ୍ପତି ନିଆଯାଇଛି। ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି ନିର୍ମାଣ ଏବଂ ସ୍ଥାପନା କାର୍ଯ୍ୟନିମନ୍ତେ ସଂସ୍କୃତିମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବିଭିନ୍ନ ଲୋକପ୍ରତିନିଧି, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବିଶିଷ୍ଟ ବ୍ୟକ୍ତିବିଶେଷ ଏବଂ ଜିଲ୍ଲା ପ୍ରଶାସନ ଠାରୁ ହସ୍ତଗତ ହୋଇଥିବା ପ୍ରସ୍ତାବ ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହେବା ପରେ ରାଜ୍ୟର ବିଭିନ୍ନ ସ୍ଥାନରେ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି ନିର୍ମାଣ ଓ ସ୍ଥାପନ ନିମନ୍ତେ ଏକ ସାରଣୀ ପ୍ରସ୍ତୁତ କରାଯାଇଥିଲା। ଏହିକ୍ରମରେ କେନ୍ଦ୍ରାପଡାରେ ଭଜନ ସମ୍ରାଟ ଭିକାରୀ ବଳ, ବଲାଙ୍ଗୀରରେ ଧରମସିଂହ ମାନ୍ଧାତା ମାଝୀ, ଭୁବନେଶ୍ୱରରେ କୁନ୍ତଳା କୁମାରୀ ସାବତ, କବି ଶେଖର ଚିନ୍ତାମଣୀ ମହାନ୍ତି, ବ୍ରହ୍ମପୁରରେ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ, ଭଦ୍ରକରେ ଗୋକୁଳାନନ୍ଦ ମହାନ୍ତି, କେନ୍ଦୁଝରରେ ରତନା ନାୟକ, ସମ୍ବଲପୁରରେ ଅଟଳବିହାରୀ ବାଜପେୟୀ ଓ ବୀର ସୁରେନ୍ଦ୍ର ସାଏ, କଟକରେ ନେତାଜୀ ସୁବାଷ ଚନ୍ଦ୍ର ବୋଷ, ମଧୁସୂଦନ ଦାସ, ଅଟଳ ବିହାରୀ ବାଜପେୟୀ, ବରଗଡ଼ରେ ଗଙ୍ଗାଧର ମେହେର, ବାଲେଶ୍ୱରରେ ଫକୀର ମୋହନ ସେନାପତି, ବାଘାଯତୀନ, ପୁରୀ ଡେଲାଙ୍ଗରେ ବୌଦ୍ଧଧର୍ମ ବିଶାରଦ ଡିଗନାଗ, ମାଲକାନଗିରିରେ ତାମ୍ପା ଦୋରା ଏବଂ ଭୁବନରେ ବାଜିରାଉତଙ୍କ ପ୍ରତିମୂର୍ତ୍ତି ସ୍ଥାପନା ନିମନ୍ତେ ନିଷ୍ପତି ନିଆଯାଇଛି। ସେହିପରି ଭାବେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ଏବଂ ପ୍ରଥମ ଓଡ଼ିଆ ଶଙ୍କରାଚାର୍ଯ୍ୟ ଶ୍ରୀଧର ସ୍ୱାମୀଙ୍କ ପ୍ରତିମୂର୍ତ୍ତି ମଧ୍ୟ ସ୍ଥାପନା କରାଯିବାର ନିଷ୍ପତ୍ତି ନିଆ ଯାଇଛି। ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି ଯେ, ଭାରତବର୍ଷର ସ୍ୱାଧୀନତା, ଓଡ଼ିଶା ପ୍ରଦେଶର ସ୍ୱତନ୍ତ୍ରତା, ଆମ ଭାଷା ଓ ସାହିତ୍ୟକୁ ନିଜର ଲେଖନୀ ଚାଳନା ମାଧ୍ୟମରେ ଋଦ୍ଧିମନ୍ତ କରିବା ଏବଂ ଓଡ଼ିଶାର ଐତିହ୍ୟ ଏବଂ ଓଡ଼ିଆ ସଂସ୍କୃତିର ମୂଲ୍ୟବୋଧକୁ ବଜାୟ ରଖିବା ଦିଗରେ ଆମ ବରପୁତ୍ରମାନେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି। ଆମ ସ୍ୱାଧୀନତା ଓ ସ୍ୱାଭିମାନ ପାଇଁ ବଳିଦାନ ଦେଇଥିବା ଏବଂ ଆମ ଭାଷା, ସାହିତ୍ୟ ଓ ସଂସ୍କୃତିର ରକ୍ଷକ ଭାବେ କାର୍ଯ୍ୟକରିଥିବା ବରପୁତ୍ରମାନେ ହେଲେ ଆମ୍ଭମାନଙ୍କ ପାଇଁ ଚିରନମସ୍ୟ। ସେମାନଙ୍କର କାର୍ଯ୍ୟ ଏବଂ ମୂଲ୍ୟବୋଧ ଚିରସ୍ମରଣୀୟ ଓ ଆମ ଯୁବପିଢ଼ିଙ୍କ ପାଇଁ ପ୍ରେରଣାର ଉତ୍ସ।

ତେଣୁ ପ୍ରାଥମିକତା ଭିତ୍ତିରେ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି ନିର୍ମାଣ ଏବଂ ରାଜ୍ୟର ବିଭିନ୍ନ ସ୍ଥାନରେ ଏହାର ସ୍ଥାପନା କରିବା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ନିଷ୍ପତ୍ତି ନିଆଯାଇଛି ବୋଲି ମନ୍ତ୍ରୀ ଶ୍ରୀ ସୂରଜ କରିଛନ୍ତି।

# ରାଜ୍ୟସ୍ତରୀୟ ସ୍କୁଲ ଗେମ ଟାଇକଣ୍ଡୋ ପ୍ରତିଯୋଗିତା ପାଇଁ ବଲାଙ୍ଗିର ଦଳର ପୁରୀ ଗସ୍ତ

ବଲାଙ୍ଗୀର, ୧୭/୧୦ (ନି.ପ୍ର): ଆସନ୍ତା ୧୭ ରୁ ୧୯ ତାରିଖ ପର୍ଯ୍ୟନ୍ତ ପୁରୀର ଜିଲ୍ଲା ସ୍କୁଲ ଠାରେ ରାଜ୍ୟସ୍ତରୀୟ ସ୍କୁଲ ଗେମ ଟାଇକଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବଲାଙ୍ଗିର ଜିଲ୍ଲାରେ ୧୦ ଜଣିଆ ଟିମ୍ ଆଜି ପୁରୀ ଅଭିମୁଖେ ଯାତ୍ରା କରିଛନ୍ତି। ୧୭ ବର୍ଷରୁ କମ୍ ବାଳିକା ବିଭାଗରେ ପ୍ରାଚୀ ବେହେରା, ରୀତୁ ବିଶି, ସିଦ୍ଧେଶ୍ୱରୀ କମଲ, ରିତୁ ବାଗ, ଶ୍ରାବଣୀ ଜାଲ ଭାଗ ନେଇଥିବା ବେଳେ ବାଳକ ବିଭାଗରେ ଜୟମ ସାହୁ, ବିଜୟ ସେଠ, ଓମ୍ ପ୍ରକାଶ ପୃଷ୍ଟି, ଜ୍ୟୋର୍ତିମୟ ଜେନା ଓ ଶୁଭ୍ରାଂଶୁ ହେର୍ଣ୍ଡା ଭାଗ ନେଉଛନ୍ତି। ଟିମ୍ ମ୍ୟାନେଜର ଭାବେ ୟୁଜିଏଚ୍‌ଏସ୍ ଚିକଲବାହାଲ ପିଇଟି ରାଜକୁମାର ପାଣିଗ୍ରାହୀ ଓ ସରକାରୀ ବାଳିକା ବିଦ୍ୟାଳୟ ପିଇଟି ଦିପ୍ତି ବେହେରା ଙ୍କୁ ଏଥିରେ ମନୋନିତ କରାଯାଇଛି। ଏହି ଅବସରରେ ଜଏଂଟ ଡାଇରେକ୍ଟର(ଏଚଏଣ୍ଡଏସ୍), ଟାଇକଣ୍ଡୋ କୋଚ ତଥା ଜାତୀୟ ସ୍ତରୀୟ ରେଫରି ଅସିମ କୁମାର ଭୋଇଙ୍କୁ ଏହି ରାଜ୍ୟସ୍ତରୀୟ ସ୍କୁଲ ଟାଇକଣ୍ଡୋ ପ୍ରତିଯୋଗିତା ପରିଚାଳନା କରିବା ପାଇଁ ଟେକ୍ ?ନିକାଲ ଅଫିସିଆଲ ଭାବେ ନିୟୋଜିତ କରିଛନ୍ତି।

## ଜିଲ୍ଲାସ୍ତରୀୟ ଗ୍ରାମ୍ୟ ଜଳ ଓ ପରିମଳ କମିଟିର ତାଲିମ କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା, ୧୭/୧୦ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାସ୍ତରୀୟ ଗ୍ରାମ୍ୟ ଜଳ ଓ ପରିମଳ କମିଟିର ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଅତିରିକ୍ତ ଜିଲ୍ଲପାଳ ତଥା ଭାରପ୍ରାପ୍ତ ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ନିଲୁ ମହାପାତ୍ର ଆନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିଥିବା ବେଳେ ଜିଲ୍ଲା ଗ୍ରାମୀଣ ଜଳ ଯୋଗାଣ ନିର୍ବାହୀ ଅଧିକାରୀ ବସନ୍ତ କୁମାର ନାୟକ, ଅତିରିକ୍ତ ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ କୃପାସିନ୍ଧୁ ପରିଡା ପ୍ରମୁଖ ଯୋଗ ଦେଇ ଦୀର୍ଘସ୍ଥାୟୀ ପରିମଳ ପ୍ରତିକାର ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ । ଏହାସହ ପ୍ରଶିକ୍ଷକ ମାନଙ୍କ ଦାୟିତ୍ୱ ଓ ଭୂମିକା ସଂପର୍କରେ ସୂଚନା ପ୍ରଦାନ କରିଥିଲେ ।

## ଦକ୍ଷିଣପୂର୍ବ ରେଳପଥ ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଏବଂ ବିଭାଗୀୟ ରେଳ ପରିଚାଳକ (ଇଂ), ଦକ୍ଷିଣ ପୂର୍ବ ରେଳ, ଖଡ଼ଗପୁର-୭୨୧୩୦୧ ୧୫.୦୦ ଘଣ୍ଟା ପୂର୍ବରୁ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡରକୁ ଆମନ୍ତ୍ରଣ କରିଥାଏ । ଆଇଟମଗୁଡିକ ବିରୁଦ୍ଧରେ ଉଲ୍ଲେଖ କରାଯାଇଥିବା ତାରିଖ ଏବଂ ୧୫.୩୦ ଘଣ୍ଟାରେ ଖୋଲାଯିବ: ସିରିଏଲ ନଂ; ଟେଣ୍ଡର ନଂ; କାର୍ଯ୍ୟର ବର୍ଣ୍ଣନା; ଟେଣ୍ଡର ମୂଲ୍ୟ; ସର୍ବଶ୍ରେଷ୍ଠ ଟଙ୍କା; ଖୋଲିବାର ତାରିଖ; କାର୍ଯ୍ୟର ସମାପ୍ତି ଅବଧି: (୧); **E-KGP-South-42-2024; Sr.DEN** (ଦକ୍ଷିଣ) / କେଜିପି (୨ୟ କଲ) ଅଧୀନରେ ଥିବା ନଅ (୦୯) ଷ୍ଟେସନ ଉପରେ ଆରସିସି ଓଭରହେଡ୍ ଟ୍ୟାଙ୍କ (୧,୦୦,୦୦୦ ଲିଟର ପର୍ଯ୍ୟନ୍ତ କ୍ଷମତା)ରୁ ଅଧିକ ପୁରୁଣା / ଜଟିଳ ଇସ୍ପାତ ଟ୍ୟାଙ୍କର ବଦଳାଇବା; ୧୦,୧୪,୨୮,୭୨୧.୨୫; ୬,୫୭,୨୦୦.୦୦; ୨୯.୧୦.୨୦୨୪; ୧୨ ମାସ । (୨); **E-KGP- \ଦକ୍ଷିଣ -43-2024;** ଟ୍ରାଫିକ୍ ବ୍ଲକ୍ ଅନ୍ତର୍ଗତ ସେସ୍ / ଇନ୍-ସିଟୁରେ **60Kg 90UTS** ରେଲ୍ସର ଫ୍ଲାସ୍ ବଟ୍ ୱେଲଡିଂ, **Sr.DEN** (ଦକ୍ଷିଣ) / ଖଡ଼ଗପୁର ଅନ୍ତର୍ଗତ ଖଡ଼ଗପୁର-ବିଏଚ୍ସି ବିଭାଗରେ କଣ୍ଟ୍ରାକ୍ଟରମାନେ ସ୍ୱୟଂ ଚାଳିତ ରେଳ କମ ରୋଡ୍ / ମୋବାଇଲ୍ ଫ୍ଲାସ୍ ବଟ୍ ୱେଲଡିଂ ପ୍ଲାଣ୍ଟ, ଉପକରଣ, ଯନ୍ତ୍ରପାତି ଏବଂ ଉପଯୋଗୀ ସାମଗ୍ରୀ ବ୍ୟବହାର କରି । ; **Rs,** ୦୦୦ ଟଙ୍କା ୬୬,୩୮,୮୮୨.୮୬; **Rs,** ୦୦୦ ଟଙ୍କା ୧,୩୨,୮୦୦.୦୦; ୦୧.୧୧.୨୦୨୪; ୧୮ ମାସ । (୩); **E-KGP-HQ- 33-2024;** ୫୦ ମିମି ଗଜ୍ ହାର୍ଡ ଷ୍ଟୋନ୍ ମେସିନ୍ ଚୂର୍ଣ୍ଣ ବାଲାଷ୍ଟ ଯୋଗାଇବା ଏବଂ ଖଡ଼ଗପୁର ଡିଭିଜନ୍ (୫୧,୬୮୮ କମ) ପାଇଁ ବାକୁଡିହ / ବାରହରୱା ଡିପୋରେ ରେଳବାଇର ୱାଗନ୍ / ହପର୍ ରେ ସମାନ ଲୋଡ୍ କରିବା । ୬,୭୪,୯୧,୦୮୯.୧୨; ୪,୮୭,୫୦୦.୦୦; ୦୧.୧୧.୨୦୨୪ ; ୦୬ ମାସ । (୪); **E-KGP-HQ- 34-2024;** ୧୪ ନଂ ର ମରାମତି ଏବଂ ପୁନର୍ବାସ । **AEN / WW / KGP** ଅଧୀନରେ ଖଡ଼ଗପୁର ବସ୍ତିରେ ବିଭିନ୍ନ ଷ୍ଟିଲ୍ ୱାଟର ଟ୍ୟାଙ୍କରର ଚିତ୍ର, ସଫା ଏବଂ ପେଣ୍ଟିଂ ସହିତ ୧ ଲକ୍ଷ ଗ୍ୟାଲନ୍ କ୍ଷମତା ଆରସିସି ୱାଟର ଟ୍ୟାଙ୍କ; ୧,୪୧,୫୨,୪୯୪.୦୦; ୨,୨୦,୮୦୦.୦୦; ୦୧.୧୧.୨୦୨୪; ୦୬ ମାସ । (୫); **E-KGP-HQ-** ୩୫-୨୦୨୪; ୩୨ କିଲୋମିଟର ପାଇଁ ବିସିଏମ୍ (୧୬.୨୫୬-୨୮.୭୨୪, ୨୮.୭୨୪-୪୪.୨୬୯ ଏବଂ ୮.୯୩୪-୧୨.୯୨୧) ଏବଂ ଅନ୍ୟାନ୍ୟ ବିବିଧ **P.Way ADEN / TMZ** ଅଧୀନରେ ପାଉଁସକୁରା-ହଳଦିଆ ବିଭାଗରେ କାର୍ଯ୍ୟ କରେ । ୨,୨୪,୧୮,୬୬୪.୬୮; ୨,୬୨,୧୦୦.୦୦; ୦୧.୧୧.୨୦୨୪; ୦୬ ମାସ । (୬); **E-KGP-HQ-36-2024; ADEN** / ବସ୍ତିବାସିନ୍ଦା / ଖଡ଼ଗପୁର ଅଧୀନରେ ରେଳବାଇ ପରିତ୍ୟକ୍ତ ଶୋଇଥିବା ବ୍ୟକ୍ତିଙ୍କ ସହିତ ସୀମା ପ୍ରାଚୀର ଭାବରେ ମୁକ୍ତ ରେଳ ଶୋଇବା ଯୋଗାଣ ଏବଂ ଫିକ୍ସିଂ; ୫୫,୩୫,୩୯୯.୫୨; ୧,୧୦,୭୦୦.୦୦; ୦୧.୧୧.୨୦୨୪; ୦୪ ମାସ । ସମସ୍ତ ଡକ୍ୟୁମେଣ୍ଟ୍ ପାଇଁ ଟେଣ୍ଡର ଡକ୍ୟୁମେଣ୍ଟ୍ ମୂଲ୍ୟ: **NIL** । ବିଡିଂ ଆରମ୍ଭ ତାରିଖ: **Sl** ପାଇଁ ନଂ । ୧୫.୧୦.୨୦୨୪ ରୁ ୧ ଏବଂ ୧୫.୦୦ ଘଣ୍ଟା ପର୍ଯ୍ୟନ୍ତ । ୨୯.୧୦.୨୦୨୪ ରେ **Sl** ପାଇଁ ୧୮.୧୦.୨୦୨୪ ରୁ ନମ୍ବର ୨ ରୁ ୬ ଏବଂ ୧୫.୦୦ ଘଣ୍ଟା ପର୍ଯ୍ୟନ୍ତ । ୦୧.୧୧.୨୦୨୪ରେ ଇଚ୍ଛୁକ ଟେଣ୍ଡରକାରୀ ମାନେ ଟେଣ୍ଡରଗୁଡିକର ସମ୍ପୂର୍ଣ୍ଣ ବିବରଣୀ / ବର୍ଣ୍ଣନା / ନିର୍ଦ୍ଦିଷ୍ଟତା ପାଇଁ ୱେବସାଇଟ୍ **www.ireps.gov.in** ପରିଦର୍ଶନ କରିପାରିବେ ଏବଂ ଅନଲାଇନରେ ସେମାନଙ୍କର ବିଡ୍ ଦାଖଲ କରିପାରିବେ । କୌଣସି କ୍ଷେତ୍ରରେ ଏହି କାର୍ଯ୍ୟଗୁଡ଼ିକ ପାଇଁ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **N.B:** ସମସ୍ତ ଟେଣ୍ଡରରେ ଭାଗ ନେବାକୁ ଆଶାକର୍ମୀମାନେ ନିୟମିତ ଭାବରେ **www.ireps.gov.in** ପରିଦର୍ଶନ କରିପାରିବେ ।

**(PR-705)**

# ମହାମହିମ ରାଷ୍ଟ୍ରପତିଙ୍କ ଦୁଇ ଦିନିଆ ମୟୂରଭଞ୍ଜ ଗସ୍ତ ପାଇଁ ଜିଲ୍ଲା ପ୍ରଶାସନ ପ୍ରସ୍ତୁତି ପରିପ୍ରେକ୍ଷୀରେ ବୈଠକ

ବାରିପଦା, ୧୭/୧୦ (ନି.ପ୍ର): ଆସନ୍ତା ୨୩ ତାରିଖ ଦିନ ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ମୟୂରଭଞ୍ଜ ଗସ୍ତରେ ଆସି ବହୁ ପ୍ରତିକ୍ଷିତ ଜିଲ୍ଲାରେ ତିନୋଟି ନୂତନ ରେଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବେ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି । ମହାମହିମଙ୍କ ଆସିବା ଏବଂ ତତ-ସଂଲଗ୍ନ ସମସ୍ତ କାର୍ଯ୍ୟକ୍ରମକୁ ସଠିକ ଭାବେ ପରିଚାଳନା ଏବଂ ସଂଚାଳନ ପାଇଁ ଜିଲ୍ଲା ପ୍ରଶାସନ ଖୁବ ତତ୍ପରତା ସହିତ କାର୍ଯ୍ୟକରିବା ଆରମ୍ଭ କରିଛି । ଗତ ମଙ୍ଗଳବାର ଦିନ ମୁଖ୍ୟ ପ୍ରଶାସକ ଶ୍ରୀ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବା ପରେ, ଜିଲ୍ଲାପାଳ ଶ୍ରୀ ହେମକାନ୍ତ ସୟ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ବରୁଣ ଗୁଣ୍ଟୁପଲ୍ଲିଙ୍କ ତତ୍ୱାବଧାନରେ ସମସ୍ତ ବରିଷ୍ଠ ଅଧିକାରୀ ଓ ବିଭାଗୀୟ ଅଧିକାରୀଙ୍କ ସହିତ ଏହି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସୂଚନାନୁସାରେ, ମୟୂରଭଞ୍ଜ ଜିଲ୍ଲା ପାଇଁ ମହାମହିମ ରାଷ୍ଟ୍ରପତିଙ୍କ ୨ ଦିନିଆ ଗସ୍ତ ଥିବା ବେଳେ ୨୩ ତାରିଖରେ ସେ ରାଇରଙ୍ଗପୁର ଏବଂ ୨୪ ତାରିଖରେ ବାଙ୍ଗିରିପୋଷି ଠାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବେ ବୋଲି, ରାଷ୍ଟ୍ରପତି ଭବନରୁ ନିର୍ଦ୍ଧାରିତ ହୋଇଛି । ମହାମହୀମଙ୍କ ସହିତ ବିଭିନ୍ନ କାର୍ଯ୍ୟକ୍ରମରେ ମାନ୍ୟବର ରାଜ୍ୟପାଳ, ଓଡିଶା ଶ୍ରୀ ରଘୁବର ଦାସ, ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ, ମାନ୍ୟବର କେନ୍ଦ୍ରମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ଅନ୍ୟାନ୍ୟ ମାନ୍ୟବର କେନ୍ଦ୍ରମନ୍ତ୍ରୀ ଗଣ, ରାଜ୍ୟ କ୍ୟାବିନେଟ ମନ୍ତ୍ରୀଗଣ, ମାନ୍ୟବର ବିଧାୟକ ଓ ସମ୍ମାନନୀୟ ଅତିଥି ବୃନ୍ଦ ମଧ୍ୟ ଯୋଗ ଦେବାର ସୂଚନା ପ୍ରାପ୍ତ ହୋଇଛି । ଏହି ପରିପ୍ରେକ୍ଷୀରେ, ଭାରତର ପ୍ରଥମ ନାଗରିକ ମହାମହୀମଙ୍କ ପାଇଁ ସୁରକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଜଳଯୋଗାଣ, ବିଦ୍ୟୁତ ସପ୍ଲାଇ, ଜରୁରୀକାଳୀନ ଅଗ୍ନିଶମ ଦାୟିତ୍ୱ, ଅସ୍ଥାୟୀ ହେଲିପ୍ୟାଡ୍ ନିର୍ମାଣ, ସଭାକାର୍ଯ୍ୟ ପାଇଁ ମଂଚ ପରିଚାଳନା, କାର୍ଯ୍ୟକ୍ରମର ପ୍ରଚାର ପ୍ରସାର ଇତ୍ୟାଦି ବ୍ୟବସ୍ଥାକୁ ସୁରୁଖୁରୁରେ ସମ୍ପାଦନା ପାଇଁ ଜିଲ୍ଲାପାଳ ଶ୍ରୀ ସୟ ସମସ୍ତ ଦାୟିତ୍ୱ ବିଭାଗୀୟ ଅଧିକାରୀଙ୍କ ଉପରେ ନ୍ୟସ୍ତ କରିଛନ୍ତି । ୨୩ ତାରିଖ ଦିନ ମହାମହିମ ଜନ୍ମମାଟି ଉପରବେଡା ଗ୍ରାମକୁ ଗସ୍ତ କରି ସେଠାରେ ରାଷ୍ଟ୍ରପତି ପାଠ ପଢୁଥିବା ଉପରବେଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଯାଇ ଛାତ୍ରୀଛାତ୍ରଙ୍କ ସହ ଭାବ ବିନିମୟ କରିବେ । ପରେ ସଡ଼କ ପଥରେ ରାଇରଙ୍ଗପୁର ସ୍ଥିତ ବାସଭବନରେ ପହଞ୍ଚିବେ ଏବଂ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ପହଞ୍ଚି ଏସ୍‌ଏଲ୍‌ଏସ୍ ଟ୍ରଷ୍ଟ ପକ୍ଷରୁ ଏକ ଯାନର ଲୋକାର୍ପଣ କରିବେ । ଏଥିସହିତ ରାଇରଙ୍ଗପୁର ସ୍ଥିତ ମହିଳା ମହାବିଦ୍ୟାଳୟକୁ ଯାଇ ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କ ସହ ଆଲୋଚନା କରିବେ । ପରେ ପୂର୍ଣ୍ଣେଶ୍ୱର ମହାଦେବ ମନ୍ଦିରକୁ ଯାଇ ଦେବ ଦର୍ଶନ କରିବା ସହ ନୂତନ ଭାବେ ସ୍ଥାପିତ ଶ୍ରୀ ଗଣେଶ ପ୍ରତିମୂର୍ତ୍ତିଙ୍କୁ ଆରତୀ କରିବା ପରେ ରାଇରଙ୍ଗପୁର ସ୍ଥିତ ବାସଭବନରେ ରାତ୍ରିଯାପନ କରିବେ । ଏହାପରେ ରାଷ୍ଟ୍ରପତି ୨୪ ତାରିଖ ଦିନ ବାଙ୍ଗରିପୋଷି ସ୍ଥିତ ଅସ୍ଥାୟୀ ହେଲିପ୍ୟାଡରେ ଦିନ ୯ଟା ୧୫ରେ ପହଞ୍ଚି ତିନୋଟି ନୂତନ ରେଳପଥ ବାଙ୍ଗରିପୋଷି-ଗୋରୁମହିଷାଣୀ, ବୁଢାମରା-ଚକୁଳିଆ ଓ ବାଦାମ ପାହାଡ-କେନ୍ଦୁଝରଗଡ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବାର କାର୍ଯ୍ୟକ୍ରମ ରହିଛି । ଏହା ସହିତ ଭିଡିଓ କନଫରେନ୍ସିଂ ମାଧମରେ ଟ୍ରାଇବାଲ ରିସୋର୍ସ ସେଣ୍ଟର, ଦାଣ୍ଡବୋଷ ଏୟାରଷ୍ଟ୍ରିପ ଓ ଉପଖଣ୍ଡ ଚିକିତ୍ସାଳୟର ପୁନରୁଦ୍ଧାର ନିମନ୍ତେ ଭିତ୍ତି ପ୍ରସ୍ତର ସ୍ଥାପନ କରିବେ । ସୁରକ୍ଷା ଦୃଷ୍ଟିରୁ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ତତ୍ୱାବଧାନରେ ପୋଲିସ ଅଧିକାରୀ ମାନେ ଆସି ଘଟଣାସ୍ଥଳ ବୁଲି ସ୍ଥିତିର ତର୍ଜମା କରିବା ସହିତ ସମସ୍ତ ସୁରକ୍ଷାବ୍ୟବସ୍ଥାକୁ କଡାକଡି କରିବା ପାଇଁ ଦାୟିତ୍ୱ ନେଇଛନ୍ତି । ମୟୂରଭଞ୍ଜ ଜିଲ୍ଲା ଗସ୍ତ କାର୍ଯ୍ୟକ୍ରମ ଶେଷ ହେବା ପରେ ୨୪ ତାରିଖ ପୁରୀ ଅଭିମୁଖେ ଯାତ୍ରା କରିବାର ସୂଚନା ରହିଛି । ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବିଭୁତି ଭୂଷଣ ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ଅଭୟ ଦାଶ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ରଜନୀକାନ୍ତ ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନେତ୍ରାନନ୍ଦ ମଲ୍ଲିକ, , ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦୌଲତ ଚନ୍ଦ୍ରକାର, ବାରିପଦା ଉପଜିଲ୍ଲାପାଳ ଶ୍ରୀଯୁକ୍ତ ଈଶ୍ୱର ଚନ୍ଦ୍ର ନାୟକ, ବାମନଘାଟି ଉପଜିଲ୍ଲାପାଳ ଶ୍ରୀ ସୌମ୍ୟରଂଜନ ପ୍ରଧାନ ଏବଂ ବାମନଘାଟି ଉପଖଣ୍ଡର ସମସ୍ତ ଲାଇନ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ ଓ ମହାମହୀମଙ୍କ ଗସ୍ତ ସମ୍ବନ୍ଧୀୟ କାର୍ଯ୍ୟକ୍ରମ ସମ୍ପାଦନା ପାଇଁ ନିଜ ମତ ପୋଷଣ କରିଥିଲେ ।

# ଶାନ୍ତିକାନନରେ 'ଯୁଗଶ୍ରୀ ଯୁଗନାରୀ' ପୂଜା ବିଶେଷାଙ୍କ ଉନ୍ମୋଚିତ




ବାଲେଶ୍ୱର, ୧୭/୧୦ (ନି.ପ୍ର): କବିତୀର୍ଥ ଶାନ୍ତିକାନନଠାରେ ଫକୀରମୋହନ ସାହିତ୍ୟ ପରିଷଦ ଓ 'ଯୁଗଶ୍ରୀ ଯୁଗନାରୀ' ମିଳିତ ଆନୁକୂଲ୍ୟରେ ମମତା ମହାପାତ୍ର ସଂପାଦିତ ମାସିକ ପତ୍ରିକା 'ଯୁଗଶ୍ରୀ ଯୁଗନାରୀ' ପୂଜା ବିଶେଷାଙ୍କ ଉନ୍ମୋଚିତ ହେବା ସହ ସାରସ୍ୱତ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି । ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ବରେଣ୍ୟ ସାରସ୍ୱତ ସାଧକ ଡ. ପ୍ରହ୍ଲାଦ ଚରଣ ମହାନ୍ତି ପତ୍ରିକାଟିକୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରିଥିଲେ । ବସ୍ତା ବିଧାୟକ ସୁବାସିନୀ ଜେନା, 'ସମାଜ' ଉତ୍ତର ଓଡ଼ିଶାର ସଂସ୍କରଣର ବରିଷ୍ଠ ସହସଂପାଦକ କୁଳମଣି ବାରିକ, 'ପରିଚୟ' ପତ୍ରିକାର ସଂପାଦିକା ସୁଶ୍ରୀ ଅରୁଣା ରାୟ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ ପତ୍ରିକାଟିକୁ ସର୍ବାଙ୍ଗ ସୁନ୍ଦର, ସମୃଦ୍ଧ ଓ ରୁଚିଶୀଳ ବୋଲି ଅଭିହିତ କରିଥିଲେ । ଅନେକ ପତ୍ରିକା ଦିନକୁ ଦିନ ପାଠକ ଅଭାବରୁ ବନ୍ଦ ହୋଇ ଯାଉଥିବାବେଳେ ଏହି ପତ୍ରିକାଟି ଦୀର୍ଘ ଛଅ ଦଶନ୍ଧିରୁ ଊର୍ଦ୍ଧ୍ୱକାଳ ବଞ୍ଚି ରହି ପାରିଥିବାରୁ ତାହାର ସମସ୍ତ ଶ୍ରେୟ ସଂପାଦିକା ଓ ପାଠକମାନଙ୍କୁ ପ୍ରଦାନ କରିଥିଲେ । ଯୁଗ୍ମ ସଂପାଦକ ଡ. ସାରଙ୍ଗଧର ତ୍ରିପାଠୀ ଅତିଥିମାନଙ୍କୁ ମଞ୍ଚ ଆବାହନ କରିଥିଲେ । ସଂପାଦକ ଦୀପକ ବୋଷ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିବାବେଳେ ପତ୍ରିକାର ସଂପାଦିକା ମମତା ମହାପାତ୍ର ପତ୍ରିକା ସଂପର୍କରେ ନିଜର ଅଭିମତ ରଖିଥିଲେ । ଏହି ଅବସରରେ କବି ବିମଳ ଜେନା, ଡ. ହରିଶ୍ଚନ୍ଦ୍ର ବେହେରା, ଡ. ଶିରୀଶ ଚନ୍ଦ୍ର ଜେନା ଓ ସୁକୁମାର ଦାସ ପତ୍ରିକାରେ ପ୍ରକାଶିତ ସ୍ୱରଚିତ କବିତା ପାଠ କରିଥିଲେ । ଶେଷରେ ଅନ୍ୟତମ ଯୁଗ୍ମ ସଂପାଦିକା କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ । ଉତ୍ସବରେ ଶତାଧିକ ସାରସ୍ୱତ ସାଧକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।

# କମ୍ୟୁନିଷ୍ଟ ପାର୍ଟିର ୧୦୫ ତମ ପ୍ରତିଷ୍ଠା ଦିବସ ପାଳିତ




ଜଳେଶ୍ୱର , ୧୭/୧୦ (ନି.ପ୍ର): କମ୍ୟୁନିଷ୍ଟ ପାର୍ଟି ର ୧୦୫ତମ ପ୍ରତିଷ୍ଠା ଦିବସ ପୂର୍ବାହ୍ନ ୧୦ ଘଟିକାରେ ଜଳେଶ୍ୱର ସି.ପି.ଆଇ (ଏମ୍) କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ପାର୍ଟି ର ଲାଲ ପତାକା ସଂପାଦକ ଦିଲ୍ଲିପ କୁମାର ଗିରି ଉତ୍ତଳନ କଲା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ୧୯୨୦ ମସିହା ଅକ୍ଟୋବର ୧୭ ତାରିଖରେ ପୂର୍ବତନ ସୋଭିଏତ୍ ଋଷ୍ ର ତାସକେଣ୍ଟ ସହରରେ ଭାରତର କମ୍ୟୁନିଷ୍ଟ ପାର୍ଟି ପ୍ରତିଷ୍ଠା କରାଯାଇଥିଲା । କମ୍ୟୁନିଷ୍ଟ ପାର୍ଟି ର ପ୍ରଥମ ସଂପାଦକ ରୂପେ ମହମ୍ମଦ ସଫିକ୍ ନିର୍ବାଚିତ ହୋଇଥିଲେ । କମ୍ୟୁନିଷ୍ଟ ପାର୍ଟି ତାର ଜନ୍ମ ଲଗ୍ନରୁ ଭାରତର ସ୍ୱାଧୀନତା ସଂଗ୍ରାମରେ ସାମିଲ ହୋଇ ବ୍ରିଟିଶ ବିରୋଧିଯରେ ଲଢେଇ ଜାରି ରଖିଥିଲା । ସ୍ୱାଧୀନତା ସଂଗ୍ରାମରେ କମ୍ୟୁନିଷ୍ଟ ପାର୍ଟି ହିଁ ପ୍ରଥମେ ପୂର୍ଣ୍ଣ ସ୍ୱାଧୀନତାର ଦାବୀ ଉଠାଇଥିଲା । ସ୍ୱାଧୀନତା ସଂଗ୍ରାମରେ ବ୍ରିଟିଶ ସରକାର କମ୍ୟୁନିଷ୍ଟ ମାନଙ୍କର ସ୍ୱରକୁ ଚୁପାଇଦେବା ପାଇଁ ଚକ୍ରାନ୍ତ କରି ବହୁ ଷଡ଼ଯନ୍ତ୍ର ଓ ମିଥ୍ୟା କେଶରେ ଜଡ଼ିତ କରିଥିଲେ । ଏଥିପାଇଁ ବହୁ ସାଥୀଙ୍କୁ ବଳିଦାନ ଦେବାକୁ ପଡ଼ିଥିଲା । ଆଜି ବି ସ୍ୱାଧୀନ ଭାରତରେ ଦେଶର ସ୍ୱାଧୀନତା, ଗଣତନ୍ତ୍ର, ଧର୍ମନିରପେକ୍ଷତା, ସମାଜବାଦ ଏବଂ ମେହନତି ମଣିଷର ମୁକ୍ତି ପାଇଁ କମ୍ୟୁନିଷ୍ଟ ପାର୍ଟି ତାର ଲଢେଇ ଜାରି ରଖିଛି ବୋଲି ବକ୍ତାମାନେ ବକ୍ତବ୍ୟ ରଖିଥିଲେ । ସଂପାଦକ ଦିଲ୍ଲିପ କୁମାର ଗିରିଙ୍କ ସଭାପତିତ୍ୱରେ ଦିପ୍ତିମାନ ଆଚାର୍ଯ୍ୟ, ରବିନ୍ଦ୍ର ବାରିକ, ଦିଲ୍ଲିପ ପରିଡ଼ା, ସେକ୍ ଜମିରୁଦିନ, ସେକନଜିମୁଦ୍ଦିନ,ଖଗେନ୍ଦ୍ର ମହୁରୀ, ସେକଇୟାସତ୍, ସେକ୍ ଲିୟାସତ୍,ଅଶୋକ ଘଡାଇ, ନନ୍ଦନ ପରିଡ଼ା, ଚନ୍ଦ୍ର କୁମାର ବାରିକ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ ।

## ବିଦ୍ୟୁତ ଆଘାତରେ ନାବାଳକ ମୃତ

ଖଇରା, ୧୭/୧୦ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ଥାନା ପଳସା ପଞ୍ଚାୟତ ହାଟମହୁରୀ ଗ୍ରାମର ମାୟାଧର ସାହୁଙ୍କ ପୁଅ ବିଜୟ କୁମାର (୧୪) ବିଦ୍ୟୁତ ଆଘାତରେ ପ୍ରାଣ ହରାଇଛନ୍ତି । ଗୁରୁବାର ସଂଧ୍ୟାରେ ସେ ତୋରାଣିପଦା ଲକ୍ଷ୍ମୀବସଷ୍ଟାଣ୍ଡ ଉପରକୁ କୌଣସୀ କାମରେ ଚଢିଥିବା ବେଳେ ଅଲକ୍ଷରେ ୧୧କେଭି ତାର ସଂସ୍ପର୍ଶରେ ଆସିବାରୁ ତଳେ ଖସି ପଡିଥିଲେ । ଖଇରା ଅଗ୍ନିଶମ ବାହିନୀ ସହାୟତାରେ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯିବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ ।

# ଦୃଷ୍ଟି ବାଧିତ ବୃଦ୍ଧା ପାର୍ବତୀ ଜେନାଙ୍କ ଅନ୍ଧର ଲଉଡି ସାଜିଛି ହେଲ୍ପ ଫର ୟୁ ଫାଉଣ୍ଡେସନ

ଜଳେଶ୍ୱର, ୧୭/୧୦ (ନି.ପ୍ର): ଯେତେବେଳେ ଆମେ କଥା କହିବା ଶିଖି ନ ଥିଲୁ ସେତେବେଳେ ଆମ ମନ କଥା ବୁଝି ପାରୁଥିବା ସେଇ ମାଆଙ୍କ କଥା କହୁଛୁ ଯେଉଁ ମାଆ ନିଜେ ଭୋକ ରେ ରହି ଆମ ପେଟ କଥା ଚିନ୍ତା କରନ୍ତି ।ଆମେ ଦୁଷ୍ଟାମୀ କଲେ ଆମକୁ କ୍ଷମା କରି ଏକା କାନ୍ଦୁ ଥିବା ମଣିଷ ଟି ହେଉଛନ୍ତି ମାଆ,ଯିଏ ଆମକୁ ଦଶ ମାସ ଦଶ ଦିନ ଗର୍ଭରେ ଧାରଣ କରି ବହୁତ କଷ୍ଟ ରେ ଜନ୍ମ ଦେଇ ଆମର ଲାଳନ ପାଳନ କରି ବିନା ସ୍ୱାର୍ଥ ରେ ଭଲ ପାଆନ୍ତି । ଆଜି ସେଇ ପରି ଦୃଷ୍ଟି ବାଧିତ ମାଆଙ୍କ କଥା କହୁଛୁ ଯାହାଙ୍କ ଘର ବାଲେଶ୍ୱର ଜିଲ୍ଲା ର ଭୋଗରାଇ ବ୍ଲକ ଅନ୍ତର୍ଗତ ପଳାସିଆ ଗ୍ରାମର ପାର୍ବତୀ ଜନା ।ଯେ ଆଜକୁ ଚାରି ବର୍ଷ ପୂର୍ବରୁ ଖୋଲା ଆକାଶ ତଳେ ଗୋଟିଏ ବାସ ଗୃହ ନ ଥିବାରୁ ଏକ ଅସମ୍ପୂର୍ଣ୍ଣ ଅଙ୍ଗନ ବାଡି କେନ୍ଦ୍ର ରେ ଜୀବନ ଯାପନ କରୁଥିଲେ ।ଏ ଖବର ହେଲ୍ପ ଫର ୟୁ ଫାଉଣ୍ଡେସନ ଅବଗତ ପରେ ସଙ୍ଗଠନ ର ସମସ୍ତ ସଦସ୍ୟ ସଦସ୍ୟା ମାନଙ୍କର କିଛି କିଛି ଆର୍ଥିକ ଅବଦାନ ବଳରେ ଗୋଟିଏ ବାସଗୃହ ଯୋଗାଇ ଦେଇ ଥିଲେ । ତହିଁ କିଛି ବର୍ଷ ପରେ ବୃଦ୍ଧ ବାପାଙ୍କର ଦେହାନ୍ତ ହେଲା ତାଙ୍କର ମଧ୍ୟ ଅନ୍ତିମ ସଂସ୍କାର କରି ଉଦାହରଣ ସାଜି ଥିଲେ ହେଲ୍ପ ଫର ୟୁ ଫାଉଣ୍ଡେସନ । ମାତ୍ର ଆଜି ଚାରି ବର୍ଷ ବିତି ଯାଇଥିଲେ ବି ଦୃଷ୍ଟି ବାଧିତ ମାଆ ପାର୍ବତୀ ଜେନା ଙ୍କୁ ଏକା ଭାବିବାକୁ ଦେଇ ନାହାନ୍ତି କି ତାଙ୍କ ର କେହି ପୁଅ,ଝିଅ ନାହାନ୍ତି ବୋଲି ଅନୁଭବ କରିବା ପାଇଁ ଦେଇ ନାହାନ୍ତି । ଆଜି ହେଲ୍ପ ଫର ୟୁ ଫାଉଣ୍ଡେସନ ଜନ ସେବାକୁ ମହାନ ବ୍ରତ ବୋଲି ଭାବି ପ୍ରତ୍ୟେକ ତିନି ମାସକୁ ଥରେ ସଙ୍ଗଠନ ର ସମସ୍ତ ସଦସ୍ୟ ସଦସ୍ୟା ମାନଙ୍କର କିଛି କିଛି ଆର୍ଥିକ ଅବଦାନ ବଳରେ ରେସନ ସାମଗ୍ରୀ, ନୂତନ ବସ୍ତ୍ର ଓ କିଛି ଆର୍ଥିକ ଅବଦାନ ମଧ୍ୟ ପ୍ରଦାନ କରି ଚାଲିଛି ଏକ ମାତ୍ର ଉଦ୍ଦେଶ୍ୟ ଯେ ଏତେ ବଡ଼ ଦୁନିଆଁ ରେ ସେ ଅନୁଭବ କରି ପାରିବେ ନାହିଁ ତାଙ୍କର କେହି ନାହାନ୍ତି ବୋଲି । ତେଣୁ ଏ ସମାଜ ରେ ନିଜ ନିଜର ଅଧିକାର ଜାହିର କରିବା ପୂର୍ବରୁ ସର୍ବ ପ୍ରଥମେ ଆମେ ଆମର କର୍ତ୍ତବ୍ୟ ପ୍ରତି ସଚେତନ ହେବା । ସଙ୍ଗଠନ ର ଏହି କାର୍ଯ୍ୟକୁ ଅଞ୍ଚଳ ବାସି ଭୁରି ଭୁରି ପ୍ରଶଂସା କରିଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ବିଜୁବାବୁଙ୍କୁ 'ଭାରତ ରତ୍ନ' ...

ପରାଜୟ ପରେ ପାଣ୍ଡିଆନଙ୍କ ଭୂମିକା ସନ୍ଦେହଘେରକୁ ଆସିଥିଲା । ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ କବଳିତ କରି ପାଣ୍ଡିଆନ ନିଜର ମାତ୍ରାଧିକ ମାମଲାତି ଓ ତ୍ରୁଟିପୂର୍ଣ୍ଣ ରଣନୀତି କରିବା ଯୋଗୁ ଦଳକୁ ୨୪ବର୍ଷ ପରେ କ୍ଷମତାରୁ ବିଦା ହେବାକୁ ପଡ଼ିଥିଲା । ଏବେ ଶ୍ରୀ ପାଟ୍ଟଶାଣୀଙ୍କ ଏଭଳି ବୟାନ ପରେ ପାଣ୍ଡିଆନ ବିଜେଡିକୁ ସମ୍ପୂର୍ଣ୍ଣ ଧ୍ୱଂସ କରିଦେବା ପାଇଁ କାର୍ଯ୍ୟ କରୁଥିବା ଧୀରେଧୀରେ ସ୍ପଷ୍ଟ ହେବାରେ ଲାଗିଲାଣି । ବିଜେଡି ସୂତ୍ର ଅନୁସାରେ, ୨୦୧୨ ମସିହାରେ ପ୍ୟାରୀ ମହାପାତ୍ର ବିଦା ହେବାପରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିକଟତର ହୋଇ ପାଣ୍ଡିଆନ ଅତ୍ୟନ୍ତ ଚତୁରତାର ସହ ବିଜୁ ପରିବାର ସଦସ୍ୟ ଓ ଅନୁଗତମାନଙ୍କୁ ବିଜେଡିରୁ ବିଦା କରିଛନ୍ତି । ନବୀନଙ୍କଠୁ ଦୂରେଇ ଦେଇଛନ୍ତି । ଏପରିକି ୨୦୧୪ ମସିହାରେ କେନ୍ଦ୍ରରେ ବିଜେପି ସରକାର ଆସିବା ପରେ ବିଜେଡି ବିଭିନ୍ନ ପ୍ରସଙ୍ଗରେ ସହଯୋଗର ହାତ ବଢ଼ାଇଥିଲା । କିନ୍ତୁ ଦଳ କେବେବି କେନ୍ଦ୍ର ସରକାରଙ୍କ ପାଖରେ ବିଜୁବାବୁଙ୍କୁ ଭାରତରତ୍ନ ଦେବା ପାଇଁ ଆନୁଷ୍ଠାନିକ ଦାବି କରିନଥିଲା । ଯଦିଓ ପାଣ୍ଡିଆନଙ୍କ ଇଙ୍ଗିତରେ ବିଜେଡିର ରଣନୀତି ପ୍ରସ୍ତୁତ ହେଉଥିଲା । ଏପରିକି ୨୦୧୫ ଡିସେମ୍ବର ୧୬ତାରିଖରେ ଓଡ଼ିଶା ବିଧାନସଭାରେ ଏକ ସଂକଳ୍ପ 'ବିଜୁବାବୁଙ୍କ ଭାରତରତ୍ନ ଦେବା'କୁ ପାରିତ ହୋଇଥିଲା । କିନ୍ତୁ ସେତେବେଳେ ବିଜେଡି ଶାସକ ଦଳରେ ଥାଇ ମଧ୍ୟ ଦୁଇ ପ୍ରମୁଖ ବିରୋଧୀ ଦଳ କଂଗ୍ରେସ ଓ ବିଜେପିକୁ ଏଥିରେ ସାମିଲ କଲାନି । ଉପରଠାଉଣିଆ ବିଜୁବାବୁଙ୍କୁ ଭାରତରତ୍ନ ସଂକଳ୍ପ ପାରିତ କଲା ସିନା ତାହା କେନ୍ଦ୍ର ସରକାରଙ୍କ ନିକଟକୁ ଆଜିପର୍ଯ୍ୟନ୍ତ ପଠାଯାଇନଥିବା ଜଣାପଡ଼ିଛି ।

## ପୁରୀରେ ବ୍ରତ...

ଛଡ଼ାଯିବ ନାହିଁ ବୋଲି ଦାୟିତ୍ୱରେ ଥିବା କର୍ମଚାରୀ ସଫା ସଫା ଶୁଣାଇଥିଲେ, ଯାହାକୁ ନେଇ ବଢ଼ିଛି କ୍ଷୋଭ । ଦୀର୍ଘ ସମୟ ଧରି ଗେଟ୍ ଆଗରେ ଚାଲିଥିଲା ଠେଲାପେଲା ଓ ହଲ୍ଲାପଟା । ସେମାନଙ୍କ ଅଭିଯୋଗ, ହବିଷ୍ୟାଳି ଯୋଜନା ପାଇଁ ଅନଲାଇନ୍ ଅବେଦନ ୬ ତାରିଖରୁ ଆରମ୍ଭ ହୋଇ ୧୧ ଯାଏଁ ଚାଲିବାକୁ ସରକାର କହିଥିଲେ । ହେଲେ ୭ ଓ ୮ ତାରିଖ ବେଳକୁ ହଠାତ୍ ତାହା ବନ୍ଦ ହୋଇଗଲା । ଯେହେତୁ ସେମାନଙ୍କର ଏ ସମ୍ପର୍କରେ ଜ୍ଞାନ କମ୍, ତେଣୁ ପ୍ରତିବର୍ଷ ଭଳି ସିଧା ପୁରୀ ଆସିଛନ୍ତି । ସରକାର ତୁରନ୍ତ ସେମାନଙ୍କ ରହଣୀ ବ୍ୟବସ୍ଥା କରନ୍ତୁ । ତେବେ ଏଠି ପ୍ରଶ୍ନ- ଶ୍ରୀକ୍ଷେତ୍ରକୁ କାର୍ତ୍ତିକ ବ୍ରତ କରିବାକୁ ଆସି କାହିଁକି ହନ୍ତସନ୍ତ ହେଉଛନ୍ତି ହବିଷ୍ୟାଳି ? କାହା ତ୍ରୁଟିରୁ ସେମାନଙ୍କ ଦହଗଞ୍ଜ ଅବସ୍ଥା ? ସୂଚନା ଦେଇ ହବିଷ୍ୟାଳି ଶିବିର ତଦାରଖ ଦାୟିତ୍ୱରେ ଥିବା ପୁରୀର ଅତିରିକ୍ତ ଜିଲ୍ଲାପାଳ କହିଥିଲେ-ଚଳିତ ବର୍ଷ ଅଢ଼େଇ ହଜାର ହବିଷ୍ୟାଳିଙ୍କ ମାଗଣା ରହଣି ପାଇଁ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା ହୋଇଛି । ଏଥିପାଇଁ ତିନିଟି ସ୍ଥାନ ଯଥାକ୍ରମେ ବୃନ୍ଦାବତୀ ନିବାସ, ମୋଚିସାହି କଲ୍ୟାଣ ମଣ୍ଡପ ଓ ଅକ୍ଷୟପାତ୍ର ଫାଉଣ୍ଡେସନରେ ଶିବିର ଖୋଲାଯାଇଛି ।

## ଓଡ଼ିଶାକୁ ପୁଣି ବାତ୍ୟା...

ବାତ୍ୟାପ୍ରବଣ ଓଡ଼ିଶାର ଇତିହାସ ଦେଖିଲେ,ରାଜ୍ୟରେ ଅକ୍ଟୋବର ମାସରେ ହିଁ ଅଧିକାଂଶ ବାତ୍ୟା ମାଡ଼ ହୋଇଛି । ୧୯୯୯ ଅକଟୋବର ୨୯ରେ ଉପକୂଳ ଓଡ଼ିଶାକୁ ଧ୍ୱସ୍ତବିଧ୍ୱସ୍ତ କରିଥିଲା ମହାବାତ୍ୟା । ପରେ ପୁଣି ୨୦୧୩ ସେହି ଅକ୍ଟୋବରରେ ଆସିଥିଲା ଅତିଭୀଷଣ ସାମୁଦ୍ରିକ ଝଡ଼ ଫାଇଲିନ୍ । ସେହିଭଳି ୨୦୧୪ ଅକ୍ଟୋବରରେ ହୁଡହୁଡ ଓ ୨୦୧୮ ଅକଟୋବରରେ ତିତଲିର ତାଣ୍ଡବକୁ ସାମ୍ନା କରିଥିଲେ ଓଡ଼ିଶାବାସୀ । ବରିଷ୍ଠ ପାଣିପାଗ ବିଜ୍ଞାନୀଙ୍କ ମତରେ ଏବେ ବାତ୍ୟା ପାଇଁ ଅନୁକୂଳ ପରିବେଶ ରହିଛି । ବାତ୍ୟା ସାଧାରଣତଃ ମୌସୁମୀ ଆଗମନ ଓ ପ୍ରତ୍ୟାବର୍ତ୍ତନ ସମୟରେ ହେଉଥିବା ବେଳେ ବର୍ତ୍ତମାନ ପ୍ରତ୍ୟାବର୍ତ୍ତନ ସମୟ । ସେହିଭଳି ସମୁଦ୍ର ପତ୍ତନର ତାପମାତ୍ରା ମଧ୍ୟ ବାତ୍ୟା ଅନୁକୂଳ ରହିଛି । ଅନୁକୂଳ ପରିବେଶ ଓ ପରିସ୍ଥିତି ସାଙ୍ଗକୁ ଅଧିକାଂଶ ମେଡେଲର ଇଣ୍ଡିକେସନ ବାତ୍ୟା ଆଡ଼କୁ ଯାଉଥିଲେ ବି ଆସନ୍ତା ୨୨ ଓ ୨୩ ତାରିଖ ବେଳକୁ ଚିତ୍ର ସ୍ପଷ୍ଟ ହେବ ବୋଲି ପାଣିପାଗ ବିଜ୍ଞାନୀ ମତ ରଖିଛନ୍ତି ।

## ଦାଉ ସାଧୁଛନ୍ତି ସାଇବର...

ଏଭଳି ନାନା ଫାଶ ପକାଇ ଚୂନା ଲଗାଉଛନ୍ତି ଏହି ସାଇବର ଲୁଟେରା । ନାନା ଆଳ କରି ସଫା କରିଦେଉଛନ୍ତି ବ୍ୟାଙ୍କ ଆକାଉଣ୍ଟ । ଏଇ ଯେମିତି କେନ୍ଦ୍ରାପଡ଼ା ସଦର ଥାନା ଛଘରିଆ ଗାଁରେ ବିଦ୍ୟୁତ୍ ବିଭାଗର କର୍ମଚାରୀ ଦୀପକ ବାରିକ । ଗତବର୍ଷ ଫେବୃୟାରୀରେ ପିଏଫ୍ ଆକାଉଣ୍ଟରୁ ୫ ହଜାର ଟଙ୍କା ଉଠାଣ ପାଇଁ ଗୁଗୁଲରେ ସର୍ଚ୍ଚ କରି ରଚରଙ୍ଗ ନାଁରେ ଥିବା ଏକ ଫେକ୍ କଷ୍ଟମରକେୟାର ନମ୍ବରକୁ କଲ୍ କରିଥିଲେ । ସେହି ନମ୍ବର ଜରିଆରେ ଦୀପକଙ୍କୁ କୁହାଯାଇଥିଲା ଏକ ଆପ୍ ଡାଉନଲୋଡ୍ କରିବାକୁ । ଆଉ ଆପ୍ ଡାଉନଲୋଡ୍ ହେବା କ୍ଷଣି ଦୀପକଙ୍କ ଆକାଉଣ୍ଟରୁ ଗାୟବ ହୋଇଗଲା ୭୭ ହଜାର ଟଙ୍କା । ସେହିପରି ଆଉ ଜଣେ ହେଲେ ଗଞ୍ଜାମ ଜିଲ୍ଲା ବାଉଁଶଲୁଣ୍ଡିର ସୀମାଞ୍ଚଳ ସାହୁ । ତାଙ୍କ ଆକାଉଣ୍ଟରୁ ବି ଘରରଞ୍ଜ ମାଧ୍ୟମରେ ଗାୟବ ହୋଇଯାଇଛି ୯ ଲକ୍ଷ ଟଙ୍କା । ଲୋକଙ୍କ ସଚେତନତା ଅଭାବରୁ ନୂଆ ନୂଆ ଫଣ୍ଡା ଆପଣାଇ ଏଭଳି ଲୁଟପାଟ୍ ଚଳାଇଛନ୍ତି ସାଇବର ଲୁଟେରା । କ୍ରାଇମବ୍ରାଞ୍ଚର ତଥ୍ୟ କହୁଛି, ଗତ ୪ ବର୍ଷ ଭିତରେ ଅର୍ଥାତ ୨୦୨୧ରୁ ୨୦୨୪ ଜୁନ ମଧ୍ୟରେ ରାଜ୍ୟରେ ୫ ଶହ ୧ କୋଟିରୁ ଅଧିକ ଟଙ୍କାର ଚୂନା ଲଗାଇଛନ୍ତି ସାଇବର ଠକ । ଗତ ଜିଲ୍ଲାପାଳ-ଏସପି ମିଟରେ ମଧ୍ୟ ଏଭଳି ସାଇବର ଅପରାଧକୁ ନେଇ ଗଭୀର ଉଦବେଗ ପ୍ରକାଶ ପାଇଥିଲା । ଯାହାକୁ ରୋକିବା ଏବେ ପୋଲିସ ପାଇଁ ବଡ଼ ଚାଲେଞ୍ଜ ହୋଇଥିବାବେଳେ ଏଥିରୁ ବର୍ତ୍ତିବା ପାଇଁ ଲୋକଙ୍କୁ ସତର୍କ ଓ ସଚେତନ ହେବାକୁ ପରାମର୍ଶ ଦେଇଛନ୍ତି ସାଇବର ଏକ୍ସପର୍ଟ ।

## ଅମରଙ୍କ ବଡ଼ ...

ଦଳରେ ଅସନ୍ତୋଷ ଅଛି, ଏଥିରେ ଦ୍ୱିମତ ନାହିଁ । ୨ ଜଣ ରାଜ୍ୟସଭା ଏମପିଙ୍କ ପରେ ଆଉ କିଛି ସାଂସଦ ବି ଦଳ ଛାଡ଼ିପାରନ୍ତି । ମୋ ମୂଳ ପ୍ରଶ୍ନର ଉତ୍ତର କେହି ଦେଲେନି, ସଭାପତି ମୁହଁ ଖୋଲୁନାହାନ୍ତି । ଯେଉଁମାନେ ବୟାନବାଜି କରୁଛନ୍ତି, ସେମାନେ ଦଳର କ୍ଷତି ଘଟାଉଛନ୍ତି ବୋଲି ଅମର ଶତପଥୀ କହିଛନ୍ତି । ତେବେ ଏନେଇ ବିଜେଡି ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ ।

## ହରିୟାଣା ମୁଖ୍ୟମନ୍ତ୍ରୀ ଭାବେ ...

ଜନତା ପାର୍ଟି । ଆଉ ସବୁ ଆକଳନକୁ ଭୁଲ ପ୍ରମାଣିତ କରି ଲଗାତାର ତୃତୀୟ ଥର ଲାଗି କ୍ଷମତାକୁ ଫେରିଥିଲା ଦଳ । ୧୯୭୦ ଜାନୁୟାରୀ ୨୫ରେ ଜନ୍ମଗ୍ରହଣ କରିଥିବା ସୈନୀ ଏବେ ହରିୟାଣାର ଦ୍ୱିତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି । ୨୦୨୩ରେ ସେ ହରିୟାଣା ରାଜ୍ୟ ବିଜେପି ସଭାପତି ଭାବେ ଦାୟିତ୍ୱ ତୁଲାଇଥିଲେ । ସୈନୀ ହରିୟାଣାର ଜଣେ ଟାଣୁଆ ଓବିସି ନେତା ଭାବେ ପରିଚିତ । ଚଳିତ ବିଧାନସଭା ନିର୍ବାଚନରେ ସେ କୁରୁକ୍ଷେତ୍ର ଜିଲ୍ଲାର ଲଡୱା ନିର୍ବାଚନ ମଣ୍ଡଳୀରୁ ବିଜୟୀ ହୋଇଛନ୍ତି । ସେ ଏହି ନିର୍ବାଚନରେ ବିଜେପିର ନେତୃତ୍ୱ ନେଇ ହରିୟାଣାରେ ତୃତୀୟ ଥର ପାଇଁ ଦଳକୁ କ୍ଷମତାକୁ ଆଣିବାରେ ସଫଳ ହୋଇଛନ୍ତି । ୨୦୧୯ରୁ ୨୦୨୪ ପର୍ଯ୍ୟନ୍ତ ସେ କୁରୁକ୍ଷେତ୍ର ନିର୍ବାଚନ ମଣ୍ଡଳୀରୁ ସାଂସଦ ଥିଲେ । ଏହା ପୂର୍ବରୁ ୨୦୧୪ରୁ ୧୯ ଯାଏଁ ସେ ଅମ୍ବାଲା ଜିଲ୍ଲା ନାରାଇନଗଡ଼ ନିର୍ବାଚନ ମଣ୍ଡଳୀରୁ ବିଧାୟକ ଥିଲେ । ଏହି ସମୟରେ ସେ ହରିୟାଣା ସରକାରରେ ରାଷ୍ଟ୍ର ମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ । ମନୋହର ଲାଲ ଖଟ୍ଟରଙ୍କ ପରେ ସେ ହରିୟାଣାର ମୁଖ୍ୟମନ୍ତ୍ରୀ ହୋଇଥିଲେ ।

## ବାହରାଇଚ ହତ୍ୟା ଅଭିଯୁକ୍ତଙ୍କୁ ଗୁଳି ...

ଗୋପାଲ ମିଶ୍ରା ହତ୍ୟାକାଣ୍ଡରେ ୫ ଜଣ ଗିରଫ ହୋଇଛନ୍ତି । ଅନ୍ୟପକ୍ଷରେ ଅବୁଲ ହମିଦଙ୍କ ଝିଅ ରୁଖସାର କହିଛନ୍ତି ଯେ ୟୁପି ଏସଟିଏଫ ତାଙ୍କ ବାପା, ଦୁଇ ଭାଇ ଓ ଆଉ ଜଣେ ଯୁବକଙ୍କୁ ବୁଧବାର ଅପରାହ୍ନ ୪ଟାରୁ ଅଟକ ରଖିଥିଲା । ତାଙ୍କ ସ୍ୱାମୀ ଓ ଦିଅରଙ୍କୁ ମଧ୍ୟ ଏସଟିଏଫ ଉଠାଇ ନେଇଛି । କୌଣସି ପୁଲିସ୍ ଷ୍ଟେସନରୁ ସେମାନଙ୍କ ସମ୍ପର୍କରେ କିଛି ମିଳି ନାହିଁ । ସେମାନଙ୍କୁ ଏନକାଉଣ୍ଟର କରିବାକୁ ଯୋଜନା ଚାଲିଥିବା ସେ ଅଭିଯୋଗ କରିଛନ୍ତି । ବାହରାଇଚ ଏସ୍‌ପି ବ୍ରିନ୍ଦା ଶୁକ୍ଲା କହିଛନ୍ତି, "୫ ଜଣଙ୍କୁ ଗିରଫ କରାଯାଇଛି । ସେମାନଙ୍କ ମଧ୍ୟରୁ ୨ ଜଣ ପୁଲିସ୍ ଗୁଳିରେ ଆହତ ହୋଇଛନ୍ତି । ମୁଁ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଜାଣିବାକୁ ହସ୍ପିଟାଲ ଆସିଛି ।" ରବିବାର ଦଶହରା ସରିବା ପରେ ମୂର୍ତ୍ତି ବିସର୍ଜନ ପାଇଁ ବାହରାଇଚରେ ଭସାଣି ଚାଲିଥିଲା ।

## ଜଷ୍ଟିସ ସଞ୍ଜୀବ ଖାନ୍ନା ହେବେ ...

ପରେ ଆମିକସ କ୍ୟୁରି ଭାବେ ନିଯୁକ୍ତି ପାଇଥିଲେ । ୨୦୦୫ରେ ଦିଲ୍ଲୀ ହାଇକୋର୍ଟର ଆଡିସନାଲ ଜଜ୍ ହୋଇଥିଲେ ଜଷ୍ଟିସ୍ ସଞ୍ଜୀବ ଖାନ୍ନା । ୨୦୦୬ରେ ତାଙ୍କୁ ସ୍ଥାୟୀ ବିଚାରପତି ଭାବେ ନିଯୁକ୍ତି ମିଳିଥିଲା । ଏହାପରେ ୨୦୧୯ରୁ ସୁପ୍ରିମକୋର୍ଟର ବିଚାରପତି ଭାବେ ନିଯୁକ୍ତ ହୋଇଥିଲେ । ସେବେଠାରୁ ସେ ସୁପ୍ରିମକୋର୍ଟ ବିଚାରପତି ଭାବେ କାର୍ଯ୍ୟ କରିଆସୁଛନ୍ତି । ଆଗାକୁ ସେ ଦେଶର ସର୍ବୋଚ୍ଚ ଅଦାଲତର ପ୍ରଧାନ ବିଚାରପତି ହେବାକୁ ଯାଉଛନ୍ତି ।

## ଖୋଲିବ ଫେକ୍ କଲ୍ ସେଣ୍ଟର ଗୁମର: ...

ସହ ଅନେକ ଡିଜିଟାଲ ଡିଭାଇସ ଜବତ କରିଛି । ଗତ ଅଗଷ୍ଟ ୧୬ ତାରିଖରେ ରାଜଧାନୀର ଲକ୍ଷ୍ମୀସାଗର ଥାନା ଅଞ୍ଚଳରୁ ସିମବକ୍ସ ଠାବ ପରେ ଗତକାଲି ଏୟାର ଫିଲ୍ଡ ଥାନାଞ୍ଚଳରୁ ମିଳିଛି ଫେକ୍ କଲ ସେଣ୍ଟର । ବଡ଼ କଥା ହେଉଛି ସିମବକ୍ସ ମାମଲାରେ ଗିରଫ ରାଜୁ ମଣ୍ଡଳର ଘର ବି ସେଇ ପଶ୍ଚିମବଙ୍ଗରେ । ଯିଏ ବାଂଲାଦେଶରେ ଥିବା ତା ମାଷ୍ଟରମାଇଣ୍ଡ ନିର୍ଦ୍ଦେଶରେ ସିମବକ୍ସ ଜରିଆରେ ମଧ୍ୟପ୍ରାଚ୍ୟ ଦେଶଗୁଡିକର ଫୋନ କଲକୁ ଲୋକାଲ କଲ ଭାବେ ପରିଣତ କରି ଲୁଟର ସାମ୍ରାଜ୍ୟ ଚଳାଇଥିଲା । ଦିନକୁ ଦିନ ସାଇବର ଲୁଟେରାଙ୍କ ହଟସ୍ପଟ୍ ପାଲଟିଛି ଭୁବନେଶ୍ୱର । ଗତ ୯ ମାସରେ ଭୁବନେଶ୍ୱର ସାଇବର ଥାନାରେ ୩ ହଜାର ୬୬୦ଟି ସାଇବର ଠକେଇ ମାମଲା ରୁଜୁ ହୋଇସାରିଲାଣି ।

## ଘୋଷଣା ହେଲେ ୟୁଜିସି...

ପରୀକ୍ଷା ଦେଇଥିଲେ । ସମଗ୍ର ଦେଶରେ ଏହି ପରୀକ୍ଷା ଆୟୋଜନ ହୋଇଥିଲା । ଏନଟିଏ ଏହାପୂର୍ବରୁ ଚୂଡ଼ାନ୍ତ ୟୁଜିସି ନେଟ ଜୁନ ୨୦୨୪ର ଉତ୍ତର ପୁସ୍ତିକା ମଧ୍ୟ ଜାରି କରିଥିଲା । ଏହି ପରୀକ୍ଷାରେ ପ୍ରତିଟି ଠିକ ଉତ୍ତର ପାଇଁ ୨ ମାର୍କ ଲେଖାଏ ମିଳିବ । ତେବେ ଭୁଲ ଉତ୍ତର ପାଇଁ କୌଣସି ମାର୍କ କଟିବ ନାହିଁ । ସେହିପରି ପ୍ରଶ୍ନ ଭୁଲ ଥିଲେ କିମ୍ବା ଏକାଧିକ ଠିକ ଉତ୍ତରର ବିକଳ୍ପ ରହିଥିଲେ ମାର୍କ ସେତେବେଳେ ମିଳିବ ଯେତେବେଳେ ଜଣେ ପରୀକ୍ଷାର୍ଥୀ ଏହାର ଉତ୍ତର ଦେବାକୁ ଚେଷ୍ଟା କରିଥିବେ ।

# ବରିଷ୍ଠ ସାମ୍ବାଦିକଙ୍କୁ ଭେଟି ସମସ୍ୟା ବୁଝିଲେ ଓୟୁଜେ କର୍ମକର୍ତ୍ତା

ବାଲେଶ୍ୱର, ୧୭/୧୦ (ନି.ପ୍ର): ଓଡ଼ିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ 'ସଦସ୍ୟ ସମ୍ପର୍କ" ଅଭିଯାନ ଅବ୍ୟାହତ ରହିଛି। ଏହି କାର୍ଯ୍ୟକ୍ରମ ଜରିଆରେ ବରିଷ୍ଠ ସଦସ୍ୟ ଓ ସାମ୍ବାଦିକ ମାନଙ୍କ ବ୍ୟକ୍ତିଗତ, ସ୍ୱାସ୍ଥ୍ୟଗତ ଓ ବୃତ୍ତିଗତ ସମସ୍ୟା ସମ୍ପର୍କରେ ପ୍ରତ୍ୟକ୍ଷ ଭାବେ ସାମିଲ ହୋଇ ଆଲୋଚନା କରିବା ସହିତ ସେମାନଙ୍କ ମନୋବଳ ସତେଜ କରିବା ପାଇଁ ସଦସ୍ୟ ମାନଙ୍କ ପକ୍ଷରୁ ପର୍ଯ୍ୟାୟ କ୍ରମେ ଏହି ପ୍ରକ୍ରିୟା ଚାଲୁ ରହିଛି। ଏହି କ୍ରମରେ ସଦସ୍ୟ ମାନେ ସଂଘର ସଦର ବ୍ଲକ ସଂଯୋଜକ ଅଜିତ କୁମାର ମହାନ୍ତି ଙ୍କ ସହ ସାକ୍ଷାତ ଆଲୋଚନା କରିଥିଲେ। ଆଲୋଚନା କାଳରେ ସଂଘର ବିଭିନ୍ନ କାର୍ଯ୍ୟକ୍ରମ, ଅନ୍ୟାନ୍ୟ ପ୍ରସଙ୍ଗ ସହିତ ସ୍ୱାସ୍ଥ୍ୟଗତ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିଶେଷ କରି ଭିଡିଓ ଉତ୍ତୋଳନ କରୁଥିବା ସାମ୍ବାଦିକ ମାନେ ତରବରିଆ ଭାବେ ବୃତ୍ତି ପାଳନ କାର୍ଯ୍ୟ କରିବା ବେଳେ ଅତି ସତର୍କତାର ସହ ନିର୍ଦ୍ଦିଷ୍ଟ ପରିସୀମା ଭିତରେ ନିଜର ସ୍ୱାସ୍ଥ୍ୟ ସୁରକ୍ଷା କୁ ବିଶେଷ ଭାବେ ଧ୍ୟାନ ବା ଅଗ୍ରାଧିକାର ଦେବାକୁ ସଦସ୍ୟ ମାନେ ପରାମର୍ଶ ଦେଇଥିଲେ। ଏହି "ସଦସ୍ୟ ସମ୍ପର୍କ" କାର୍ଯ୍ୟକ୍ରମ ବେଳେ ବାଲେଶ୍ୱର ଜିଲ୍ଲା ଶାଖାର ସଭାପତି ଗଙ୍ଗାଧର ରାଉତ, କୋଷାଧ୍ୟକ୍ଷ ସୁରେଶ ଚନ୍ଦ୍ର ଦାସ, ସଂଗଠନ ସମ୍ପାଦକ ତୃପ୍ତିକାନ୍ତ ପାଢ଼ୀ, ବରିଷ୍ଠ ସଦସ୍ୟ ମନୋଜ କୁମାର ରାଉଳ, ଲକ୍ଷ୍ମୀଧର ଗାଣ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ପରବର୍ତ୍ତୀ ସମୟରେ ଜିଲ୍ଲାର ବିଭିନ୍ନ ବ୍ଲକ ଅଞ୍ଚଳରେ ଅସୁସ୍ଥ ଓ ଚିକିତ୍ସାଧିନ ସାମ୍ବାଦିକ ମାନଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି ବୋଲି ଜିଲ୍ଲା ଶାଖାର ସଭାପତି ଗଙ୍ଗାଧର ରାଉତ ସୂଚନା ଦେଇଛନ୍ତି।



# ବଦଳିଲେ ୨ଜୋନର ଭାଜପା ସଭାପତି





ଖଇରା, ୧୭/୧୦ (ନି.ପ୍ର): ବାଲେଶ୍ୱର ଜିଲା ସିମୁଳିଆ ନିର୍ବାଚନମଣ୍ଡଳୀର ଅନ୍ତର୍ଗତ ୨ଜୋନ(ମଣ୍ଡଳ)ର ସଭାପତି ଙ୍କୁ ପରିବର୍ତ୍ତନ କରାଯାଇଛି । ୬ନମ୍ବର ଅନ୍ତରା ଜୋନରେ କେଳାସ ମାଝୀଙ୍କୁ ଏହି ଦାୟିତ୍ୱ ମିଳିଥିବା ବେଳେ ୪୨ନମ୍ବର ବାଲିଖଣ୍ଡ ଜୋନରେ ଦୀପକ ଖିଲାରଙ୍କୁ ଏହି ଗୁରୁ ଦାୟିତ୍ୱ ମିଳିଛି । ବରିଷ୍ଠ ଭାଜପା ନେତା ତଥା ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କୁ ଏଭଳି ପରିବର୍ତ୍ତନ ସମ୍ପର୍କରେ ପଚାରିବାରେ ପୂର୍ବ ସଭାପତି ମାନଙ୍କ ନିଷ୍କ୍ରିୟତା ତଥା ବର୍ତ୍ତମାନ ନୂତନ ସଦସ୍ୟତା ଅଭିଯାନକୁ ତ୍ୱରାନ୍ୱିତ କରିବାକୁ ଏହି ନିଷ୍ପତ୍ତି ନିଆଯାଇଥିବା କହିଛନ୍ତି । ପୂର୍ବରୁ ବୁଲୁ ଲେଙ୍କା ୬ନମ୍ବରରେ ଏବଂ ପ୍ରଦୀପ ରାୟ ୪୨ନମ୍ବରରେ ଏହି ଦାୟିତ୍ୱରେ ରହିଥିଲେ ।

# ହିନ୍ଦୁ ପରିବାର ଉପରେ ଆକ୍ରମଣ ବିଷୟକୁ ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର

ଭଦ୍ରକ , ୧୭/୧୦ (ନି.ପ୍ର): ଗତ ତା ୦୮.୧୦.୨୦୨୪ ରିଖ ଗୁଜିଦରଡା ପଞ୍ଚାୟତର ଗୋଟିଏ ହିନ୍ଦୁ ପରିବାରକୁ ଆକ୍ରମଣ ହେବା ବିଷୟକୁ ନେଇ ପୋଲିସର ନିଷ୍କ୍ରିୟତା ଯୋଗୁ ଧର୍ମରକ୍ଷା ସମିତି ତରଫରୁ ଜିଲ୍ଲାପାଳଙ୍କୁ ଏକ ଦାବୀପତ୍ର ଦିଆଯାଇଛି। ଘଟଣା ଅନୁଯାୟୀ ଦୋକାନରେ ବସିଥିବା ଶୁଭମ୍ ଜେନା, ବୟସ-୧୭ଙ୍କୁ ଥଣ୍ଡା ପାନୀୟ ବିଷୟକୁ ନେଇ ଟ୍ରାକ୍ଟର ଡ୍ରାଇଭର ସହ ବଚସା ଓ ପରେ ଡ୍ରାଇଭର ଫୋନ ମାଧ୍ୟମରେ ମହମ୍ମଦ ଫରହଦ ଆଲମ (ଲୁକା) ଓ ତାର ଭାଇ ବାବୁଙ୍କୁ ଡକାଇ ମାଡ ମାରୁଥିବାବେଳେ ଶୁଭମର ମା ଓ ଭଉଣୀ ଶୁଭମକୁ ବଞ୍ଚେଇବା ପାଇଁ ଆପ୍ରାଣ ଚେଷ୍ଟା କରିଥିଲେ। ଏଥିରେ ଶୁଭମର ମା' ଆହତ ହୋଇ ଭଦ୍ରକ ମେଡିକାଲରେ ରହି ଚିକିତ୍ସିତ ହୋଇଥିଲେ। ଶୃତିପ୍ରଭା ଜେନା ନିଜ ମୋବାଇଲରେ ଘଟଣା ରେକର୍ଡ କରିଥିଲେ। ସେହି ସମୟରେ ମହମ୍ମଦ ଫରହଦ ଆଲମ (ଲୁକା) ଯୋର ଜବରଦସ୍ତ ମୋବାଇଲ ଛଡାଇ ନେଇଯାଇଥିଲା। ମୋବାଇଲର ସମସ୍ତ ତଥ୍ୟ, ସମସ୍ତ ପ୍ରମାଣ ଓ ଶୃତିପ୍ରଭାର ସମସ୍ତ ନିଜସ୍ୱ ଡାଟା, ଫୋଟୋ, ନମ୍ବର ସବୁକିଛି ନଷ୍ଟ କରିଦିଆଯାଇଥିଲା। ଘଟଣା ଘଟିବାର ଅଢେଇ ଘଣ୍ଟା ପରେ ଲୁକାର ଲୋକ ଇମତିୟାଜ ଓ ସମସଦଙ୍କ ନେତୃତ୍ୱରେ ମୁସଲମାନମାନେ ସଙ୍ଗଠିତ ହୋଇ ଅସ୍ତ୍ରଶସ୍ତ୍ର ଧରି ଶୁଭମର ଘର ଉପରେ ଆକ୍ରମଣ କରିବା ପାଇଁ ଯାଇଥିଲେ। ଏହି ବିଷୟରେ ଶୁଭମର ବାପା ରବିନ୍ଦ୍ର ଜେନା, ମା ଓ ଭଉଣୀ ଗୁଜିଦରଡା ଫାଣ୍ଡିରେ ଲିଖିତ ଅଭିଯୋଗ କରିବା ପାଇଁ ଯାଇଥିଲେ। ସେମାନଙ୍କୁ ଅପରାହ୍ନ ୪.୩୦ ରୁ ରାତ୍ର ୧୨ ଟା ପର୍ଯ୍ୟନ୍ତ ଅଟକ ରଖାଯାଇଥିଲା। ଫାଣ୍ଡିର ଅଧିକାରୀ ବୁଦ୍ଧିରାମ ମହାନ୍ତି କହିଥିଲେକି ଫାଣ୍ଡି ବାହାରେ ୨୦୦ ରୁ ଉର୍ଦ୍ଧ୍ୱ ମୁସଲମାନ ଲୋକ ଉତ୍ତେଜିତ ହୋଇ ରହିଥିବାରୁ ଏ ପରିବାରକୁ ଅଟକାଯାଇଥିଲା। ଲୁକା ଓ ତାର ସହଯୋଗୀମାନେ ଶୁଭମର ପରିବାରକୁ ହତ୍ୟା ଓ ଧର୍ଷଣ ପାଇଁ ଧମକ ଦେଉଛନ୍ତି। ଫାଣ୍ଡି ଅଧିକାରୀ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ନାହିଁ ବୋଲି ସିଧା କହୁଛନ୍ତି। ଘଟଣାକୁ ଚାପି ଦେବା ପାଇଁ ଚେଷ୍ଟା କରୁଛନ୍ତି। ଲୁକା ରାଜନୈତିକ ନେତାମାନଙ୍କୁ ଭ୍ରମିତ କରି ମିଛ କହି ସାମ୍ବାଦିକ ସମ୍ମିଳନୀ ଡକାଇ ବ୍ୟକ୍ତିଗତ ଗଣ୍ଡଗୋଳକୁ ରାଜନୈତିକ ରୂପ ଦେଇ ହିନ୍ଦୁ ପରିବାରକୁ ଅପମାନିତ କରୁଛି। ଲୁକା ନାମରେ ପୂର୍ବରୁ ଅନେକ ଅପରାଧିକ ମାମଲା ଉଚ୍ଚ ନ୍ୟାୟାଳୟ, ଭିଜିଲାନ୍ସ କୋର୍ଟ, ଜିଲ୍ଲା କୋର୍ଟରେ ବିଚାରଧିନ ଅଛି ଏବଂ ସେ ବେଲ୍‌ରେ ଅଛନ୍ତି। ତୁରନ୍ତ ଲୁକା ଓ ତାର ଭାଇକୁ ବାବୁକୁ ଗିରଫ କରାଯାଉ। ଝିଅର ମୋବାଇଲ ନେଇ ଫର୍ମାଟ କରି ସମସ୍ତ ପ୍ରମାଣକୁ ନଷ୍ଟ କରିଥିବା ବ୍ୟକ୍ତିକୁ ଗିରଫ କରାଯାଉ। ଗୁଜିଦରଡାରେ ସାମ୍ପ୍ରଦାୟିକ ଆକ୍ରମଣକୁ ରୋକିବା ପାଇଁ ସେଠାରେ ପୋଲିସ ବ୍ୟାରେକ୍ ନିର୍ମାଣ କରାଯାଉ। କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରିଥିବା ଫାଣ୍ଡି ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ସେଠାରୁ ବଦଳି କରାଯାଉ ବୋଲି ଦାବୀ ହୋଇଛି। ନହେଲେ ଆସନ୍ତା ୩ ଦିନ ମଧ୍ୟରେ ଉପରୋକ୍ତ ସମସ୍ତ ଦାବୀଗୁଡିକ ପୂରଣ ନହେଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବା ସହ ଭଦ୍ରକ ବନ୍ଦ ଡାକରା ଦେବେ ବୋଲି ଧର୍ମରକ୍ଷା ସମିତିର ଆବାହକ ମାନସ ମହାନ୍ତି ସୂଚନା ଦେଇଛନ୍ତି। ଆଜିର ଏହି କାର୍ଯ୍ୟକ୍ରମରେ ଧର୍ମରକ୍ଷା ସମିତିର ସଭାପତି ଡ. ଅଜୟ ପଣ୍ଡା, ସୁରେନ୍ଦ୍ରନାଥ ମହାପାତ୍ର, ଡ. ଅଜୟ ଦାସ, ସାଧାରଣ ସମ୍ପାଦକ ସଞ୍ଜିବ ଦାସ, ବଳରାମ ଜେନା, ଅମିୟ ପରିଡା, ସୌମ୍ୟରଞ୍ଜନ ବାରିକ, ପଦ୍ମନାଭ ପଣ୍ଡା, ଅଧିବକ୍ତା ଅଶ୍ୱିନୀ ଦାସ, ବିଭାସ ନାଥ, ଗୌରାଙ୍ଗ ଜେନା ସହ ସଙ୍ଗଠନର ଶତାଧିକ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।



# ନୀଳଗିରି ମହାଲକ୍ଷ୍ମୀ ପରିବା ମାର୍କେଟରେ ଗଜଲକ୍ଷ୍ମୀ ପୂଜା

ନୀଳଗିରି, ୧୭/୧୦ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ମହାଲକ୍ଷ୍ମୀ ପରିବା ମାର୍କେଟ ପୂଜାକମିଟି ପକ୍ଷରୁ ବୁଧବାର ୨ୟ ବାର୍ଷିକ ମା'ଗଜଲକ୍ଷ୍ମୀଙ୍କ ପୂଜାବିଧି ଯଥାବିଧି ଅନୁଷ୍ଠିତ ହୋଇଯାଇଛି। ସୁନ୍ଦର ସାଜସଜ୍ଜା ସହିତ ରଙ୍ଗୀନ ଆଲୋକମାଳାରେ ପୂଜା ମଣ୍ଡପର ଶୋଭା ଦ୍ୱିଗୁଣିତ ହୋଇଉଠିଥିଲା। ବୁଧବାର ଅପରାହ୍ନରେ ବ୍ରାହ୍ମଣଙ୍କ ମନ୍ତ୍ରପାଠ ସହ ପୂର୍ଣ୍ଣଘଟ କଳସଯାତ୍ରା ପରେ କମିଟି ସଦସ୍ୟ ରାଜୁ ବେହେରା ଏବଂ କିଶୋର ସିଂହ ମାଙ୍କ ପର୍ବରେ କର୍ତ୍ତାଭାବେ ବରଣୀ ହୋଇ ପୂଜାର୍ଚ୍ଚନା କରିଥିଲେ। ଗୁରୁବାର ଉକ୍ତ କମିଟି ପକ୍ଷରୁ ଶ୍ରଦ୍ଧାଳୁ ମାନଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା । ଯୁବ ସମାଜସେବୀ ଶରତ ଦାସ ଏବଂ ସବ୍ୟସାଚୀ ମହାପାତ୍ରଙ୍କ ସହଯୋଗରେ ପ୍ରାୟ ୨ହଜାର ଲୋକଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା। ପାଞ୍ଚଦିନ ଧରି ଚାଲିବାକୁ ଥିବା ପୂଜାପର୍ବରେ ଶୁକ୍ରବାର ଓ ଶନିବାର ଦୁଇଦିନ ଧରି ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି କମିଟିର ସଭାପତି ଜଗଦୀଶ ଦାସ, ଉପସଭାପତି ଚିତ୍ତରଞ୍ଜନ ଜେନା, ସମ୍ପାଦକ ମହେଶ୍ୱର ସାହୁ, କୋଷାଧ୍ୟକ୍ଷ ପ୍ରଦୀପ ପୃଷ୍ଟି ସୂଚନା ଦେଇଛନ୍ତି। ତେବେ ମା ଙ୍କ ପୂଜାର୍ଚ୍ଚନା ପାଇଁ କମିଟି ସଦସ୍ୟ କାର୍ତ୍ତିକ ବାଗ, ତ୍ରିଲୋଚନ ମହାପାତ୍ର,ନରେନ୍ଦ୍ର ଦଳେଇ, ଶରତ ସେଠୀ, ଉମାଶଙ୍କର ଦାସ, ଅରୁଣ କୁମାର ନାୟକ, କିଶୋର କୁମାର ସିଂହ, ରାଜୁ ବେହେରା, ପ୍ରଦୀପ ପୃଷ୍ଟି ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ବୃକ୍ଷ ମା' ଉର୍ମିଳାଙ୍କ ପରଲୋକ: ଶତାବ୍ଦୀ କ୍ଲବ ତରଫରୁ ଶୋକସଭା



ବସ୍ତା, ୧୭/୧୦ (ନି.ପ୍ର): ବାଲେଶ୍ୱର ଜିଲା ବସ୍ତା ଥାନା ଦରଡ଼ା ପଞ୍ଚାୟତ ଅନ୍ତର୍ଗତ କୋଠପଦା ଗ୍ରାମର ବୃକ୍ଷ ମା' ଉର୍ମିଳା ବେହେରା (୬୫)ଙ୍କ ଦେହାନ୍ତ ଘଟିଛି । ସେ ବିଭିନ୍ନ ଅଞ୍ଚଳରେ ତାଳ ଗଛ ସମେତ ଆମ୍ବ, ବଉଳ, ଆକାଶୀ ଆଦି ଚାରା ରୋପଣ କରି ବୃକ୍ଷ ମା' ଭାବେ ଖ୍ୟାତି ଅର୍ଜନ କରିଥିଲେ । ପରିବେଶ ସୁରକ୍ଷା ସହ ଚାରା ରୋପଣ ଦିଗରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଜ୍ୟସରକାରଙ୍କ ପକ୍ଷରୁ ପ୍ରକୃତି ମିତ୍ର ପୁରସ୍କାରରେ ସମ୍ମାନିତ ହୋଇଥିଲେ । ଏଥିସହ ବାଙ୍ଗାଲୋରରେ ଜେଟ୍ କିଙ୍ଗ ପୁରସ୍କାର, ପୁରୀ ଠାରେ ସର୍ବୋଦୟ ମେଳା ପୁରସ୍କାର, ଫକୀର ମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ ପରିବେଶବିତ୍ ପୁରସ୍କାର ସମେତ ବିଭିନ୍ନ ଅନୁଷ୍ଠାନ ତରଫରୁ ସମ୍ମାନିତ ହୋଇଥିଲେ । ବ୍ରେନ ଷ୍ଟ୍ରୋକ୍ ଜନିତ ରୋଗରେ ଆକ୍ରାନ୍ତ ହୋଇ ଗତ ୧୪ ତାରିଖରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ତାଙ୍କର ମୃତ୍ୟୁ ଘଟିଥିଲା । ତାଙ୍କର କନ୍ୟା ଅଧକ୍ଷା ମିନତୀ ରାଣୀ ବେହେରା ଓ ପ୍ରଣତି ମହାନ୍ତି, କ୍ଲବର ଅଧକ୍ଷ ଡ. ତପନ କୁମାର ବେହେରା ଓ ଅଧାପକ ସୁଧାଂଶୁ ମହାନ୍ତିଙ୍କ ସମେତ ବନ୍ଧୁବାନ୍ଧବ, ପରିବାରବର୍ଗ ଓ ଗ୍ରାମବାସୀ ଉପସ୍ଥିତ ଥିଲେ । ଏକ ଶୋଭାଯାତ୍ରାରେ ମୃତଦେହକୁ ନିଆଯାଇ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । କ୍ଲବର ସୁଧାଂଶୁ ମୁଖାଗ୍ନି ଦେଇଥିଲେ । ଆଙ୍କୋ ଶତାବ୍ଦୀ କ୍ଲବର ସଭାପତି ସନ୍ତୋଷ ପରିଡ଼ାଙ୍କ ପୌରହିତ୍ୟରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଥିଲା । ସମ୍ପାଦକ ପ୍ରଶାନ୍ତ ପଟ୍ଟନାୟକ, କୋଷାଧକ୍ଷ ପ୍ରଦୀପ ବେହେରା, ଉପଦେଷ୍ଟା ଜୟକୃଷ୍ଣ ଗିରି, ସୃଷ୍ଟିଧର ପରିଡ଼ା, ସତ୍ୟ ସେନାପତି, ଶାରଦା ପ୍ରସନ୍ନ ପଟ୍ଟନାୟକଙ୍କ ସମେତ ସଭ୍ୟ ରତନ ପରିଡ଼ା, ସୁନିଲ ଦାସ, ସନିଆ ବେହେରା, ନଗେନ୍ଦ୍ର ବେହେରା, ବିଜୟ ଗିରି, ସୁଶାନ୍ତ ବେହେରା ପ୍ରମୁଖ ଯୋଗଦେଇ ଦିବଂଗତ ଆତ୍ମାଙ୍କ ଗୁଣଗାନ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

# ୪୮ତମ ନିଖିରେଶ୍ୱର ସାର୍ବଜନୀନ ଦୁର୍ଗା ପୂଜାତ୍ସୋବ ଉଦ୍‌ଯାପିତ



ଲଙ୍ଗଳେଶ୍ୱର, ୧୭/୧୦ (ନି.ପ୍ର): ବାଲିଆପାଳ ବ୍ଲକ ନିଖିରା ପଞ୍ଚାୟତ ଅଧିନସ୍ଥ ନିଖିରେଶ୍ୱର ଶୈବପୀଠ ପ୍ରାଙ୍ଗଣରେ ୪୮ତମ ନିଖିରେଶ୍ୱର ସାର୍ବଜନୀନ ଦୁର୍ଗା ପୂଜା ଉତ୍ସବ ଉଦଯାପିତ ହୋଇଯାଇଛି । ଉଦଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବସ୍ତା ବିଧାୟିକା ଶ୍ରୀମତୀ ସୁବାସିନୀ ଜେନା ଯୋଗଦେଇ ମା' ଙ୍କ କୃପା ଦର୍ଶନ ଲାଭ କରି, ଆଶୀର୍ବାଦ ଭିକ୍ଷା କରିବା ସହ ଅଂଚଳବାସୀଙ୍କ ସୁଖ ସମୃଦ୍ଧି କାମନା କରିଥିଲେ । ମା'ଙ୍କ ବଡ ପୂଜା ମହାଷ୍ଟମୀ ଅବସରରେ ଆଖ ପାଖ ଅଂଚଳର ବହୁ ଶ୍ରଦ୍ଧାଳୁ ଭକ୍ତ ମା'ଙ୍କ ଠାରେ ଭୋଗ ଲଗାଇଥିଲେ । ସୁନ୍ଦର ଆଲୋକମାଳା ଏବଂ ଆକର୍ଷଣୀୟ ମା' ଦୁର୍ଗା ଦେବୀଙ୍କ ମୃଣ୍ମୟ ପ୍ରତିମା ଦର୍ଶନ ନିମନ୍ତେ ପ୍ରତିଦିନ ସଂନ୍ଧ୍ୟାରେ ଭିଡ ପରିଲକ୍ଷିତ ହୋଇଥିଲା । କମିଟି ପକ୍ଷରୁ ୪ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଯାତ୍ରା ପରିବେଷଣ ହୋଇଥିଲା । ସମସ୍ତ କାର୍ଯ୍ୟକ୍ରମଗୁଡିକୁ ନିଖିରେଶ୍ୱର ସାର୍ବଜନୀନ ଦୁର୍ଗାପୂଜା କମିଟିର ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ ।

# ଶ୍ରୀ ଶ୍ୟାମ ମେଡ଼ିସିନ୍ ଷ୍ଟୋର ଉଦ୍‌ଘାଟିତ




ବାସୁଦେବପୁର, ୧୭/୧୦ (ନି.ପ୍ର): ବାସୁଦେବପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ମାର୍ଗ ନିକଟରେ ନୂତନ ଭାବେ ଶ୍ରୀ ଶ୍ୟାମ ମେଡ଼ିସିନ୍ ଷ୍ଟୋର ଏଣ୍ଡ ପଲ୍ଲୀ କ୍ଲିନିକ୍ ଉଦଘାଟିତ ହୋଇଯାଇଛି । ଏହି ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ବସୁଦେବପୁରର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ । ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ବାସୁଦେବପୁର ଥାନା ଅଧିକାରୀ କବି ଲୋପାମୁଦ୍ରା ନାୟକ ଓ ସୋର ସବ୍ ରେଜିଷ୍ଟର ମାଧୁରୀ ବେହେରା । ଏହି ମେଡ଼ିସିନ୍ ଷ୍ଟୋର ନିର୍ଦ୍ଦେଶକ ଓ ପ୍ରୋପାଇଟର ଦାମୋଦର ବେହେରା ସମସ୍ତ ଅତିଥି ମାନଙ୍କୁ ଫୁଲ ତୋଡା ଦେଇ ଅଭିନନ୍ଦନ ଜଣାଇବା ସହିତ ଧନ୍ୟବାଦ୍ ଅର୍ପଣ କରିଥିଲେ । ଆଖି, ଦାନ୍ତ, ଚର୍ମ ଓ ବିଭିନ୍ନ ରୋଗର ଚିକିତ୍ସା ପାଇଁ ବହୁ ବଡ ଡାକ୍ତର ଓ ପ୍ରଫେସର ଏହି ଅନୁଷ୍ଠାନକୁ ଆସୁଛନ୍ତି । ଅନେକ ରୋଗୀ ମାନଙ୍କୁ ଏଠାରେ ସୁଲଭ ମୂଲ୍ୟରେ ଚିକିତ୍ସା କରାଯିବ ଓ ଅନେକ ସୁବିଧା ସୁଯୋଗ ଯୋଗାଇ ଦିଆ ଯିବ ବୋଲି ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରକାଶ କରିଥିଲେ ।

# କୋଲକାତା ଯିବ କମିଶନରେଟ ପୋଲିସ ଟିମ – ଡିସିପି ପିନାକ ମିଶ୍ର

ଭୁବନେଶ୍ୱର, ୧୭/୧୦ (ନି.ପ୍ର): ରାଜଧାନୀ ଭୁବନେଶ୍ୱରରୁ ୬ ସାଇବର ଠକ ଗିରଫ ହେବା ମାମଲାରେ ଅଧିକ ତଦନ୍ତ ପାଇଁ କମିଶନରେଟ ପୋଲିସ ଟିମକୁ କୋଲକାତା ପଠାଯିବ ବୋଲି ସୂଚନା ଦେଇଛନ୍ତି ଡିସିପି ପିନାକ ମିଶ୍ର । ସେ କହିଛନ୍ତି ଯେ ଟଙ୍କା ଲୁଟିବାକୁ ସାଇବର ଲୁଟେରା ନୂଆ ତରିକା ଆପଣାଇଛନ୍ତି । ସିଷ୍ଟମରେ ଆଂଟିଭାଇରସ ଅପଲୋଡ ଆଳରେ କରୁଛନ୍ତି ଲୁଟ୍ । ଲୋକଙ୍କ ସିଷ୍ଟମକୁ ନିଜ ଆୟତ୍ତକୁ ଆଣିବା ସହ ଲୁଟ୍ କରୁଛନ୍ତି । ସେ କହିଛନ୍ତି ଯେ ସମସ୍ତ ଅଭିଯୁକ୍ତ ପଶ୍ଚିମବଙ୍ଗ ଅଂଚଳର ହୋଇଥିବା ସୂଚନା ମିଳିଛି । ଅଭିଯୁକ୍ତ ମାନେ କଷ୍ଟମର କେୟାର ସେଂଟର ଖୋଲି ଲୋକଙ୍କୁ ଲୁଟୁଥିଲେ । ତେଣୁ ଏହି ମାମଲାରେ ଅଧିକ ତଦନ୍ତ ପାଇଁ କୋଲକାତା ପୋଲିସର ଏକ ଟିମକୁ ପଠାଯିବ ।

# ଜଳେଶ୍ୱର ଅଞ୍ଚଳ ଏବେ ଡେଙ୍ଗୁ ଆତଙ୍କ

ଜଳେଶ୍ୱର, ୧୭/୧୦ (ନି.ପ୍ର): ଜଳେଶ୍ୱର ବ୍ଲକ ସମ୍ପତିଆ ଗ୍ରାମ ପଞ୍ଚାୟତ ରେଡେଙ୍ଗୁ ଆତଙ୍କ ଦେଖାଦେଇଛି । ଉକ୍ତ ଗ୍ରାମରେ ୩ଜଣଙ୍କୁ ଡେଙ୍ଗୁ ହୋଇଥିବାର ଚିହ୍ନଟ ହୋଇଥିବା ବେଳେ ଅନ୍ୟ ୯ଜଣଙ୍କୁ ଜ୍ୱର ହୋଇଥିବା ଜଣାପଡିବା ପରେ ହାତୀଗଡ ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ର ପକ୍ଷରୁ ଜନସାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଫକୀର ମୋହନ ପ୍ରଧାନଙ୍କ ସହିତ ଏକ ଟିମ ଗ୍ରାମ ପରିଦର୍ଶନ କରି ଲୋକମାନଙ୍କୁ ଡେଙ୍ଗୁ ବିଷୟରେ ସଚେତନ କରାଇବା ସହିତ ପରିସ୍ଥିତି ଅନୁଧ୍ୟାନ କରିଛନ୍ତି । ସମ୍ପତିଆ ଗ୍ରାମର ଆକ୍ରାନ୍ତ ୩ଜଣଙ୍କ ପାଖରୁ ଡେଙ୍ଗୁର ନମୁନା ମିଳିବା ପରେ ବାଲେଶ୍ୱର ସଦର ହସପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ । ଆକ୍ରାନ୍ତ ୩ଜଣ ବର୍ତ୍ତମାନ ସୁସ୍ଥ ହୋଇଥିବା ବେଳେ ଗ୍ରାମର ଅନ୍ୟ ୯ଜଣଙ୍କୁ ଜ୍ୱର ହୋଇଥିବାରୁ ସେମାନଙ୍କୁ ପରୀକ୍ଷା କରାଯାଇ ଚିକିତ୍ସିତ ହେଉଥିବା ଜଣାଯାଇଛି । ଗ୍ରାମରେ ସାସ୍ଥ୍ୟ କର୍ମୀ, ଆଶା କର୍ମୀ ଓ ଅଙ୍ଗନବାଡି କର୍ମୀ ମାନଙ୍କ ଦ୍ୱାରା ଲୋକମାନଙ୍କୁ ସଚେତନତା କରାଯାଉଥିବା ବେଳେ ଗ୍ରାମବାସୀଙ୍କ ମଧ୍ୟରେ ଡେଙ୍ଗୁର ଆତଙ୍କ ଦେଖାଦେଇଛି । ଏ ବାବଦରେ ହାତିଗଡ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ର ମୁଖ୍ୟ ଅଜୟ ସାହୁ ଙ୍କୁ ପଚାରିବାରୁ ସେ କହିଥିଲେ କି ଆଜି ଏକ ଟିମ୍ ସମ୍ପତିଆ ପଂଚାୟତ କୁ ଯାଇ ୨୨ ଜଣଙ୍କ ଠାରୁ ବ୍ଲଡ଼ ନମୁନା ସଂଗ୍ରହ କରାଯାଇଛି ।

# ଭାରତ-କାନାଡା ସମ୍ପର୍କର କ୍ଷତି ହେବାକୁ ନେଇ ଦାୟୀ କେବଳ ଟ୍ରୁଡୋ: ଭାରତ

ନୂଆଦିଲ୍ଲୀନୂଆଦିଲ୍ଲୀ, ୧୭/୧୦ : କାନାଡାର ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋଙ୍କ ବିବୃତ୍ତି ପରେ ଭାରତର ବିଦେଶ ମନ୍ତ୍ରାଳୟ ଆଜି ଏକ ବିଜ୍ଞପ୍ତି ଜାରି କରିଛି । ଏଥିରେ କୁହାଯାଇଛି ଯେ ଟ୍ରୁଡୋଙ୍କ ଏହି ଅବିବେକୀ ଆଚରଣ କାରଣରୁ ଭାରତ-କାନାଡା ସମ୍ପର୍କକୁ କ୍ଷତି ହୋଇଛି । ଏହା ପାଇଁ କେବଳ ଏବଂ କେବଳ ପ୍ରଧାନମନ୍ତ୍ରୀ ଟ୍ରୁଡୋ ଦାୟୀ । ଭାରତୀୟ ବୈଦେଶିକ ମନ୍ତ୍ରଣାଳୟର ପ୍ରବକ୍ତା ରଣଧୀର ଜୟସ୍ୱାଲ କହିଛନ୍ତି, 'ଆଜି ଆମେ ଯାହା ଶୁଣିଛୁ, ସେଥିରେ ଆମେ ଯାହା ନିରନ୍ତର କହୁଥିଲୁ ତାହା ପ୍ରମାଣିତ ହୋଇଛି । କାନାଡା ଭାରତ ଓ ଭାରତୀୟ କୂଟନୈତିକ ମାନଙ୍କ ବିରୋଧରେ ଥିବା ଗୁରୁତର ଅଭିଯୋଗକୁ ସମର୍ଥନ କରିବା ପାଇଁ କେହି ସାକ୍ଷ୍ୟ ପ୍ରଦାନ କରିନାହିଁ। ଏହି ଅବିବେକୀ ଆଚରଣ କାରଣରୁ ଭାରତ-କାନାଡା ସମ୍ପର୍କକୁ ଯେଉଁ କ୍ଷତି ହୋଇଛି, ସେଥିପାଇଁ କେବଳ ପ୍ରଧାନମନ୍ତ୍ରୀ ଟ୍ରୁଡୋ ଦାୟୀ।'

# ଇକଡ଼ପାଳ ଦୁର୍ଗାପୂଜା ଅବସରରେ ଅନୁଷ୍ଠିତ କବାଡି ଟୁର୍ଣ୍ଣାମେଣ୍ଟ ବୁଧବାର ଉଦ୍‌ଯାପିତ



ଲଙ୍ଗଳେଶ୍ୱର, ୧୭/୧୦ (ନି.ପ୍ର): ବାଲିଆପାଳ ବ୍ଲକ ବିଷ୍ଣୁପୁର ପଞ୍ଚାୟତର ଇକଡ଼ପାଳ ୬୨ ତମ ସାର୍ବଜନୀନ ଦୁର୍ଗାପୂଜା ଅବସରରେ ଅନୁଷ୍ଠିତ ୫ ଦିନିଆ କବାଡି ଟୁର୍ଣ୍ଣାମେଣ୍ଟ ବୁଧବାର ଉଦଯାପିତ ହୋଇଯାଇଛି। ଗତ ୧୨ ତାରିଖ ଅର୍ଥାତ ମା ଦୁର୍ଗା ଦେବୀଙ୍କ ନବମୀପୂଜାଠାରୁ କବାଡି ଖେଳ ଆରମ୍ଭ ହୋଇ ବୁଧବାର ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଫାଇନାଲରେ ବାଲିଆପାଳ କବାଡ଼ି ଟିମ ସହିତ ଭୋଗରାଇ କବାଡ଼ି ମିଟ ମଧ୍ୟରେ ଚିତାକର୍ଷକ ଖେଳ ଅନୁଷ୍ଠିତ ହୋଇ ଥିଲା। ବାଲିଆପାଳ କବାଡ଼ି ଟିମ ବିଜୟ ହୋଇ ଥିଲେ। ଉଦଯାପନ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବରିଷ୍ଠ ସାମ୍ବାଦିକ ତଥା ସମାଜସେବୀ ଅଜୟ କୁମାର ସାହୁ ଯୋଗଦେଇ ଏହି ଅବସରରେ ବକ୍ତବ୍ୟ ପ୍ରଦାନ କରିବା ସହିତ ବିଜୟୀ ବାଲିଆପଳ କବାଡ଼ି ଟିମ ଓ ରନର୍ସଅପ ଭୋଗରାଇ କବାଡି ଟିମକୁ ପୁରସ୍କାର ଓ କପ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଭୁବନ ମୋହନ ପିଳା,ଦୁର୍ଗାପୂଜା କମିଟିର ସମ୍ପାଦକ ସଞ୍ଜୟ କୁମାର ପାତ୍ର ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। କମିଟିର ବରିଷ୍ଠ ସଦସ୍ୟ ଉତ୍ତମ କୁମାର ପିଳାଙ୍କ ପରିଚାଳନାରେ ଅନୁଷ୍ଠିତ କବାଡ଼ି ଖେଳକୁ ହେମନ୍ତ ପରିଡା,କାର୍ତ୍ତିକ ଭଞ୍ଜ ଓ ରାଜୀବ ସାହୁ ରେଫରି ଭାବେ ଖେଳ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ସଞ୍ଜୟ ପ୍ରଧାନ, ଜୟନ୍ତ ବେହେରା, ପୋଲିନ ପରିଡା, ଜୟାନନ୍ଦ ଜେନା ପ୍ରମୁଖ ସହଯୋଗ କରିଥିଲେ। ସଭାପତି ଦୁଦର୍ଶନ ପ୍ରଧାନ, ରଘୁନାଥ ପରିଡା, ଗୌରମୋହନ ପାତ୍ର, ପରୀକ୍ଷିତ ନାୟକ,ମନୋରଞ୍ଜନ ପିଳା,ସଞ୍ଜୟ ରାଉତ ଓ ସମସ୍ତ ସଦସ୍ୟ ବୃନ୍ଦ ସହଯୋଗ କରିଥିଲେ।

# ସରକାରୀ ଫାଇଲ କହୁଛି ସବୁ ଠିକ୍ ଠାକ୍ ଚାଲିଛି: ଅଙ୍ଗନୱାଡ଼ି ମାଟି ମାଡ଼ି ନାହାଁନ୍ତି ୩୦ରୁ ଅଧିକ ଛାତ୍ର ଛାତ୍ରୀ

ଉଦଳା , ୧୭/୧୦ (ନି.ପ୍ର): କପ୍ତିପଦା ବ୍ଲକର ପଦ୍ମପୋଖରୀ ପଂଚାୟତ ଅନ୍ତର୍ଗତ ବ୍ରାହ୍ମଣିପାଳ ଓ ଡୁଭିଆ ଗ୍ରାମର ପ୍ରାୟ ୩୦ରୁ ଅଧିକ ପିଲା ଆଦୌ ଅଙ୍ଗନୱାଡ଼ିର ମାଟି ମାଡ଼ି ନାହାଁନ୍ତି । ଖବର ନେବାରୁ ଜଣାଯାଇଛି ଉକ୍ତ ଦୁଇ ଗ୍ରାମର ପିଲାଙ୍କ ନାମ ଶାସନସାହି ଅଙ୍ଗନୱାଡ଼ିକେନ୍ଦ୍ରରେ ରହିଛି । ଏଠାରେ ଅଙ୍ଗନୱାଡ଼ି ସେବା ଠିକ୍ ଠାକ୍ ଚାଲିଛି ବୋଲି ସରକାରୀ ଫାଇଲ କହୁଥିବା ବେଳେ, ବ୍ରାହ୍ମଣିପାଳ ଓ ଡୁଭିଆଗ୍ରାମର ପ୍ରାୟ ୩୦ରୁ ଅଧିକ ପିଲା ଆଦୌ ଅଙ୍ଗନୱାଡ଼ିର ମାଟି ମାଡ଼ିନାହାଁନ୍ତି ବୋଲି ଗ୍ରାମବାସୀ ମାନେ ଜଣାଇଛନ୍ତି । ତେବେ ପିଲାମାନେ ନାମ ଲେଖାଇବା ପରେ କାହିଁକି ଅଙ୍ଗନୱାଡ଼ିକୁ ଆସୁନାହାଁନ୍ତି ବୋଲି ପ୍ରଶ୍ନ କରିବାରୁ, ଗ୍ରାମବାସୀ କହିଲେ ଶାସନସାହି ଏଠାରୁ ୩ କିମିରୁ ଅଧିକ ଦୂର ହେବ । ଜଙ୍ଗଲ ରାସ୍ତା ପାରି ହୋଇ ପିଲାଙ୍କୁ ନିୟମିତ ଯିବା ଆସିବା କଷ୍ଟକର ହୋଇପଡ଼ିଛି । ତେଣୁ ପିଲାଏ ବାଧ ହୋଇ ଅଙ୍ଗନୱାଡ଼ି ଯିବା ବନ୍ଦ କରିଦେଇଛନ୍ତି । ସେହିପରି ଗର୍ଭବତି ମହିଳାମାନେ ମଧ୍ୟ ଅଙ୍ଗନୱାଡ଼ିସେବା ପାଇବା ପାଇଁ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ତେବେ ଉକ୍ତ ଦୁଇ ଗ୍ରାମରେ ଆଉଦୁଇଟି ନୂଆ ଅଙ୍ଗନୱାଡ଼ି କେନ୍ଦ୍ର ଖୋଲିବାକୁ ଗ୍ରାମବାସୀ ମାନେ ଦାବି ଜଣାଇଛନ୍ତି । ଜନଜାଗୃତି ମଂଚର ସଦସ୍ୟ ମାନେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ଅନୁରୋଧ କରିଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Managing & Executive Editor : Srustidhar Parida
❒ Editor: Sairindhree Sahoo